R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୮୪
ତିଥି : ଏକାଦଶୀ
୨୨ ଜୁଲାଇ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 284
22 Jully 2025,Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଭିଜିଲାନ୍ସ ଜାଲରେ କୁବେର ଡିଏଫଓ

## ମୋଟ୍ ୧୧୫ ପ୍ଲଟ୍ ଠାବ: ନିଜ ନାଁରେ ୫୩, ପତ୍ନୀଙ୍କ ନାଁରେ ୪୨, ୨ ପୁଅଙ୍କ ନାଁରେ ୧୬ ଓ ଝିଅ ନାଁରେ ୪ ପ୍ଲଟ୍



କେନ୍ଦୁଝର,୨୧।୭(ସବ୍ୟୁ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦୁଝର କେନ୍ଦୁ ପତ୍ର ଡିଭିଜନ୍ ଡିଏଫଓ ନିତ୍ୟାନନ୍ଦ ନାୟକ । ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଆଜି ତାଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରିଥିବା ବେଳେ ତାଙ୍କର ୧୧୫ଟି ପ୍ଲଟ୍ ଥିବା ଜଣାପଡିଛି । ଏହି ୧୧୫ଟି ପ୍ଲଟ୍ ମଧ୍ୟରୁ ୫୩ଟି ଶ୍ରୀ ନାୟକଙ୍କ ନାଁରେ ଥିବା ବେଳେ ୪୨ଟି ତାଙ୍କ ପତ୍ନୀଙ୍କ ନାଁରେ, ୧୬ଟି ତାଙ୍କ ଦୁଇ ପୁଅଙ୍କ ନାଁରେ ଓ ୪ଟି ପ୍ଲଟ୍ ତାଙ୍କ ଝିଅଙ୍କ ନାଁରେ ରହିଛି । ସବୁ ପ୍ଲଟ୍ଗୁଡ଼ିକ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ କିଣିଛନ୍ତି ଡିଏଫ୍ଓ ଶ୍ରୀ ନାୟକ । ୧୯୯୨ରେ ରେଞ୍ଜ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିବା ପରଠାରୁ ୨୦୨୪ ମଧ୍ୟରେ ଶ୍ରୀ ନାୟକ ଏହି ସବୁ ପ୍ଲଟ୍ କିଣିଛନ୍ତି । ଏହି ସମୟ ମଧ୍ୟରେ ସେ ଫରେଷ୍ଟ ରେଞ୍ଜ ଅଫିସର, ଆସିଷ୍ଟାଣ୍ଟ କଞ୍ଜରଭେଟର ଫରେଷ୍ଟ, ଡେପୁଟି କଞ୍ଜରଭେଟର ଓ ଡିଏଫ୍ଓ ଭଳି ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି ।

ସୂଚନାଯୋଗ୍ୟ, ନିତ୍ୟାନନ୍ଦ ନାୟକ ୧୯୯୨ ଅପ୍ରେଲ ୫ ତାରିଖରେ ଫରେଷ୍ଟ ରେଞ୍ଜର ଭାବେ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ଅନୁଗୁଳସ୍ଥିତ ଏଫ୍ଆରସିରେ ତାଲିମ ଶେଷ କରି ସୁନ୍ଦରଗଡ଼ ଫରେଷ୍ଟ ଡିଭିଜନ ଅଧୀନ ହେମଗିରି ରେଞ୍ଜରେ ରେଞ୍ଜ ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିଲେ । ଏହା ପରେ ସେ ୧୯୯୨ ଅକ୍ଟୋବର ୧୫ରୁ ୨୦୧୫ ମେ ୨୭ ପର୍ଯ୍ୟନ୍ତ ଫରେଷ୍ଟ ରେଞ୍ଜର ଭାବେ ସମ୍ବଲପୁର, ଢେଙ୍କାନାଳ, ସୁବର୍ଣ୍ଣପୁର ଓ ନୂଆପଡ଼ା ଜିଲ୍ଲାର ଭିନ୍ନଭିନ୍ନ ରେଞ୍ଜରେ କାମ କରିଥିଲେ । ସେ ଓଡ଼ିଶା ବନ୍ୟ ସେବା (ଓଏଫ୍ଏସ୍)କୁ ପଦୋନ୍ନତି ପାଇ ୨୦୧୫ ମେ ୨୭ରେ ଖରିଆର ଡିଭିଜନର ଏସିଏଫ୍ ହୋଇଥିଲେ । ୨୦୧୭ ସେପ୍ଟେମ୍ବର ୬ରୁ ୨୦୨୨ ଅଗଷ୍ଟ ୩୦ ଯାଏଁ ରାୟଗଡ଼ା ଫରେଷ୍ଟ ଡିଭିଜନର ଏସିଏଫ୍ ଥିଲେ । ଏହା ପରେ ୨୦୨୨ ସେପ୍ଟେମ୍ବର ୭ରେ ପଦୋନ୍ନତି ପାଇଁ ଅତିରିକ୍ତ ବନ୍ୟ ସଂରକ୍ଷକ ହୋଇଥିଲେ । ଭୁବନେଶ୍ୱର ପିସିସିଏଫ (ବନ୍ୟପ୍ରାଣୀ) କାର୍ଯ୍ୟାଳୟରେ ୨୦୨୨ ଅଗଷ୍ଟ ୩୧ରେ ଯୋଗ ଦେଇଥିଲେ । ଏହା ପରେ ସେ ପୁଣି ଥରେ ୨୦୨୪ ଜାନୁଆରି ୨୪ ତାରିଖରେ ପଦୋନ୍ନତି ପାଇଁ କେନ୍ଦୁଝର କେନ୍ଦୁପତ୍ର ଡିଭିଜନରେ ଡିଏଫ୍ଓ ହୋଇଥିଲେ ।

୧୧୫ଟି ପ୍ଲଟ ସହିତ ଅନୁଗୋଳର ତୁରଙ୍ଗରେ ଡିଏଫଓ ଶ୍ରୀ ନାୟକଙ୍କର ଏକ ଚାରି ମହଲା କୋଠା ଅଛି । ପ୍ରାୟ ୯୦୦୦ ବର୍ଗଫୁଟ୍ ଅଞ୍ଚଳରେ ଏହି କୋଠାଟି ତିଆରି ହୋଇଛି । ତାଙ୍କ ଘରୁ ୧.୧୯ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି । ତାଙ୍କର ୪ଟି ଚାରି ଚକିଆ ଗାଡ଼ି ଓ ୪ଟି ଦୁଇ ଚକିଆ ଗାଡ଼ି ରହିଛି । ଏହା ସହିତ ତାଙ୍କ ବ୍ୟାଙ୍କ ଓ ଅନ୍ୟାନ୍ୟ ଜମି ସହିତ କିଛି ସ୍ଥାନରେ ନିବେଶ ମଧ୍ୟ ରହିଛି । ସେ ନେଇ ତଦନ୍ତ ଜାରି ରହିଛି । (୯ ପୃଷ୍ଠାରେ)

# ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତା



- ଭୁବନେଶ୍ୱରରୁ ଏୟାର ଆମ୍ବୁଲାନ୍ସରେ ନିଆଗଲା
- ୭୫% ଶରୀର ଜଳିଛି, ଅକ୍ସିଜେନ ସପୋର୍ଟରେ ଅଛନ୍ତି
- ସରକାର ସମସ୍ତ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୭ (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ବାୟାବର ଗ୍ରାମରେ ଗତକାଲି ୩ ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଅଗ୍ନିକାଣ୍ଡ ଶିକାର ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହୋଇଥିବା ପୀଡ଼ିତାଙ୍କୁ ଅଧିକ ଚିକିତ୍ସା ଲାଗି ସ୍ୱତନ୍ତ୍ର ଏୟାର ଲିଫ୍ଟ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ଅପରାହ୍ଣ ୪.୨୦ରେ ଦିଲ୍ଲୀ ଏମ୍ସର ବର୍ଣ୍ଣ ଆଇସିୟୁ ବିଭାଗର ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବ୍ଲକ୍‌ରେ ଭର୍ତ୍ତି କରାଯାଇଛି । ପୀଡ଼ିତା ୭୫% ଜଳି ଯାଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି । ସେ ଏବେ ଅକ୍ସିଜେନର ସପୋର୍ଟରେ ଥିବା ବେଳେ ଏକ ଡାକ୍ତରୀ ଟିମ୍ ଚିକିତ୍ସା ନିରୀକ୍ଷଣ କରୁଛନ୍ତି ।

ପୀଡିତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ରବିବାର ମଧ୍ୟାହ୍ନ ପ୍ରାୟ ୧୨.୨୩ ମିନିଟ୍‌ରେ ଏମ୍ସ ଭୁବନେଶ୍ୱରରୁ ଗ୍ରୀନ୍ କରିଡରରେ ଯାଇ ୧୨.୪୦ ମିନିଟ୍‌ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ । ଏହାପରେ ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଯାଇ ପୀଡ଼ିତା ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ । ପରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭର୍ତ୍ତି କରାଯାଇଛି । ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି । ସୋସିଆଲ ମିଡ଼ିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଲ୍ଲେଖ କରିଛନ୍ତି ଯେ, ପୁରୀ ଜିଲ୍ଲାର ବଳଙ୍ଗାଠାରେ ଘଟି ଯାଇଥିବା ଅଘଟଣ ପାଇଁ ମୁଁ ଗଭୀର ଭାବେ ମର୍ମାହତ । ପୀଡ଼ିତାଙ୍କ ସର୍ବୋତ୍ତମ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସରୁ ଏୟାରଲିଫ୍ଟ କରାଯାଇଛି । ଏଥିପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ । ବ୍ୟକ୍ତିଗତ ଭାବେ ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଝିଅଟିର ତ୍ୱରିତ ଆରୋଗ୍ୟକାମନା ନିମନ୍ତେ ପ୍ରାର୍ଥନା କରୁଛି । ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରତିକ୍ରିୟାରେ କହିଛନ୍ତି ସର୍ବୋତମ (୯ ପୃଷ୍ଠାରେ)

**ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣା**

# ମିଳିଲାଣି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ବାଲେଶ୍ୱର,୨୧।୭ (ସବ୍ୟୁ): ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାକୁ ସପ୍ତାହେ ବିତିଥିବା ବେଳେ ୩ଟି ସଂସ୍ଥା ଦ୍ୱିତୀୟ ଦିନରେ ତଦନ୍ତ କରିଥିବା ଜଣାପଡ଼ିଛି। ଆଇସିସି କମିଟି ସଦସ୍ୟ, ମୃତ ଛାତ୍ରୀଙ୍କ ସାଙ୍ଗସାଥୀ, ବିଏଡ ବିଭାଗର ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ତଦନ୍ତକାରୀ ସଂସ୍ଥାଗୁ ଛାତ୍ରୀଙ୍କ ମୃତ୍ୟୁ ପାଇଁ କେଉଁ କେଉଁମାନେ ଦାୟୀ, ସେନେଇ ତଥ୍ୟ ସଂଗ୍ରହ କରୁଛନ୍ତି। ଯଦିଓ ତଦନ୍ତକାରୀ ଅଧିକାରୀମାନେ ଗଣମାଧ୍ୟମ ଆଗରେ କିଛି କହୁ ନାହାନ୍ତି, ସେମାନେ ଘଟଣା ସଂକ୍ରାନ୍ତରେ ଅନେକ ତଥ୍ୟ ହାସଲ କରିସାରିଥିବା ବିଶ୍ୱସ୍ତସୂତ୍ରରୁ ଖବର ମିଳିଛି।ମୃତ ଛାତ୍ରୀ ଇଣ୍ଟିଗ୍ରେଟେଡ ବିଏଡ ବିଭାଗର ହୋଇଥିବାରୁ ୟୁଜିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ର ଅଧ୍ୟକ୍ଷ ନୂଆଦିଲ୍ଲୀ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜକୁମାର ମିତ୍ତଲ, ସଂଯୋଜକ ତଥା ୟୁଜିସିର ଯୁଗ୍ମ ନିର୍ଦ୍ଦେଶକ ଅସୀମା ମଙ୍ଗଲ, ୟୁଜିସିର ପୂର୍ବତନ କମିସନ ସଦସ୍ୟ ପ୍ରଫେସର ସୁଷମା ଯାଦବ ଓ ଗୁଜୁରାଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ନୀରୋଜ ଗୁପ୍ତା ରବିବାର ସକାଳ ପ୍ରାୟ ୮ଟା ବେଳେ କଲେଜର ଇଷ୍ଟ କ୍ୟାମ୍ପସ୍ରେ ଥିବା ଇଣ୍ଟିଗ୍ରେଟେଡ ବିଏଡ ବିଭାଗକୁ ଯାଇ ବିଭାଗୀୟ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ପରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଫିରୋଜ କୁମାର ପା଀ଙ୍କୁ ପଚରାଉଚରା କରିଥିଲେ।ଅନ୍ୟପଟେ ଉଚ୍ଚଶିକ୍ଷା ବିଭାଗ ଟିମରେ ଥିବା ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଯୁଗ୍ମ ନିର୍ଦ୍ଦେଶକ ମୌସୁମୀ ନାୟକ ଓ ବିଜେବି କଲେଜର ପ୍ରଫେସର ଝୁମୀ ରଥ ଆଇଆଇସି କମିଟି ସଦସ୍ୟମାନଙ୍କୁ ଝାଳବୁହା ଜେରା କରିଛନ୍ତି । (୯ ପୃଷ୍ଠାରେ)

# ଆଜିଠାରୁ ସଂସଦର ମୌସୁମୀ ଅଧିବେଶନ



- ବସିଲା ସର୍ବଦଳୀୟ ବୈଠକ
- ଅପରେସନ ସିନ୍ଦୂର ନେଇ ହେବ ଖୋଲା ଆଲୋଚନା

ନୂଆଦିଲ୍ଲୀ,୨୧।୭: ସୋମବାରଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ । ଏହି ଅଧିବେଶନରେ ସରକାର ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ସହିତ 'ଅପରେସନ ସିନ୍ଦୂର' ବିଷୟରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି କହିଛନ୍ତି । ସେ କହିଛନ୍ତି ଯେ ସରକାର କୌଣସି ପ୍ରସଙ୍ଗକୁ ଏଡ଼ାଇ ଯିବାକୁ ଚାହୁଁନାହାନ୍ତି । ଆମେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ । ଗୃହକୁ ସୁରୁଖୁରୁରେ ଚଲାଇବାକୁ ହେଲେ ସରକାର ଓ ବିରୋଧୀଙ୍କ ମଧ୍ୟରେ ସଠିକ ସମନ୍ୱୟ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି ।ବିରୋଧୀମାନେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ଦାବି ପ୍ରସଙ୍ଗ ଉଠାଇବାକୁ ପ୍ରସ୍ତୁତ ଥିବା ନେଇ ସାମ୍ବାଦିକମାନେ କହିବା ପରେ ମନ୍ତ୍ରୀ ଶ୍ରୀରିଜିଜୁ କହିଥିଲେ ଯେ ସରକାର ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଗୃହ ଭିତରେ ଦେବେ, ଗୃହ ବାହାରେ ନୁହେଁ ।ସେ କହିଛନ୍ତି ଯେ ଗୃହରେ ଗଠନମୂଳକ ବିତର୍କ ହେବା ଉଚିତ ଯେତେବେଳେ ବି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂସଦରେ ଉଠେ, ପ୍ରଧାନମନ୍ତ୍ରୀ ସବୁବେଳେ ଉପସ୍ଥିତ ରହନ୍ତି ।

କିରଣ ରିଜିଜୁ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ସରକାର ୧୭ଟି ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି ।ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛ । ଏଥିରେ ୫୧ଟି ରାଜନୀତିକ ଦଳର ୫୪ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ । ଏହି ବୈଠକ ବେଶ୍ ଗଠନମୂଳକ ଥିଲା ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତ । ଏଥିରେ ଏନ୍ଡିଏ, ୟୁପିଏ (ଇଣ୍ଡି ବ୍ଲକ୍) ଓ ସ୍ୱାଧୀନ ସାଂସଦମାନେ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ ।ବିଭିନ୍ନ ପ୍ରସଙ୍ଗରେ ସଂସଦରେ ବିତର୍କ କରିବା ପାଇଁ ସେମାନେ ଦାବି କରିଥିଲେ ।

ଏହି ବୈଠକରେ ବିରୋଧୀ ଦଳ ଅନେକ ପ୍ରସଙ୍ଗରେ ସରକାରଙ୍କୁ ଘେରି ପ୍ରଧାନମନ୍ତ୍ରୀଙ୍କଠାରୁ ଗୃହରେ ବିବୃତ୍ତି ଦାବି କରିଥିଲେ । ବୈଠକରେ ବିରୋଧୀ ଦଳଗୁଡ଼ିକ ପହଲଗାମରେ ଆତଙ୍କବାଦୀ ଆକ୍ରମଣ, ଅପରେସନ ସିନ୍ଦୁର ହଠାତ୍ ବନ୍ଦ ହେବା ଏବଂ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଉପରେ ପୂର୍ବତନ ଆମେରିକା ରାଷ୍ଟ୍ରପତି (୯ ପୃଷ୍ଠାରେ)

**ନାବାଳିକା ଛାତ୍ରୀ ପୋଡ଼ି ମାମଲା**

# ପୀଡ଼ିତାଙ୍କ ଗାଁରେ ପୋଲିସ ଡିଜି



## ଏଫ୍ଏସ୍ଏଲ୍ର ୧୦ ଜଣିଆ ଟିମ୍ର ପଚରାଉଚରା

ବଳଙ୍ଗା, (ସବ୍ୟୁ):ବଳଙ୍ଗା ନାବଳିକା ପୋଡ଼ି ମାମଲାରେ ରବିବାର ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ଫୋରେନସିକ ଲ୍ୟାବର ୧୦ ଜଣିଆ ଟିମ ଘଟଣା ସ୍ଥଳରେ ପହଞ୍ଚି ପୀଡିତାକୁ ସାହାଯ୍ୟ କରିଥିବା ଦୁଃଖି ଶ୍ୟାମ ଘର ଠାରେ ପହଞ୍ଚି କଥାବାର୍ତ୍ତା କରିବା ସହିତ ଘଟଣା ସ୍ଥଳରୁ କିଛି ନମୁନା ସଂଗ୍ରହ କରି ସାଙ୍ଗରେ ନେଇଛନ୍ତି।। ସେହିପରି ଅପରାହ୍ନରେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ପୁରୀ ଏସ ପି ପିନାକ ମିଶ୍ର ଓ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀନ କୁମାରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ପୀଡିତାଙ୍କ ଘରକୁ ଯାଇ ସାହି ପଡିଶା ଲୋକଙ୍କ ସହ ଆଲୋଚନା କରି ସ୍ଥିତି ଯାଞ୍ଚ କରିଥିଲେ । ଏହାପରେ ବଳଙ୍ଗା ଥାନାରେ ଦୁଇ ଘଣ୍ଟାରୁ ଉର୍ଦ୍ଧ ସମୟ (୯ ପୃଷ୍ଠାରେ)

# ଆଉ ଖୋଲାରେ ମିଳିବନି ପେଟ୍ରୋଲ

ଭୁବନେଶ୍ୱର,୨୧।୭ (ସବ୍ୟୁ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ପୋଟ୍ରୋଲ ଢ଼ାଳି ମୃତ୍ୟୁ ହୋଇଥିବା ବେଳେ ପୁରୀ ଜିଲ୍ଲା ବଳଙ୍ଗା ବାୟାବର ଗାଁରେ ନାବାଳିକାକୁ ନିଆଁ ଲଗାଇ ପୋଡ଼ିବା ଘଟଣା ପରେ ଏବେ ଚେତିଛି ପୋଟ୍ରୋଲ ସଂଘ । ବୋତଲରେ ପୋଟ୍ରୋଲ ଆଣି

## ଚାଷୀ ଆଧାର କାର୍ଡ ଦେଲେ ମିଳିବ ତେଲ

ନିଆଁ ଲାଗଇବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଛି । ଏହି ଘଟଣା ପରେ ଆସନ୍ତାକାଲି (ସୋମବାର)ଠୁ ଆଉ ଖୋଲାରେ ଦିଆଯିବ ନାହିଁ ପେଟ୍ରୋଲ ଓ ଡିଜେଲ । (୯ ପୃଷ୍ଠାରେ)

# ସଡ଼କ ଦୁର୍ଘଟଣା: ଦିନକରେ ୮ ମୃତ

## ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

କୋରାପୁଟ,୨୧।୭ (ସବ୍ୟୁ): କୋରାପୁଟ ଜିଲ୍ଲା ସୁନାବେଡ଼ା ଟ୍ରାଫିକ ଛକର ଟିଟିଏସ ନିକଟରେ ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ଏହି ଦୂର୍ଘଟଣାରେ ୪ ଜଣ ପ୍ରାଣ ହରାଇଛନ୍ତି । ଗୋଟିଏ କାରରେ ଥିବା ତିନି ସାଙ୍ଗ ଆଶୁତୋଷ ରଣା, ଦିବ୍ୟ ରଞ୍ଜନ ପାତ୍ର ଓ ବିକାଶ ପାତ୍ରଙ୍କ ମୃତ୍ୟୁ ହୋଇଛି । ଏମାନଙ୍କ ଘର ସୁନାବେଡ଼ା ଡିପି କ୍ୟାମ୍ପରେ ବୋଲି ଜଣାପଡ଼ିଛି । ଅନ୍ୟ କାର୍ ଡ୍ରାଇଭର ପ୍ରମୋଦ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ସାଙ୍ଗଙ୍କ ସହିତ ଥିବା କୈଳାସ ଆହତ ହୋଇଛନ୍ତି । ସେହିପରି ବରଗଡ଼ ଜିଲ୍ଲାରେ ଦୂର୍ଘଟଣାରେ ଦୁଇଜଣଙ୍କ ଜୀବନ ଯାଇଛି । ବରଗଡ଼ ଜିଲ୍ଲା ସୋହେଲା ଜାତୀୟ ରାଜପଥରେ ଏକ ପିକ୍ ଅପ୍ ଭ୍ୟାନ ଗଛରେ ପିଟି ହୋଇଥିଲା। ଗାଡ଼ି ଭିତରେ ଚାପି ହୋଇ ଡ୍ରାଇଭର ଓ ହେଲ୍ପରଙ୍କ ମୃତ୍ୟୁ ଘଟିଛି । ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ ।

ସେହିପରି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପଦ୍ମନାଭପୁରରେ ଟୋଲଗେଟ୍ ଉପରକୁ କାର୍ ମାଡ଼ିଯିବାରୁ ରାଜଦୀପ ପଟ୍ଟନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଅଜୟ ନାଏକ ଆହତ ହୋଇଛନ୍ତି। ସେହିପରି ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ପଞ୍ଚୁକୋଟ ନିକଟରେ ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ (୯ ପୃଷ୍ଠାରେ)

# ଟଙ୍କା ନଥିଲା, ଶବ ପଡ଼ି ରହିଲା ୬ ଘଣ୍ଟା



ବଲାଙ୍ଗିର,୨୧।୭ (ସବ୍ୟୁ): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ପାଖରେ ଅର୍ଥ ନଥିଲା ବୋଲି ଡ଼ାକ୍ତରଖାନା ଶଯ୍ୟାରେ ଦୀର୍ଘ ସମୟ ପଡ଼ିରହିଲା ମାଆର ମୃତଦେହ । ପାଖରେ ଅସହାୟ ଅବସ୍ଥାରେ ବସିରହିଥିଲା ନାବାଳିକା ଝିଅ । ଏ ଦୃଶ୍ୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା । ମୃତ ମହିଳା ଜଣକ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ଥାନା ଅଧିନ ବେନ୍ଦେର ଗାଁର ସୂର୍ଯ୍ୟକାନ୍ତି ମାଝୀ । ଗତ ବର୍ଷ ବାପା

## ବାପା, ମାଙ୍କୁ ହରାଇ ଏବେ ଅନାଥ ହୋଇଗଲେ ନାବାଳିକା

ଆରପାରିକୁ ଚାଲିଯାଇଥିଲେ । ମାଆର ଦେହ ଖରାପ ହେବାରୁ ଜିଲ୍ଲା ହସ୍ପିଟାଲକୁ ଆଣିଥିଲା ଝିଅ ଦିଲେଶ୍ୱରୀ । ହେଲେ ବଞ୍ଚିଲେନି ମାଆ । କିନ୍ତୁ ପାଖରେ ବି ଟଙ୍କା ରୋଗିଣୀ ମାଆକୁ ଚିକିତ୍ସା କରାଇବାର । ମାଆର ଶବକୁ ଘରକୁ ନେବାକୁ ହସ୍ପିଟାଲରେ ନା ଥିଲା ଆମ୍ବୁଲାନ୍ସ ନା ଶବବାହକ ଗାଡ଼ି । ଘରୋଇ ଗାଡ଼ି ପାଇଁ ବି ପାଖରେ ଟଙ୍କା ନଥିଲା। ତେଣୁ ହସ୍ପିଟାଲ ବେଡ୍‌ରେ ଦୀର୍ଘ ଘଣ୍ଟା ପଡ଼ିରହିଥିଲା ସୂର୍ଯ୍ୟକାନ୍ତିଙ୍କ ମୃତଦେହ । ଆଉ ପାଖରେ କାନ୍ଦ କାନ୍ଦ ହୋଇ ଜଗିବସିଥିଲା ଝିଅ ଦିଲେଶ୍ୱରୀ । ବିଳମ୍ବ ହେବାରୁ ମୃତଦେହରୁ ଦୁର୍ଗନ୍ଧ ବାହାରିବାରୁ ପାଖରେ ଥିବା ଲୋକେ ଓ ରୋଗୀ ସମ୍ପର୍କିୟ ମାନେ ଅଭିଯୋଗ କରିଥିଲେ । ଏନେଇ ମେଡିକାଲ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡ଼ାକ୍ତରଖାନାରେ କିଛି ଗାଡ଼ି ନଥିବାରୁ ଶେଷରେ ଅଧୀକ୍ଷକ ମାନସୀ ପଣ୍ଡା ମେଡିକାଲ ଖର୍ଚ୍ଚରେ ଏକ ଘରୋଇ ଗାଡ଼ି ଡାକି ସୂର୍ଯ୍ୟକାନ୍ତିଙ୍କ ମୃତଦେହକୁ ଘରକୁ ପଠାଇବା ବନ୍ଦୋବସ୍ତ କରିଥିଲେ । ଉଭୟ ବାପା, ମାଆଙ୍କୁ ହରାଇବା ପରେ ଝିଅ ଦିଲେଶ୍ୱରୀ ଏବେ ଅନାଥ। ଅନ୍ୟ ପକ୍ଷରେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରୀୟା ରଖିଛନ୍ତି ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସତପଥୀ । ହସ୍ପିଟାଲ କର୍ତ୍ତୃପକ୍ଷ ଟଙ୍କା ଦେଇ ନ ପାରିବାରୁ ୩ ମାସରୁ ଉର୍ଦ୍ଧ ହେବ ସୋ ରୁମରେ ଖତ ଖାଉଛି ଆମ୍ବୁଲାନ୍ସ । ଗୋଟିଏ ଶବକୁ ନେଇକି ଗଲେ ଆଉ ଗୋଟିଏ ଶବକୁ ନେବା ପାଇଁ ଶବ ବାହାକ ଗାଡିକୁ ଘଣ୍ଟା ଘଣ୍ଟା ଧରି ଜଗିବାକୁ ପଡୁଛି । ଏହା ବଲାଙ୍ଗିର ଜିଲ୍ଲା ଓ ଏହି ଡ଼ାକ୍ତରଖାନା ଉପରେ ନିର୍ଭରଶୀଳ ଥିବା ପଡ଼ୋଶୀ ଜିଲ୍ଲାର ରୋଗୀଙ୍କ ପାଇଁ ଅଭିଶାପ ବୋଲି ଶ୍ରୀ ସତପଥୀ କହିଛନ୍ତି ।



# ପିଇହେବ ସମୁଦ୍ର ପାଣି

ଆମେରିକା ଓ ଚୀନର ବୈଜ୍ଞାନିକମାନେ ମିଳିତ ଭାବେ ସମୁଦ୍ର ପାଣିକୁ ପାନୀୟ ଜଳରେ ପରିଣତ କରିବାର ସବୁଠାରୁ ଶସ୍ତା ଉପାୟ ବାହାର କରିଛନ୍ତି । ଏହି ମେସିନ୍‌ଟି ସୌର ଶକ୍ତିକୁ ବ୍ୟବହାର କରି ଘଣ୍ଟାକୁ ପ୍ରାୟ ୪ରୁ ୬ଲିଟର ସମୁଦ୍ର ପାଣିକୁ ପାନୀୟ ଜଳରେ ପରିବର୍ତ୍ତନ କରିପାରିବ । ଏହା ଆଗକୁ ପାନୀୟ ଜଳ ସମସ୍ୟାକୁ କେତେକାଂଶରେ ସମାଧାନ କରିପାରିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ପୃଥିବୀର ମାତ୍ର ୩ ପ୍ରତିଶତ ଜଳ ଫ୍ରେସ ୱାଟର ଯାହା ପାନୀୟ ଯୋଗ୍ୟ ବାକି ୯୭ ପ୍ରତିଶତ ଜଳ ପିଇବା ଯୋଗ୍ୟ ନୁହେଁ । ତେଣୁ ଏହି ପ୍ରକିୟା ବେଶ୍ ଉପକାରୀ ସାବସ୍ତ୍ୟ ହୋଇ ପାରିବ । ଏହି ପ୍ରକ୍ରିୟାର ଆଉ ଏକ ସକରାତ୍ମକତା ହେଲା ଏହା ଖୁବ ଅର୍ଥ ଖର୍ଚ୍ଚରେ କରାଯାଇପାରୁଛି । ତେଣୁ ଭବିଷ୍ୟତରେ ଏହାକୁ ଅନେକ ସ୍ଥାନରେ ବିନିଯୋଗ କରିହେବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି । ଏହା ବିଭିନ୍ନ ସମୁଦ୍ର କୂଳିଆ ଅଞ୍ଚଳ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ସେମାନେ କହିଛନ୍ତି । ଏହାସହ ଏହି ମେସିନ୍‌ଟି ପାଖାପାଖି ୧୦ ବର୍ଷ ପର୍ଯ୍ୟନ୍ତ ବିନା ଖରାପ ହୋଇ କାମ କରିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି ।



# ବର୍ଷାଦିନେ ରୁହନ୍ତୁ ସୁସ୍ଥ

**ମନସୁନ୍‌ରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ଏହି ଦିନେ ଡେଙ୍ଗୁ ଜ୍ୱର, ଭାଇରାଲ ଜ୍ୱର, କାଶ, ଥଣ୍ଡା, ସର୍ଦ୍ଦି,ଖାଦ୍ୟ ସଂକ୍ରମଣ, ଆଖିଧରା, ଚିକେନପକ୍ସ ଭଳି ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ ଏହି ଦିନେ ଖାଦ୍ୟପେୟର ଅଧିକ ଧ୍ୟାନ ରଖିବାକୁ ହୋଇଥାଏ, ଯେପରି ଆମେ ଅସୁସ୍ଥତାରୁ ଦୂରରେ ରହିବା ।**

**ଖାଦ୍ୟ ସଂକ୍ରମଣ–** ଅନେକ ଦିନର ଖରା ପରେ ଯେତେବେଳେ ବର୍ଷା ଦିନ ଆସିଥାଏ, ସେତେବେଳେ ସମସ୍ତଙ୍କୁ ଖୁସି ମିଳିଥାଏ । କାରଣ ବର୍ଷା ଯୋଗୁଁ ସମସ୍ତଙ୍କୁ ଗରମରୁ ମୁକ୍ତି ମିଳିଥାଏ । ହେଲେ ଏହି ବର୍ଷା ଆମକୁ ଅଧିକ ସତର୍କ ରହିବାକୁ ମଧ୍ୟ ସୂଚାଇ ଦେଇଥାଏ । ବର୍ଷା ଦିନେ ଅନେକଙ୍କ ପାଖରେ ଖାଦ୍ୟ ସଂକ୍ରମଣର ସମସ୍ୟା ଦେଖିବାକୁ ମିଳିଥାଏ । ଏହି ଦିନେ ପାଗ ଥଣ୍ଡା ଓ କୋହଲା ରହିଥାଏ, ଯାହା ବିଭିନ୍ନ ପୋକ, ରୋଗଜୀବାଣୁଙ୍କ ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଥାଏ । ତେଣୁ ଏହି ସମୟରେ ବାହାରେ ଖାଇବା ଠାରୁ ନିବୃତ୍ତ ରହିବାର ଆବଶ୍ୟକତା ଅଧିକ ରହିଥାଏ । କାରଣ ଜୀବାଣୁମାନେ ଖାଦ୍ୟ ଦେଇ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଆନ୍ତି । ଏହି ସମୟରେ ବିଭିନ୍ନ ପ୍ରକାରର ଖାଦ୍ୟ ସଂକ୍ରମଣ ଦେଖିବାକୁ ମିଳିଥାଏ, ଯେପରି ଡାଇରିଆ, ନଏଜିଆ, ଡିହାଇଡ୍ରେସନ୍,ବାନ୍ତି, ପେଟ ଯନ୍ତ୍ରଣା ଆଦି । ତେଣୁ ଏହି ସମୟରେ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବାକୁ ହୋଇଥାଏ । ବର୍ଷାଦିନେ କଞ୍ଚା ଖାଦ୍ୟ ଖାଇବାଠାରୁ ଦୂରରେ ରୁହନ୍ତୁ ।

**ଶ୍ୱାସ ସମ୍ବନ୍ଧୀୟ ସଂକ୍ରମଣ–** ମନସୁନ୍‌ରେ ଖାଦ୍ୟ ସଂକ୍ରମଣ ସହିତ ରେସ୍ପିରୋଟାରୀ ଇନ୍‌ଫେକସନ୍ ବା ଶ୍ୱାସ ସମ୍ବନ୍ଧୀୟ ସଂକ୍ରମଣ ଅଧିକ ହେଉଥିବାର ଦେଖିବାକୁ ମିଳିଥାଏ । ଏହି ଦିନେ ହଠାତ୍ କରି ପାଣିପାଗରେ ପରିବର୍ତ୍ତନ ଆସିଥାଏ, ଯେଉଁ କାରଣରୁ ବିଭିନ୍ନ ସଂକ୍ରମଣ ଦେଖିବାକୁ ମିଳିଥାଏ । ତେବେ ଶ୍ୱାସନଳୀରେ ସଂକ୍ରମଣ କାରଣରୁ ଏହି ଦିନେ କାଶ, ଥଣ୍ଡା, ଗଳା ଦରଜ, ଛାତିରେ ଯନ୍ତ୍ରଣା, ନାକରୁ ପାଣି ବାହାରିବା ଆଦି ଦେଖିବାକୁ ମିଳିଥାଏ । ଏହି ସମସ୍ତ ସମସ୍ୟା ଅନେକଙ୍କୁ ବହୁତ ଯନ୍ତ୍ରଣା ଦେଇଥାଏ । ବିଶେଷ କରି ଛୋଟପିଲା ଓ ବୟସ୍କମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖିବାକୁ ମିଳିଥାଏ । ସେମାନଙ୍କୁ ଥରେ କାଶ କିମ୍ବା ଥଣ୍ଡା ହେଲେ କମିବାକୁ କଷ୍ଟ ହୋଇଥାଏ । ତେଣୁ ଏହି ଦିନେ ସେମାନଙ୍କ ବିଶେଷଭାବେ ଯତ୍ନ ନେବାକୁ ହୋଇଥାଏ । ସେମାନେ କିଭଳି ଘରେ ରହି ସୁଷମ ଖାଦ୍ୟ ଖାଇବେ ତାହାର ବ୍ୟବସ୍ଥା କରିବାକୁ ହୋଇଥାଏ । ସେମାନଙ୍କୁ ବର୍ଷାରେ ଓଦା ହେବାକୁ ମନା କରିବାକୁ ହୋଇଥାଏ । ସେମାନଙ୍କର କିଛି ଘରୋଇ ଉପଚାର ମଧ୍ୟ କରିବାକୁ ହୋଇଥାଏ । ଘରେ ଅଦା, ଲବଙ୍ଗ ପକା ଚା' ଆପଣ ପିଇପାରିବେ । ସେହିପରି ଖାଦ୍ୟରେ ଅଧିକ ମାତ୍ରାରେ ଫଳ ଓ ପନିପରିବା ସାମିଲ କରନ୍ତୁ, ଏହା ବିଭିନ୍ନ ସଂକ୍ରମଣରୁ ରକ୍ଷା କରିବ ।



# ଚନ୍ଦ୍ର ମାଟି ଉପଯୋଗୀ

ଚୀନର ବୈଜ୍ଞାନିକଙ୍କ ସୂଚନା ଅନୁସାରେ ଚନ୍ଦ୍ରରେ ମିଳିଥିବା ମାଟି ଜୀବନ ପାଇଁ ଉପଯୁକ୍ତ । ଏହାର ବିଭିନ୍ନ ତତ୍ୱ ଆମ ଜୀବନପାଇଁ ଦରକାରୀ ହୋଇପାରିବ ବୋଲି ଏହି ବୈଜ୍ଞାନିକମାନେ ମତ ଦେଇଛନ୍ତି । ସୂଚନା ଅନୁସାରେ ଏହି ମାଟିରୁ ସେମାନେ ପାଣିକୁ ବାହାର କରି ଏହାକୁ ପରୀକ୍ଷା କରିଛନ୍ତି, ଯାହାକୁ କାର୍ବୋନ ଡାଇଅକ୍ସାଇଡ୍, ଫୁଏଲ ଭଳି କେମିକାଲକୁ ବଦଳାଯାଇଛି । ଏହି ପରିବର୍ତ୍ତନ ଆଗକୁ ଚନ୍ଦ୍ରରେ ଜୀବନ ବଞ୍ଚାଇବାରେ ଖୁବ ସହାୟକ ହେବବୋଲି ବୈଜ୍ଞାନିକ ଆକଳନ କରିଛନ୍ତି । ଏହାକୁ ବୈଜ୍ଞାନିକମାନେ ଏକ ମ୍ୟାଜିକ୍ ବୋଲି ଆଖ୍ୟା ଦେଇଛନ୍ତି । ଏହା ଆଗକୁ ଅନେକ ପରୀକ୍ଷଣରେ ସହାୟକ ହେବା ନେଇ ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି ।



# କୁମାଓନି ଝୋଲି

**ସାମଗ୍ରୀ–** ଅଧା କପ୍ ବେସନ, ୨କପ ଦହି, ଏକ କପ ନିଜ ପସନ୍ଦ ଅନୁସାରେ ପରିବା, କାଶ୍ମୀର ଚିଲି ପାଉଡର, ହଳଦୀ, ଜିରା, ଧନିଆଗୁଣ୍ଡ, ଲଙ୍କା ଗୁଣ୍ଡ, କଟା ରସୁଣ, କଟା ଅଦା, ଧନିଆ ପତ୍ର ।



**ପ୍ରଣାଳୀ–** ପ୍ରଥମେ ବେସନକୁ ଦହିରେ ଗୋଳାଇ ନିଅନ୍ତୁ । ପରେ ଏଥିରେ ଲୁଣ, ଲଙ୍କା, ହଳଦୀ ପକାଇ ଗୋଳାଇ ଅଲଗା ରଖନ୍ତୁ । ଗୋଟିଏ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ, ଏଥିରେ ସବୁ ପରିବା ପକାଇ ଭାଜନ୍ତୁ । ଏହାପରେ ଏଥିରେ ବେସନ ଓ ଦହିର ମିଶ୍ରଣ ପକାଇ ଅଳ୍ପ ସମୟ ପାଇଁ ଫୁଟାନ୍ତୁ । ଯେତେବେଳେ ପରିବା ସିଝିଯିବ ସେତେବେଳେ ବନ୍ଦ କରି ନିଅନ୍ତୁ । ଦରକାର ହେଲେ ଏଥିରେ ପାଣି ମିଶାନ୍ତୁ । ଏହାପରେ ଏହାକୁ ଛୁଙ୍କ କରି ଦିଅନ୍ତୁ, ପ୍ରସ୍ତୁତ ହୋଇଗଲା କୁମାଓନି ଝୋଲି ।

## ସୋସିଆଲ କୋଟ୍ସ

"ବିଗ୍‌ବସ୍ ଖରାପ ଶୋ' ନୁହେଁ । ହେଲେ ଏହି ଶୋରେ ଭାଗ ନେବାପାଇଁ ଏକ ଷ୍ଟ୍ରଙ୍ଗ ମାଇଣ୍ଡସେଟ୍‌ର ଆବଶ୍ୟକତା ରହିଛି । ମୋର ବର୍ତ୍ତମାନ ଏହି ଶୋ'ରେ ଭାଗ ନେବାର ଇଚ୍ଛା ନାହିଁ ।
**ସୁଜାନ୍ ଖାନ୍, ଇଣ୍ଟେରିଅର ଡିଜାଇନର**





"ମୁଁ ଏବେ ମଧ୍ୟ ସେହି ଚଲ୍ (ବସ୍ତି)କୁ ଏବେ ମଧ୍ୟ ଯାଇଥାଏ । ସେଠାରେ ମୋ ଜୀବନର ୩୩ ବର୍ଷ ବିତିଛି । ସେଠାରେ ମୋର ଅନେକ ବନ୍ଧୁ ଅଛନ୍ତି, ଯାହାଙ୍କ ସହ ସମୟ ବିତାଇବା ପାଇଁ ମୋତେ ଭଲ ଲାଗେ ।
**ଜ୍ୟାକି ସ୍ରଫ୍, ଅଭିନେତା**

"ଦର୍ଶକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ମୁଁ ଆଉ କ୍ୟାଟ୍ରିନା ମିଶିକି ଗୋଟିଏ ଫିଲ୍ମରେ କାମ କରିବାକୁ ଚାହୁଁଛୁ, ହେଲେ ଏଥିପାଇଁ ଭଲ ସ୍କ୍ରିପ୍ଟ ଦରକାର । ଯାହା ଅପେକ୍ଷାରେ ଆମେ ରହିଛୁ ।
**ଭିକ୍କି କୌଶଲ, ଅଭିନେତା**



## ଇତିହାସ

୧୮୮୩– କୋଲକାତାରେ ଭାରତର ପ୍ରଥମ ସାର୍ବଜନୀନ ଷ୍ଟାର୍ ଥିଏଟର ଆରମ୍ଭ ।
୧୮୮୪– ଲର୍ଡ୍ସ ମଇଦାନରେ ପ୍ରଥମ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ।
୧୮୮୮– ବ୍ରିଟେନ୍‌ର ଆବିଷ୍କାରକ ଡନଲପ୍ ଟାୟାର ଓ ଟ୍ୟୁବ୍ ଉଦ୍ଭାବନ କଲେ ।
୧୯୦୬– ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ଅଧ୍ୟକ୍ଷ ବ୍ୟୋମେଶ ଚନ୍ଦ୍ର ବାନାର୍ଜୀଙ୍କ ଦେହାନ୍ତ ।
୧୯୬୨– ସୀମାରେ ଭାରତ–ଚୀନ୍ ଯୁଦ୍ଧ ।
୧୯୪୭– ସମ୍ବିଧାନରେ ଜାତୀୟ ପତାକାକୁ ଗ୍ରହଣ କରାଗଲା ।
୧୯୬୩– କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ।
୧୯୮୮– ଭାରତୀୟ ରାଷ୍ଟ୍ରୀୟ ଉପଗ୍ରହ (ଇନ୍‌ସାଟ୍ ୧ସି)ର ପ୍ରକ୍ଷେପଣ ।
୨୦୦୭– ପ୍ରତିଭା ଦେବୀସିଂ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ ।
୨୦୦୭– ଭାରତ–ଆମେରିକା ପରମାଣୁ ଚୁକ୍ତି ଫର୍ମାଟ୍ ପ୍ରସ୍ତୁତ ।




# ଚାଲିବାଠୁ ଦୌଡ଼ିବା ଭଲ

ଏକ୍ସରସାଇଜ ଆମ ଦେହ ପାଇଁ ଖୁବ ଉପକାରୀ ହୋଇଥାଏ । ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଆମେ ନିରୋଗ ରହିଥାଉ । ତେବେ ଆସନ୍ତୁ ଜାଣିବା ରନିଂ ଓ ୱାକିଂ ମଧ୍ୟରେ କ'ଣ ଅନ୍ତର । କେଉଁଟି ଆମ ଶରୀର ପାଇଁ ଅଧିକ ଉପକାରୀ । ଚାଲିବା ବା ୱାକିଂ ଆମ ଶରୀରକୁ ରନିଂ ଭଳି ହିଁ ବେନିଫିଟ୍ ଯୋଗାଇଥାଏ, କିନ୍ତୁ ରନିଂ ବା ଦୌଡିବା ଚାଲିବାଠାରୁ ଦୁଇଗୁଣା ଅଧିକ କ୍ୟାଲୋରୀ ବର୍ଣ୍ଣ କରିଥାଏ ବୋଲି କୁହାଯାଏ । ଉଦାହରଣସ୍ୱରୂପ ଜଣେ ୭୦ କେଜିର ବ୍ୟକ୍ତି ଯଦି ଘଣ୍ଟାକୁ ୫ ମାଇଲ ଦୌଡିଥାଏ, ତେବେ ସେ ୬୦୬ ଗ୍ରାମର କ୍ୟାଲୋରୀ ବର୍ଣ୍ଣ କରିଥାଏ । ହେଲେ ଜଣେ ଯଦି ୩.୫ ମାଇଲ ପ୍ରତି ଘଣ୍ଟା ଚାଲିଥାଏ, ତେବେ ସେ ମାତ୍ର ୩୧୪ ଗ୍ରାମର କ୍ୟାଲୋରୀ ବର୍ଣ୍ଣ କରିଥାଏ । ତେଣୁ ଯଦି ଆପଣ ନିଜର ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି ତେବେ ୱାକିଂ ଅପେକ୍ଷା ରନିଂ ବେଶି ଉପଯୋଗୀ ଓ ଏଥିପ୍ରତି ଧ୍ୟାନ ଦେବା ଜରୁରୀ । ହେଲେ ଯଦି ଆପଣ କୌଣସି କାରଣବଶତଃ ରନିଂ କରି ନପାରୁଛନ୍ତି ତେବେ ୱାକିଂ କରିପାରିବେ । ସ୍ପିଡ୍ ୱାକିଂ ବା ପାୱାର ୱାକିଂ ସମୟରେ ଆମକୁ କ୍ଷିପ୍ରଗତିରେ ଚାଲିବାକୁ ହୋଇଥାଏ । ପାୱାର ୱାକିଂ ବେଳେ ଆମ ହାର୍ଟରେଟ୍ ସାଧାରଣ ହାର୍ଟରେଟ୍‌ଠାରୁ ଢେର୍ ଅଧିକ ରହିଥାଏ । ତେବେ ପାୱାର ୱାକିଂ ସାହାଯ୍ୟରେ ଆପଣ ଅଧିକ କ୍ୟାଲୋରୀ ବର୍ଣ୍ଣ କରିପାରିବେ । ଏହି ପ୍ରକ୍ରିୟାରେ ସାଧାରଣତଃ ଘଣ୍ଟାକୁ ୩ ମାଇଲ୍‌ରୁ ୫ ମାଇଲ୍ ପର୍ଯ୍ୟନ୍ତ ଚାଲିବାକୁ ପଡିଥାଏ । ତେବେ ରନିଂ ସ୍ଥାନରେ ପାୱାର ୱାକିଂ କରିହେବ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କେତେକାଂଶରେ ଏହା ସମାନ ହୋଇଥାଏ । ପାୱାର ୱାକିଂ କାରଣରୁ ଜଗିଂ ଭଳି ଆମର କ୍ୟାଲୋରୀ ବର୍ଣ୍ଣ ହୋଇଥାଏ । ପାୱାର ୱାକିଂ ଆମର ଓଜନକୁ ନିୟନ୍ତ୍ରଣରେ ରଖିବା ସହ ବଡି ଫିଟ୍‌ନେସ୍ ଓ ମନକୁ ଅଧିକ ତାଜା କରିଥାଏ । ଟ୍ରେଡ୍ ମିଲରେ ଚାଲିବା, ସିଡି ଚଢିବା କିମ୍ବା ପାହାଡ ଚଢିବା ଆଦି ପ୍ରକ୍ରିୟାକୁ ଇନ୍‌କ୍ଲାଇନ୍ ୱାକିଂ କୁହାଯାଇଥାଏ । ଏହି ପ୍ରକ୍ରିୟାରେ ରନିଂ ଭଳି କ୍ୟାଲୋରୀ ବର୍ଣ୍ଣ ହୋଇଥାଏ । ଏହା ସାଧାରଣ ସମତଳରେ କରାଯାଉଥିବା ୱାକିଂ ଠାରୁ ଅଧିକ କ୍ୟାଲୋରୀ ବର୍ଣ୍ଣ କରିଥାଏ । ଏହି ପ୍ରକ୍ରିୟାରେ ଧୀରେଧୀରେ ସ୍ପିଡ୍‌କୁ ବଢାନ୍ତୁ ଲାଭ ମିଳିବ ।



# ରଣବୀରଙ୍କୁ ବିରୋଧ

ପଞ୍ଜାବୀ ସିଙ୍ଗର ଦିଲଜିତ୍ ଦୋସାଞ୍ଜାଙ୍କ ପରେ ବର୍ତ୍ତମାନ ରଣବୀର ସିଂଙ୍କ ଫିଲ୍ମ ଧୁରନ୍ଧରକୁ ନେଇ ସୋସିଆଲ ମିଡିଆରେ ବିରୋଧାଭାବ ଦେଖିବାକୁ ମିଳିଛି । ଏହି ଫିଲ୍ମର କିଛି ସିନ୍ ଲୁଧିଆନାର ଏକ ଗାଁରେ ହୋଇଛି, ଯେଉଥିରେ ଏକ ଘରର ଛାତ ଉପରେ ପାକିସ୍ତାନର ଜାତୀୟ ପତାକା ଲାଗିଥିବା ଦେଖିବାକୁ ମିଳିଛି । ସେହି ଛାତ ଉପରେ ରଣବୀରଙ୍କୁ ମଧ୍ୟ ଦେଖିବାକୁ ମିଳୁଛି । କିଛି ସମୟ ସିନ୍ ଏଠାରେ ସୁଟିଂ ହୋଇଛି । ତେବେ ସୋସିଆଲ ମିଡିଆରେ ୟୁଜର୍ସମାନେ ଫିଲ୍ମର ଏହି ସିନ୍‌କୁ ନେଇ ବିଭିନ୍ନ କଥା ଆଲୋଚନା କରିବାରେ ଲାଗିଛନ୍ତି । ରଣବୀରଙ୍କର ଦେଶଭକ୍ତି ଉପରେ ଲୋକ ବର୍ତ୍ତମାନ ପ୍ରଶ୍ନ ଉଠାଉଛନ୍ତି । ଫିଲ୍ମରେ କେଉଁ ପରିସ୍ଥିତିରେ ପାକିସ୍ତାନ ଜାତୀୟ ପତାକାର ବ୍ୟବହାର କରାଗଲା ସେନେଇ ମଧ୍ୟ ପ୍ରଶ୍ନ ଉଠିବାରେ ଲାଗିଛି । ଫିଲ୍ମଟି ଅଜିତ୍ ଡୋଭାଲଙ୍କ ବାୟୋପିକ୍ ହୋଇଥିବାନେଇ ଚର୍ଚ୍ଚା ହେଉଛି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଆଦିତ୍ୟ ଧର ତୁଲାଇଛନ୍ତି । ତେବେ ଏହାର କାହାଣୀ ନେଇ ଆଜି ପର୍ଯ୍ୟନ୍ତ କୌଣସି ଖୁଲାସା ହୋଇନାହିଁ । ଫିଲ୍ମରେ ରଣବୀର ସିଂ, ଅର୍ଜୁନ ରାମପାଲ, ଆର୍ ମାଧବନ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ ପ୍ରମୁଖଙ୍କୁ ଦେଖିବାକୁ ମିଳିବ ।



# ଭ୍ରମଣ ଓ ମେକ୍‌ଅପ୍

**ଘରେ ବସି ବସି ବୋର୍ ଲାଗୁଛି । ବାହାରକୁ ହେଉ ଅବା ଦୂର ସ୍ଥାନକୁ ବୁଲିବାକୁ ଯାଉଛନ୍ତି କି ? ତେବେ ଏହି ସମୟରେ କିପରି ମେକ୍‌ଅପ୍ ନେବେ ସେ ସମ୍ପର୍କରେ କିଛି ଟିପ୍ସ..**

- ମେକ୍‌ଅପ୍ ସାମଗ୍ରୀଗୁଡ଼ିକୁ ଅଲଗା ରଖନ୍ତୁ । ଏଗୁଡ଼ିକ ଏକତ୍ର ଗୋଟିଏ ବ୍ୟାଗ୍‌ରେ ପ୍ୟାକ୍ କରନ୍ତୁ, ଯାହାଦ୍ୱାରା ଦରକାର ସମୟରେ ଅନ୍ୟତ୍ର ଖୋଜିବାକୁ ପଡ଼ିବ ନାହିଁ ।
- ଲିପ୍‌ଷ୍ଟିକ, ଆଇସ୍ୟାଡ଼ୋ, ମସ୍କାରା, ପାଉଡ଼ର ଆଦି ସାମଗ୍ରୀ ମେକ୍‌ଅପ୍ କିଟ୍‌ରେ ଅଛି କି ନାହିଁ ଦେଖି ନିଅନ୍ତୁ ।
- ବାହାରକୁ ଯିବା ପୂର୍ବରୁ ଆବଶ୍ୟକ ମୁତାବକ ମେକ୍‌ଅପ୍ ନିଅନ୍ତୁ । ବାଟରେ କେବଳ ଟଚ୍ ଅପ୍ କଲେ ଆପଣଙ୍କ ତ୍ୱଚା ଆକର୍ଷଣୀୟ ଦେଖାଯିବ ।
- ଧୂଳି ମଳିର ପ୍ରଭାବ କେଶ ଉପରେ ଯେପରି ନ ପଡ଼େ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଗାଡ଼ି କିମ୍ବା ବାଇକ୍‌ରେ ଯିବା ସମୟରେ, ବୋଟିଂ କରିବା ସମୟରେ ମୁଣ୍ଡରେ ସ୍କାର୍ପ ବାନ୍ଧିଲେ କିଛି କ୍ଷତି ନାହିଁ ।
- ଦୂର ସ୍ଥାନକୁ ବେଶି ଦିନ ପାଇଁ ଯାଉଥିଲେ ମେକ୍‌ଅପ୍ ସାମଗ୍ରୀ ସହ ମ୍ୟାଚ୍ କରିବା ଭଳି ଡ୍ରେସ୍ ମଧ୍ୟ ନିଅନ୍ତୁ ।
- ସାଥିରେ ପରଫ୍ୟୁମ ନେବାକୁ ଭୁଲନ୍ତୁ ନାହିଁ ।
- ବାହାରେ ବୁଲିବା ସମୟରେ ସନ ସ୍କ୍ରିନ୍ ଲୋଶନ ସବୁବେଳେ ପାଖରେ ରଖନ୍ତୁ ।
- ବାହାର ପରିବେଶ ଦ୍ୱାରା ତ୍ୱଚା ବେଶି ପ୍ରଭାବିତ ହୋଇଥାଏ । ଏଥିପାଇଁ ମଶ୍ଚରାଇଜର, କ୍ଲିଜନିଙ୍ଗ, ଟୋନିଙ୍ଗ୍ ମଧ୍ୟ ନିଜ ପାଖରେ ରଖନ୍ତୁ ।
- ଆଖିର ମେକ୍‌ଅପ୍ ଏପରି କରନ୍ତୁ, ଯେପରି ତାହା ଦିନ ତମାମ ରହିବ ।
- ବାହାରେ ବୁଲିବା ସମୟରେ ଟିସୁ ପେପର ନିଜ ପାଖରେ ରଖନ୍ତୁ । ତ୍ୱଚାରେ ଧୂଳିମଳି ଲାଗିଲେ ପୋଛିବା ପାଇଁ ଏହାକୁ ବ୍ୟବହାର କରନ୍ତୁ ।



**ଅପର୍ଣ୍ଣା ନାୟକ, ନୂଆଦିଲ୍ଲୀ**





ଶ୍ରାବଣ ମାସ ଦ୍ୱିତୀୟ ସୋମମବାରରେ ପାଣି ଉଠାଇବା ପାଇଁ ଗଡଗଡିଆ ଘାଟରେ କାଉଡିଆଙ୍କ ଭିଡ

## ଅବ୍ୟବସ୍ଥା ମଧ୍ୟରେ ଚାଲିଛି ତହସିଲ କାର୍ଯ୍ୟାଳୟ

# ବିନା ହାତଗୁଞ୍ଜାରେ ଇଞ୍ଚେ ଘୁଞ୍ଚୁନି ଫାଇଲ୍

ଖୋର୍ଦ୍ଧା,(ସବ୍ୟୁ): ବହୁ ଅବ୍ୟବସ୍ଥା ମଧ ଦେଇ ଚାଲିଛି, ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ। ବିନା ହାତଗୁଞ୍ଜା ରେ କୌଣସି କାର୍ଯ୍ୟ ହେଉ ନଥିବା ନେଇ ସାଧାରଣ ରେ ଅଭିଯୋଗ ହେଉଛି। ଜିଲ୍ଲା ସଦର ମହକୁମା ରେ ଅବସ୍ଥିତ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ଟି ହେଉଛି ବହୁ ପୁରାତନ। ଦୈନନ୍ଦିନ ବହୁ ସଂଖ୍ୟା ରେ ସାଧାରଣ ଲୋକେ ବିଭିନ୍ନ କାର୍ଯ୍ୟ ନେଇ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ କୁ ଆସୁଥିବାବେଳେ ଉପଯୁକ୍ତ ସେବା ନପାଇ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏପରିକି ଠିକ ସମୟରେ ଜମି ପଟ୍ଟା, ଜମି ଚିହ୍ନଟ, ଜମିର କିସମ ପରିବର୍ତ୍ତନ, ଉତରାଧିକାରୀ, ସ୍ଥାୟୀବାସିନ୍ଦା, ଜାତି ପ୍ରମାଣ ପତ୍ର ପ୍ରଭୃତି ପାଇବାରୁ ବଂଚିତ ହେଉଛନ୍ତି। ମଧ୍ୟସ୍ଥି ଙ୍କ ଦ୍ୱାରା ହାତ ଗୁଞ୍ଜା ଦେଇ ଏ ସମସ୍ତ କାର୍ଯ୍ୟ ସୁଚାରୁରୂପେ ହୋଇଯାଉଥିବାବେଳେ, ବିନା ହାତ ଗୁଞ୍ଜା ରେ କୌଣସି କାର୍ଯ୍ୟ ଦୀର୍ଘ ଦିନ ଧରି ହେଉନଥିବା ଯୋଗୁଁ ସାଧାରଣ ରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରିକି ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ର କିଛି ଅସାଧୁ କର୍ମଚାରୀ ଦଲାଲମାନଙ୍କ ଦ୍ୱାରା ସାଧାରଣଲୋକ ମାନଙ୍କୁ ଶୋଷଣ କରୁଛନ୍ତି। ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ର କିଛି ଅସାଧୁ କର୍ମଚାରୀ ଦୀର୍ଘ ଦିନ ଧରି ନିଜ ସିଟ୍ ମାଡି ବସିଥିବାବେଳେ ଆଉ କିଛି କର୍ମଚାରୀ ଖୋର୍ଦ୍ଧା ତହସିଲ ରେ ପୂର୍ବରୁ କାର୍ଯ୍ୟ କରି ଅନ୍ୟତ୍ର ବଦଳି ହୋଇ ସେଠାରେ କିଛି ଦିନ କାର୍ଯ୍ୟକରିବା ପରେ, ଉପରିସ୍ଥ ଅଧିକାରୀ ଙ୍କୁ ହାତ କରି ପୁନର୍ବାର ଖୋର୍ଦ୍ଧା ତହସିଲ କୁ ବଦଳି ହୋଇ ଆସି ବହୁ ଦୁର୍ନୀତି ରେ ଲିପ୍ତ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହିତ ସାଧାରଣ ଲୋକେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବିନା ହାତ ଗୁଞ୍ଜା ରେ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ରୁ ଯେପରି ଉପଯୁକ୍ତ ସେବା ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବା ସହିତ ୩ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ରେ ନିଜର ଆଧିପତ୍ୟ ଜାହିର କରୁଥିବା ସେହି ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ସାଧାରଣ ରେ ଦାବୀ ହେଉଛି।

## ଅଟୋ ପିକଅପ ମୁହାଁମୁହିଁ ଧକ୍କା : ଜଣେ ମୃତ

ସାଲେପୁର,(ସବ୍ୟୁ):ର କଟକ ସାଲେପୁର ମୁଖ୍ୟ ରାସ୍ତାର ନାଳିଆମୁହଁ ଛକ ନିକଟରେ ପିକଅପଭ୍ୟାନ ଓ ଡାଲାଅଟୋ ଧକ୍କା ହେବାରୁ ଡାଲା ଅଟୋରେ ଥିବା ଦୁଇଜଣ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର । ମୃତକ ଜଣକ ହେଲେ ଢେଙ୍କାନାଳ ଭାପୁର ଥାନା ରାଣୀପାଳର ସାଗର ସାହୁ । ଗୁରୁତର ଜଣକ ହେଲେ ଢେଙ୍କାନାଳ ଭୁବନ ଥାନା ଅଞ୍ଚଳର ବିଶ୍ୱଜିତ ବେହେରା । ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସାଲେପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତର ସାଗର ସାହୁଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ମୁତାବକ ଡାଲା ଅଟୋରେ ଦୁଇଜଣ କଟକ ମାଲ ଗୋଦାମରୁ କେଦ୍ରାପଡା କୁ ଫେରୁଥିବା ବେଳେ ସାଲେପୁର ନାଳିଆମୁହଁ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିବାର ସୂଚନାମିଳିଛି । ସାଲେପୁର ପୋଲିସ ପହଂଚି ଶବକୁ ଜବତ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି । ଘଟଣା ସ୍ଥଳରୁ ପିକଅପ ଭ୍ୟାନ ଫେରାର ହୋଇଯାଇଥିବା ବେଳେ ଡାଲା ଅଟୋକୁ ପୋଲିସ ଜବତ କରିଛି ।

## ଗୁଣ୍ଡିଚା ମନ୍ଦିର ଗୋଷ୍ଠିକେନ୍ଦ୍ର ଉଦଘାଟିତ

ବାରଙ୍ଗ,(ସବ୍ୟୁ): ରାଜଧାନୀ ଉପକଣ୍ଠ ରଘୁନାଥପୁର ମାଉସୀମା ମନ୍ଦିର ପାଖରେ ଥିବା କୁବେର ଅପଫିକାଲ ଓ ୬ଲକ୍ଷ ଟଙ୍କା ବ୍ୟୟ ବାରଦରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ମିତଶ୍ରୀଶ୍ରୀ ଗୁଣ୍ଡିଚା ମନ୍ଦିର ଗୋଷ୍ଠି କେନ୍ଦକୁ ରବିବାର ରାତିରେ ଭୁବନେଶର ଉତର ବିଧାୟକ ସୁଶାନ୍ତ କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ।ଏହି ଉଦଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଦି ନେତା ପ୍ରତାପ ଚନ୍ଦ୍ର ରାଉତ,ବିଜେଡିନେତା ସୁବାଷ ଚନ୍ଦ୍ର ପାତ୍ର,ସରମ୍ପଚ ,ସମିତିସଭ୍ୟ ନାରୀନେତ୍ରୀ ଝୁନା ରାଉତଙ୍କ ସମେତ ବହୁ ବିଜେଡିନେତା, ମହିଳା ଓ ମୂରବୀମାନେ ଉପସ୍ଥିତ ଥିଲେ ।

## ନୂଆଦିଲ୍ଲୀ ଏମ୍ସରେ ପିଡିତାଙ୍କ ପରିବାର ବର୍ଗଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ଅଗ୍ନିକାଣ୍ଡର ଶିକାର ହୋଇ ନୂଆଦିଲ୍ଲୀ ସ୍ଥିତ ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଥିବା ନାବାଳିକାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନାବାଳିକାଟିର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଶୀଘ୍ର ସୁସ୍ଥ ହୋଇ ସେ ଘରକୁ ଫେରିବା ନେଇ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ।

## ଓଲଟିଲା ଇଟା ବୋଝେଇ ମିନିଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଶ୍ରମିକ




ବେତନଟୀ (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ୧୮ ନଂ ଜାତୀୟ ରାଜପଥ ଉପରେ ରବିବାର ଅପରାହ୍ନ ସମୟରେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ନିକଟବର୍ତ୍ତୀ ଏକ ଇଟା ବୋଝେଇ ମିନି ଟ୍ରକ ଓଲଟି ପଡିଥିଲା । ଅଳ୍ପକେ ବର୍ତ୍ତିଲ ଚାଳକ ଏବଂ ଶ୍ରମିକ ଛୁ ପ୍ରାପ୍ତ ସୂଚନା ମୁତାବକ ରବିବାର ଦିନ ବାଲେଶ୍ୱରରୁ ବେତନଟୀ ଅଭିମୁଖେ ଯାଉଥିବା ଡଜ ୦୧ଖ ୮୭୬୭ ନମ୍ବର ବିଶିଷ୍ଟ ଇଟା ବୋଝେଇ ମିନି ଟ୍ରକଟି ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ନିକଟରେ ଚକାଟି ହଠାତ୍ ଫାଟି ଯିବା ଯୋଗୁଁ ଚାଳକ ଜଣକ ନିୟନ୍ତ୍ରଣ ହରାଇ ଗାଡିକୁ ଡିଭାଇଡର ଉପରକୁ ଚଢ଼ିଯାଇ ଓଲଟି ପଡିଥିଲା। ଏଥିରେ ଚାଳକ ଓ ଶ୍ରମିକ ଉଭୟଙ୍କ କିଛି ହୋଇନଥିଲେ ସୁଦ୍ଧା ଟ୍ରକଟି ରାସ୍ତାରେ ଦୀର୍ଘ ସମୟ ଧରି ପଡି ରହିଥିବା ଫଳରେ ଅନ୍ୟ ଗାଡି ମୋଟରର ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ବୈଶିଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟିକୁ ନିଜ ହେପାଜତକୁ ନେଇ ଯାଇଥିବାର ଜଣା ଯାଇଛି।

### ଆଜିଠୁ ସବୁ ପୌରାଞ୍ଚଳରେ ଅଭିଯୋଗର ହେବ ଶୁଣାଣି

# ୨୫ ପର୍ଯ୍ୟନ୍ତ ସମାଧାନ ଲାଗି ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର(ସବ୍ୟୁ): ନାଗରିକ କୈନ୍ଦ୍ରିକ ସହରାଞ୍ଚଳ ଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକରେ ସମସ୍ତ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରୁଛି । ଆସନ୍ତାକାଲି(ସୋମବାର) ଠାରୁ ଆସନ୍ତା ୨୫ ତାରିଖ (୨୧ରୁ ୨୫) ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ଏହି ପାଞ୍ଚ ଦିନ ମଧ୍ୟରେ ଜନଶୁଣାଣୀ, କେନ୍ଦ୍ରୀକୃତ ଜନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମ (ସିପିଜିଆରଏଏମଏସ),ୟୁଏଲବି ସ୍ତରୀୟ ହେଲ ଡେସ୍କ ସମେତ ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ନାଗରିକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ଉପରେ ଧ୍ୟାନ ଦେବ ।

ସମସ୍ତ ପୌର ନିଗମର କମିଶନର ଏବଂ ପୌରପାଳିକା ତଥା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଆବଶ୍ୟକ ଟିମ ଗଠନ, ଅଭିଯୋଗ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ଏବଂ ଏହି ସମୟ ମଧ୍ୟରେ ସମସ୍ତ ବ୍ୟାକଲଗ୍ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପଦକ୍ଷେପ ପ୍ରତିକ୍ରିୟାଶୀଳ ଏବଂ ଉତ୍ତରଦାୟୀ ସହରାଞ୍ଚଳ ସେବା ପ୍ରଦାନ ପ୍ରତି ରାଜ୍ୟ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ପରିମଳ, ଜଳ ଯୋଗାଣ, ଷ୍ଟ୍ରିଟ୍ ଲାଇଟ୍, ଡ୍ରେନେଜ୍, ବର୍ଜ୍ୟ ପରିଚାଳନା, ବିଲିଂ ଯୋଜନା ଅନୁମୋଦନ ଏବଂ ଅନ୍ୟାନ୍ୟ ନାଗରିକ ସେବା ସମ୍ବନ୍ଧୀୟ ସମସ୍ୟାର ସମୟୋଚିତ ସମାଧାନ ମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି । ବିଭାଗ ସମସ୍ତ ପୌରାଞ୍ଚଳମାନଙ୍କୁ ୨୯ ଜୁଲାଇ ୨୦୨୫ ସୁଦ୍ଧା ଏହି ଅଭିଯାନ ଉପରେ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ (ଏଟିଆର) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି । ଯେଉଁଥିରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା, ସିଷ୍ଟମ ସ୍ତରୀୟ ଉନ୍ନତି ଏବଂ ନାଗରିକଙ୍କ ମତାମତ ଉପରେ ଆଲୋକପାତ କରାଯାଇଛି । ଏନେଇ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ସ୍ୱ୍ୱତନ୍ତ୍ର ଅଭିଯାନ ଗୁଣାତ୍ମକ ସେବା ପ୍ରଦାନ କରିବା ଏବଂ ସହରାଞ୍ଚଳରେ ଶେଷ ମାଇଲ ଶାସନ ସୁନିଶ୍ଚିତ କରିବା ପାଇଁ ଆମର ନିରନ୍ତର ପ୍ରୟାସର ଏକ ଅଂଶ । ଅଧିକ ସୂଚନା ପାଇଁ ନାଗରିକମାନଙ୍କୁ ସେମାନଙ୍କ ସ୍ଥାନୀୟ ପୌରାଞ୍ଚଳ କାର୍ଯ୍ୟାଳୟ ପରିଦର୍ଶନ କରିବାକୁ କିମ୍ବା ସରକାରୀ ଯୋଗାଯୋଗ ମାଧ୍ୟମ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।

# ବୌଦ୍ଧ ପର୍ଯ୍ୟଟନ, ଫାଇଦା ଉଠାଉନି ଓଡିଶା

ଭୁବନେଶ୍ୱର,(ତଥ୍ୟ) ବୌଦ୍ଧ କିର୍ତ୍ତୀଗୁଡିକୁ ପର୍ଯ୍ୟଟନ ସହ ଯୋଡି ଏଗୁଡିକର ବ୍ୟାପକ ପ୍ରଚାର ପ୍ରସାର ସହିତ ସଂରକ୍ଷଣ ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମରେ ବିପୁଳ ଅର୍ଥ ବରାଦ କରିଥିବାବେଳେ ଏଥିରୁ ଓଡିଶା ଫାଇଦା ଉଠାଇ ପାରୁନାହିଁ। ଇତି ମଧ୍ୟରେ ବୌଦ୍ଧ ପର୍ଯ୍ୟଟନ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ୩୮ଟି ଐତିହ୍ୟସ୍ଥଳୀର ସଂରକ୍ଷଣ ପାଇଁ ୨୨୫ କୋଟି ଟଙ୍କା ବରାଦ କରିଛନ୍ତି। ଅନ୍ୟ ରାଜ୍ୟମାନେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ରକୁ ଆବେଦନ କରି ଫାଇଦା ଉଠାଉଥିବାବେଳେ ଓଡିଶା ଏହି ଯୋଜନାରେ ଲାଭବାନ୍ ହେବା ତ ଦୂରରକଥା ଏଥିପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ମଧ୍ୟ ଦେଇନଥିବା ଜଣାପଡିଛି।

ଓଡିଶାରେ ବହୁ ବୌଦ୍ଧ କିର୍ତ୍ତୀରାଜମାନ ରହିଛି। ଲଳିତଗିରି, ରତ୍ନଗିରି, ଉଦୟଗିରି ଠାରୁ ଆରମ୍ଭକରି ଧଉଳି ପାହାଡ ପର୍ଯ୍ୟନ୍ତ ବୌଦ୍ଧ ସ୍ମୃତି ବିଜଡିତ ବହୁ ଐତିହ୍ୟସ୍ଥଳୀ ଓଡିଶାରେ ରହିଛି। ଏମିତିକି ଦ୍ୱିତୀୟ ବୁଦ୍ଧ ବୋଲି କୁହାଯାଉଥିବା ପଦ୍ମସମ୍ଭବଙ୍କ ଜନ୍ମଭୂମି ଓ କର୍ମସ୍ଥଳୀ ବି ଓଡିଶା ଭୂଖଣ୍ଡରେ ରହିଥିଲା। ଏହାଛଡା ରାଜ୍ୟର ବହୁ ଅଞ୍ଚଳରେ ଆଉ ଅନେକ ବୌଦ୍ଧ କିର୍ତ୍ତୀରାଜି ରହିଛି। ଏମିତିକି ଭଗବାନ ବୁଦ୍ଧଙ୍କ ପବିତ୍ର ଚିତାଭସ୍ମଭରା ପାତ୍ର ବି ଓଡିଶାରେ ଥିବା କୁହାଯାଉଛି। କଳିଙ୍ଗ ଯୁଦ୍ଧର ଭୟାବହତା ପରେ ସମ୍ରାଟ ଅଶୋକଙ୍କ ମନରେ ଯେଉଁ ପରିବର୍ତ୍ତନ ହୋଇଥିଲା ସେଥିରେ ସେ ହିଂସା ତରବାରୀର ଜୟ ବିଜୟ ନୁହେଁ ବୋଲି ଉଲ୍ଲେଖ କରିବା ସହ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ଓଡିଶାମାଟି ମଗଧର ସମ୍ରାଟଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା। ଲଳିତଗିରି ଓ ରତ୍ନଗିରି ଭଳି ଅଞ୍ଚଳରେ ସେ ସମୟରେ ନାଳନ୍ଦା ଭଳି ଶିକ୍ଷାନୁଷ୍ଠାନମାନ ମଧ୍ୟ ଗଢି ଉଠିଥିଲା। ଏମିତିକି ଓଡିଶାରେ ବୌଦ୍ଧଧର୍ମ ଓ ସଂସ୍କୃତି ଏତେ ବ୍ୟାପକ ହୋଇଥିଲା ଯେ ଭଗବାନ ବୁଦ୍ଧଙ୍କୁ ଶ୍ରୀଜଗନ୍ନାଥଙ୍କ ଅନ୍ୟଏକ ଅବତାର ଭାବେ ମଧ୍ୟ ଗ୍ରହଣ କରାଯାଇଥିଲା।

ଦେଶ ବିଦେଶରେ ବୌଦ୍ଧ ସଂସ୍କୃତି ସହ ଜଡିତ ଐତିହ୍ୟସ୍ଥଳୀଗୁଡିକୁ ବିକାଶ କରାଯିବା ଫଳରେ ସେଠାକୁ ଗବେଷକ, ବୁଦ୍ଧିଜୀବୀ ଏବଂ ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନଙ୍କ ସୁଅ ଛୁଟୁଛି। କିନ୍ତୁ ଓଡିଶାରେ ବୌଦ୍ଧ ଐତିହ୍ୟର ବହୁ ପ୍ରାଚୀନ ସ୍ମୃତି ଥିବା ସତ୍ୱେ ରାଜ୍ୟର କୌଣସି ବୌଦ୍ଧ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମରେ ସ୍ଥାନ ପାଇପାରି ନାହିଁ। ଅନ୍ୟ ରାଜ୍ୟର ବୌଦ୍ଧ ପ୍ରକଳ୍ପଗୁଡିକ ଏଥିଲାଗି କେନ୍ଦ୍ର ସରକାରଙ୍କ ଠାରୁ ବିପୁଳ ସହାୟତା ରାଶି ପାଉଥିବାବେଳେ ଓଡିଶା ସରକାର ପ୍ରସ୍ତାବ ଦେଉନଥିବାରୁ ରାଜ୍ୟର ବୌଦ୍ଧ ବିହାରଗୁଡିକ ବିକାଶ ଲାଗି କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ହୋଇଛନ୍ତି।

# ଦୁର୍ଘଟଣାରେ ପ୍ରାଣ ହରାଇଲେ ବିଜେଡି ନେତ୍ରୀଙ୍କ ସ୍ୱାମୀ

ବେତନଟୀ (ସବ୍ୟୁ): ରବିବାର ସକାଳ ସମୟରେ ଏକ ଲାଲ ରଙ୍ଗର ଦ୍ରୁତଗାମୀ କାର ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ ନିକଟରେ ଭାରସାମ୍ୟ ହରାଇ ଟୋଲଗେଟର ୩ନମ୍ବର ବୁଥ ଉପରକୁ ଚଢ଼ି ଯାଇ ଧକ୍କା ଦେବା ଯୋଗୁଁ ଜଣେ ମୃତ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାଯାଇଛି । ପ୍ରାପ୍ତ ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଭଞ୍ଜପୁର ୱାଲିଗଞ୍ଜ ଅଞ୍ଚଳର ରାଜଦୀପ ପଟ୍ଟନାୟକ ଏବଂ ଅଜୟ ନାଏକ ଓଡି -୧୧ଏମ -୬୨୧୬ ନମ୍ବର ବିଶିଷ୍ଟ ଏକ ଲାଲ ରଙ୍ଗର କାର ଯୋଗେ ଅତ୍ୟନ୍ତ ଦ୍ରୁତଗତିରେ ବାଲେଶ୍ୱରରୁ ବେତନଟୀ ଅଭିମୁଖେ ଆସୁଥିବା ବେଳେ ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଟୋଲଗେଟ ଠାରେ କାର ଉପରୁ ନିୟନ୍ତ୍ରଣ ହରାଇ ବସିବାରୁ ଦ୍ରୁତଗାମୀ କାରଟି ଟୋଲଗେଟର ତିନି ନମ୍ବର ବୁଥ ଉପରକୁ ମାଡ଼ି ଯାଇ ଧକ୍କା ଦେଇଥିଲା । ଫଳରେ ରାଜଦୀପ ପଟ୍ଟନାୟକ ଗୁରୁତର ଆହତ ହୋଇଥିବା ବେଳେ ଅଜୟ ନାଏକ ସାମାନ୍ୟ ଆହତ ହୋଇଥିଲେ । ସ୍ଥାନୀୟ ଟୋଲ କର୍ମଚାରୀ ଏବଂ ଜନସାଧାରଣ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନାକୁ ପଠାଇ ଦେଇଥିଲେ । ସେଠାରେ ରାଜଦୀପଙ୍କର ଅବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ ବାରିପଦା ମୁଖ୍ୟ



ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ସୁଦ୍ଧା ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକ ରାଜଦୀପ ବାରିପଦା ସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଭାବେ କାର୍ଯ୍ୟ ମଧ୍ୟ କରିଥିଲେ । ସେ ବିଜେଡି ନେତ୍ରୀ ଛବି ମାହାଲିଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ସନତ ପଟ୍ଟନାୟକଙ୍କ ପୁଅ ଅଟନ୍ତି। ସେ ଅଧ୍ୟାପନା ସହ ସମାଜସେବୀ , ପରୋପକାରୀ ଏବଂ ଅମାୟିକ ବ୍ୟକ୍ତିତ୍ୱ ଭାବେ ସମସ୍ତ ସଂଗଠନ ତଥା ସମସ୍ତ ବାରିପଦା ବାସୀଙ୍କ ପ୍ରିୟପାତ୍ର ହୋଇ ପାରିଥିବା ବେଳେ ତାଙ୍କର ମୃତ୍ୟୁରେ ସାରା ବାରିପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଉଥିଲା । ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏକ କ୍ରେନ ଯୋଗେ କାରଟିକୁ ଉଦ୍ଧାର କରି ଥାନା କୁ ନେଇ ଆସିଥିବା ବେଳେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୭ ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଆଇନ

# ଦଫାର ସମୀକ୍ଷା ବେଳେ ହାଇକୋର୍ଟ କମିଟିର ଉଦବେଗ

କଟକ,(ସବ୍ୟୁ): ଦେଶର ସର୍ବୋଚ୍ଚ ଅଦାଲତ 'ସତେନ୍ଦ୍ର କୁମାର ଅଜିଲ୍ ବନାମ ସିବିଆଇ' ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଯେଉଁସବୁ ଦଫାରେ ୭ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ରହିଛି ସେହିସବୁ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାନଯାଇ ନୋଟିସ୍ ଦିଆଯାଇ ଛଡ଼ାଯିବ ବୋଲି କୁହାଯାଇଛି । ଏଥିରେ କେଉଁ ଘଟଣାରେ ଗିରଫ କରାଯିବ ଏବଂ କେଉଁଥିପାଇଁ ଛଡ଼ାଯିବ ତାହା ମଧ୍ୟ ସ୍ୱଷ୍ଟ କରାଯାଇଛି । ଓଡ଼ିଶାରେ ଏହି ଆଦେଶର ଉଲଂଘନ ହେଉଥିବା ନେଇ ବହୁ ଅଭିଯୋଗ ଆସିବା ପରେ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଆଧାରରେ ଗଠିତ ହାଇକୋର୍ଟ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଆଜି ଏହି ମର୍ମରେ ହାଇକୋର୍ଟ କମିଟିର ମୁଖ୍ୟ ତଥା ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧକ୍ଷ ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ସଦସ୍ୟ ଜଷ୍ଟିସ୍ ଭି. ନରସିଂହ, ରାଜ୍ୟ ଗୃହ ବିଭାଗ ସଚିବ, ରାଜ୍ୟ ଆଇନ ବିଭାଗ ସଚିବ, ପୁଲିସ୍ ଡିଜି, ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏହି ଆଇନର କିପରି କଡ଼ାକଡ଼ି ଲାଗୁ ହୋଇପାରିବ ସେ ଦିଗରେ ନିର୍ଦ୍ଦେଶ ଦେଇଥିଲେ।

ହାଇକୋର୍ଟରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଦିଆଯାଇଥିବା ଗିରଫ ପ୍ରକ୍ରିୟା ଏବଂ ସୁପ୍ରିମ୍‌କୋର୍ଟ 'ସତେନ୍ଦ୍ର କୁମାର ଅଜିଲ ବନାମ ସିବିଆଇ'ରେ ସାତବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଥିବା

### ଗିରଫ ସଂକ୍ରାନ୍ତରେ ଗୃହ ବିଭାଗ ଅଧିକାରୀଙ୍କୁ କଲେ ସଚେତନ

ଅପରାଧରେ ପୁଲିସ୍‌ର ଗିରଫ କରିବା କ୍ଷମତା ଏବଂ ଆବଶ୍ୟକତା ସମ୍ବନ୍ଧରେ ଭର୍ଚୁଆଲ୍‌ରେ ଉପସ୍ଥିତ ଅଧିକାରୀଙ୍କୁ ସଚେତନ କରାଯାଇଥିଲା। ଏହି ଆଦେଶକୁ କଡ଼ାକଡ଼ି ଭାବେ ପୁଲିସ୍ ଅଧିକାରୀମାନେ ପାଳନ କରିବାକୁ ଉଭୟ ବିଚାରପତି ଦ୍ୱୟ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ପ୍ରକାଶିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାୟରେ ଗିରଫଦାରୀ ସଂକ୍ରାନ୍ତରେ ଯାହା ଉଲ୍ଲେଖ କରାଯାଇଛି ସେ ସଂକ୍ରାନ୍ତରେ ଉଭୟ ବିଚାରପତି ଆଲେଚନା କରିଥିଲେ । କୌଣସି ଘଟଣାରେ ଗିରଫ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଯାହାଦ୍ୱାରା ଜଣେ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ପ୍ରଭାବିତ ହୋଇଥାଏ। ତେଣୁ ଏକ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ପାଳନ କରିବା ଗୁରୁତ୍ୱ ବୋଲି ବିଚାରପତି ଦ୍ୱୟ ମତ ରଖିଥିଲେ। ଗିରଫ ପ୍ରକ୍ରିୟା ବେଳେ ଆଇନ ଅନୁମୋଦିତ ସତର୍କତା ଅବଲମ୍ବନ କରିବାକୁ ଏବଂ ଏହି ପ୍ରକ୍ରିୟାର ସଠିକତା, ବୈଧତାକୁ ପରୀକ୍ଷା କରିବା ଲାଗି ଉଭୟ ତଦନ୍ତକାରୀ ସଂସ୍ଥା ଏବଂ ନିମ୍ନ ଅଦାଲତର ବିଚାରପତିମାନଙ୍କୁ ଉଭୟ ନ୍ୟାୟମୂର୍ତ୍ତି ପରାମର୍ଶ ଦେଇଛନ୍ତି। ରାଜ୍ୟ,ନୈତିକ ତଥା ଅନ୍ୟାନ୍ୟ ଚାପରୁ ଉର୍ଦ୍ଧ୍ୱରେ ରହି ନାଗରିକଙ୍କ ସାମ୍ବିଧାନିକ ଅଧିକାରଙ୍କୁ ମାନ୍ୟତା ଦେଇ ଏହି ଦାୟିତ୍ୱ ସମ୍ପାଦନ କରିବା ଆବଶ୍ୟକ । ନାଗରିକଙ୍କ ଅଧିକାରର ସୁରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତ ଯେଉଁସବୁ ରାୟ ଦେଇଛନ୍ତି ସେସବୁର ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହେବ ସେ ଦିଗରେ ରାଜ୍ୟ ଗୃହ ଏବଂ ଆଇନ ବିଭାଗ ସଚିବଙ୍କ ସହ ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଭି. ନରସିଂହ ଆଲୋଚନା କରିଥିଲେ ।

ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ବୈଠକରେ ଗୃହ ବିଭାଗ ସଚିବ, ଆଇନ ବିଭାଗ ସଚିବ, ପୁଲିସ୍ ଡିଜିଙ୍କ ସମେତ ସମସ୍ତ ରେଞ୍ଜର ଆରକ୍ଷୀ ନିରୀକ୍ଷକ, ସମସ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଦୌରାଜଜ୍, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ହାଇକୋର୍ଟର ରେଜିଷ୍ଟ୍ରାର, ରାଜ୍ୟ ଆଇନସେବା ପ୍ରାଧିକରଣ ଉପ ସଚିବ ଏବଂ ସହ ସଚିବ

## ହୀରାକୁଦ ସେଚାଞ୍ଚଳ ଉନ୍ନୟନ ଯୋଜନା

# ୮୧୭ କରନାଳୀର ହେବ ପୁନରୁଦ୍ଧାର

ଭୁବନେଶ୍ୱର (ସବ୍ୟୁ): ହୀରାକୁଦ ସେଚାଞ୍ଚଳ ଉନ୍ନୟନ ଯୋଜନାରେ ଏହାର ସେଚାଞ୍ଚଳକୁ ସୁଷମ ଜଳ ବଣ୍ଟନ ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ଦୀର୍ଘଦିନ ଧରି ଅବହେଳିତ ହୋଇ ପଡିଥିବା ହୀରାକୁଦ ସେଚାଞ୍ଚଳର କରନାଳୀଗୁଡ଼ିକର ନବୀକରଣ ସକାଶେ ୮୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ହୀରାକୁଦ ସେଚାଞ୍ଚଳ ଉନ୍ନୟନ ନାମରେ ଏକ ନୂତନ ଯୋଜନାକୁ ରାଜ୍ୟ ସରକାର କ୍ୟାବିନେଟରେ ଅନୁମୋଦନ କରିଥିଲେ, ଯାହାକି କାର୍ଯ୍ୟକାରୀ କରାଯାଉଛି । ଏହା ଫଳରେ ହୀରାକୁଦ ସେଚାଞ୍ଚଳରେ ଥିବା ୧୫୧୦ କିମି ବିଶିଷ୍ଟ ୮୧୭ଟି କରନାଳୀର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛ ।

ଚଳିତ ସରକାର କ୍ଷମତାକୁ ଆସିବା ମାତ୍ରେ ଚାଷୀଭାଇ ମାନଙ୍କର ଉକ୍ତ ସମସ୍ୟାକୁ ଅନୁଧ୍ୟାନ କରି ତାର ସମାଧାନର ସୂତ୍ର ଖୋଜିବାକୁ ଲାଗିପଡିଲେ । ଏତେବର୍ଷ ଧରି ଅବହେଳିତ ହୋଇ ପଡିଥିବା କରନାଳୀ ଗୁଡିକର ନବୀକରଣ ସକାଶେ ୮୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ହୀରାକୁଦ

**ନବୀକରଣ ଲାଗି ୮୫୫ କୋଟି ଟଙ୍କା ବ୍ୟୟ ଅଟକଳ**

ସେଚାଞ୍ଚଳ ଉନ୍ନୟନ ନାମରେ ଏକ ନୂତନ ଯୋଜନାକୁ କ୍ୟାବିନେଟରେ ଅନୁମୋଦନ କଲେ । ଏହି ଯୋଜନାର ମୂଳ ଉଦ୍ଦେଶ୍ୟଗୁଡିକ ହେଲା, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଆସୁଥିବା କରନାଳୀଗୁଡ଼ିକୁ ଯଥାକ୍ରମେ ମାଇନର ଓ ସବ୍-ମାଇନର ନାମରେ ନାମିତ କରାଯିବା ସହିତ ସମସ୍ତ କରାନାଳୀଗୁଡ଼ିକର ଉନ୍ନତିକରଣ କରି କଂକ୍ରିଟ ଲାଇନିଙ୍ଗ ଓ ଉକ୍ତ କରନାଳୀ ମାନଙ୍କରେ ଥିବା ନିର୍ମାଣଗୁଡ଼ିକର ନବୀକରଣ କରାଯାଇ ଜଳ ପରିଚାଳନାର ସ୍ଥିରତା ସୁନିଶ୍ଚିତ କରିବା । କେନାଲ ଗୁଡିକର ଜଳସେଚନ କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ସହିତ ବଣ୍ଟନ ବ୍ୟବସ୍ଥାରେ ହେଉଥିବା କ୍ଷତିକୁ ହ୍ରାସ କରି ତଳମୁଣ୍ଡରେ ଜଳର ଉପଲବ୍ଧତା ବୃଦ୍ଧି କରାଇବା । ଆହୁରି ମଧ୍ୟ ସୃଷ୍ଟି ହୋଇଥିବା ସେଚ ସାମର୍ଥ୍ୟ ଏବଂ ବ୍ୟବହାର ହେଉଥିବା ସେଚ ସାମର୍ଥ୍ୟ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା । କେନାଲର ସିପେଜ୍ ହେତୁ ଅନୁପଯୁକ୍ତ ହେଉଥିବା ଜଳମଗ୍ନ ଚାଷଜମିଗୁଡ଼ିକୁ ପୁନରୁଦ୍ଧାର କରିବା ।

ହୀରାକୁଦ ସେଚାଞ୍ଚଳରେ ଉଭୟ ରବି ଓ ଖରିଫ ଋତୁରେ ଜଳଯୋଗାଣ କରାଯାଇଥାଏ । ଏହାକୁ ଆଖି ଆଗରେ ରଖି, ଉକ୍ତ କାର୍ଯ୍ୟକୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ୩୧ଟି ପ୍ୟାକେଜରେ ବିଭକ୍ତ କରାଯାଇଛି । ଉକ୍ତ ପ୍ୟାକେଜ ଗୁଡ଼ିକର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି । ଏହି ଯୋଜନା ସଂପୂର୍ଣ୍ଣ ହେଲେ ସମସ୍ତ ହୀରାକୁଦ ସେଚାଞ୍ଚଳକୁ ସୁଷମ ଜଳ ବଣ୍ଟନ ହୋଇପାରିବ । ଏହା ସହିତ ଉନ୍ନତିକରଣ ଫଳରେ ପୂର୍ବରୁ ଯେଉଁ ଜଳ ନଷ୍ଟ ହୋଇ ଭୂତଳ ବା ନଦୀ ନାଳକୁ ବୋହି ଯାଉଥିଲା ତାହା ଏବେ ସଂରକ୍ଷିତ ହୋଇ ରହିବ । ଏହା ଦ୍ୱାରା ଅଧିକ ନୂତନ ଜମିକୁ ଜଳସେଚନର ସୁବିଧା ଭବିଷ୍ୟତରେ ଯୋଗାଇ ଦିଆଯାଇପାରିବ ।

### ବାଇକ ଡିକିରୁ ୨୦ ହଜାର ଲୁଟ

ନିମାପଡା,(ସବ୍ୟୁ) : ଶନିବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି ନିମାପଡାର ଏକ ବ୍ୟାଙ୍କରୁ ୨୦ ହଜାର ଟଙ୍କା ଉଠାଇ ବାଇକ ଡିକିରେ ରଖି ବଜାରରୁ ଫଳ କିଣୁଥିବା ସମୟରେ କେହି ଲୁଟେରା ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବଳଙ୍ଗା ଥାନା ବେରବୋଇ ଗ୍ରାମର ବିଦ୍ୟାଧର ପରିଡା ନିମାପଡା ବଜାରରେ ଥିବା ସେଂଟ୍ରାଲ ବ୍ୟାଙ୍କରୁ ୨୦ ହଜାର ଟଙ୍କା ଉଠାଣ କରି ନିଜ ବାଇକ ଡିକିରେ ରଖିଥିଲେ। ପରେ ବଜାରରେ ଥିବା ଏକ ଫଳ ଦୋକାନ ସାମ୍ନାରେ ବାଇକ ରଖି ଫଳ କିଣୁଥିବା ବେଳେ ଡିକି ଭାଙ୍ଗି କେହି ଲୁଟରା ୨୦ ଟଙ୍କା ନେଇ ପଳାଇଛି। ଏସଂପର୍କରେ ବିଦ୍ୟାଧର ନିମାପଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବିଶ୍ୱ ଯୁବ ଦକ୍ଷତା ଦିବସରେ ଦୀକ୍ଷା ଭାରତର

# ଗ୍ରାମାଞ୍ଚଳରେ ଦକ୍ଷତାର ରୂପାନ୍ତରଣକାରୀ ଶକ୍ତିକୁ ପାଳନ କରୁଛି

ଭୁବନେଶ୍ୱର (ସବ୍ୟୁ): ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହନ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ତାହାର ପ୍ରମୁଖ ଦକ୍ଷତା ବିକାଶ ପ୍ରୟାସ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ୍ ହାର୍‌ନେସିଂ) ଜରିଆରେ ଭାରତର ଗ୍ରାମାଞ୍ଚଳରେ ଜୀବନରେ ରୂପାନ୍ତରଣ ଆଣୁଛି। ଏହାର ରାଜଗାଙ୍ଗପୁର କେନ୍ଦ୍ରରେ ଦୀକ୍ଷା ସ୍ଥାନୀୟ ଯୁବବର୍ଗଙ୍କୁ ଶିଳ୍ପ ଉପଯୋଗୀ ଦକ୍ଷତାରେ ସୁସଜ୍ଜିତ କରି ସେମାନଙ୍କୁ ସଶକ୍ତ କରିବା ସହିତ ସେମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଇଜ୍ଜତ ଏବଂ ସ୍ୱାବଲମ୍ବୀ ଭାବରେ ଜୀବନ ନିର୍ବାହ କରିବାର ସୁଯୋଗ ଲାଭ କରିବାରେ ସହାୟତା କରୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଓଡ଼ିଶାର ସୁନ୍ଦରଗଡର ୧୯ ବର୍ଷ ବୟସ୍କା ଦୀପ୍ତି ଲାକ୍ରା। ଆର୍ଥିକ ନିଅଣ୍ଟ ତାଙ୍କୁ କଲେଜରୁ ଅଧାରୁ ପାଠ ଛାଡିବାକୁ ବାଧ କରିଥିଲା ଯାହା ତାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଥିଲା। ଦୀପ୍ତି ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କେନ୍ଦ୍ରର ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ପାଠ୍ୟକ୍ରମରେ ଯୋଗଦେଲେ, ଯେଉଁଠାରେ ସେ



କ୍ଷେତ୍ରସ୍ତରରେ ତାଲିମ ନେବା ସହିତ ଶିଳ୍ପ କ୍ଷେତ୍ର ସହିତ ସଂସ୍ପର୍ଶରେ ଆସିଲେ ଏବଂ ତାଙ୍କୁ ସେଠାରେ ନିଯୁକ୍ତି ନିମନ୍ତେ ସମର୍ଥନ ମିଳିଲା। ଆଜି ସେ ବର୍ଷକୁ ୨.୬୪ ଲକ୍ଷ ଟଙ୍କା ଦରମାରେ ହାଇଦ୍ରାବାଦରେ ଚାକିରୀ କରୁଛନ୍ତି ଏବଂ ତାଙ୍କ ପରିବାରକୁ ସମର୍ଥନ ଯୋଗାଇ ଦେଉଛନ୍ତି। ଏଥିସହିତ ସେ ଗ୍ରାମର ଯୁବତୀମାନଙ୍କୁ ସେମାନଙ୍କର ଭବିଷ୍ୟତ ଗଢିତୋଳିବା ନିମନ୍ତେ ପ୍ରେରଣା ଦେଉଛନ୍ତି। ଆଜି ସୁଦ୍ଧା ଏହା ନିଜର ରାଜଗାଙ୍ଗପୁର କେନ୍ଦ୍ରରେ ୧୮୮୦ରୁ ଅଧିକ ଯୁବବର୍ଗଙ୍କୁ ସ୍ୱାସ୍ଥ୍ୟସେବା, ବୈଦ୍ୟୁତିକ, ସିଲେଇ ମେସିନ ଅପରେଟର, ଗ୍ରାହକ ସମ୍ପର୍କ ପରିଚାଳନା (କଷ୍ଟମର ରିଲେସନ୍‌ସିପ ମ୍ୟାନେଜମେଣ୍ଟ) ଏବଂ ୱେର୍‌ହାଉସ ଏକ୍‌ଜିକ୍ୟୁଟିଭ ଆଦି ବିଭାଗରେ ତାଲିମ ପ୍ରଦାନ କରିସାରିଛି। ଅଶୋକ କୁମାର ଗୁପ୍ତା, ସିଇଓ, ଡାଲମିଆ ଭାରତ ଫାଉଣ୍ଡେସନ କହିଥିଲେ, "ବିଶ୍ୱ ଯୁବ ଦକ୍ଷତା ଦିବସରେ ଆମେ ଏହା ସ୍ମରଣ କରୁଛୁ ଯେ ସଠିକ ଦକ୍ଷତା ସହିତ ତୃଣମୂଳ ସ୍ତରରୁ ଆମର ଯୁବବର୍ଗଙ୍କୁ ସଶକ୍ତ କରାଯିବା ସହିତ ଆତ୍ମନିର୍ଭର ଭାରତ ନିର୍ମାଣ ଆରମ୍ଭ ହେଉଛି। ଡାଲମିଆ ଭାରତରେ ଆମେ ଏକ ସୁଦୃଢ଼ ଏବଂ ଅଧିକ ସ୍ୱାବଲମ୍ବୀ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରାକ୍ଟିକାଲ ତାଲିମ ଜରିଆରେ ବାସ୍ତବ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛୁ।

# ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ ମହାପାତ୍ରଙ୍କ ପରଲୋକ

ଭଦ୍ରକ, (ସବ୍ୟୁ) : ଭଦ୍ରକ କୁଆଁସ ନିବାସୀ ତଥା ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ଗତ କିଛି ମାସ ହେବ ସେ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ଜଣେ ଦକ୍ଷ ଅଧିକାରୀ ସହ ଜଣେ ମେଳାପୀ ମଣିଷ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ଜଣେ କବି । ସେ ଓଡିଆ ଓ ଇଂରାଜୀରେ ଏକାଧିକ କବିତା ରଚନା କରିଛନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସାବିତ୍ରୀ ମହାପାତ୍ର, ଏକମାତ୍ର କନ୍ୟା ତପସ୍ୱିନୀ ଗୋସ୍ୱାମୀ, ଅନୁଜ ଅନ୍ନଦା ମହାପାତ୍ର,



ସଞ୍ଜୟ ମହାପାତ୍ର, କମଳିନୀ ମହାପାତ୍ର, ଲେଖା ମହାପାତ୍ରଙ୍କ ସହ ପୁତୁରା ଦେବାଶିଷ, ଅଭିଷେକ, ଅଭିଳାଷ ପ୍ରମୁଖ ପୁରା ପରିବାର ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ । ଖବର ପାଇ ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର, କୁନା ମହାନ୍ତି, ଆଶୀଷ ରାଉତ, ଶିକ୍ଷକ ରବିନ୍ଦ୍ର କୁମାର ଦାଶ, ଜିଆରପି ଏସ୍‌ଆଇ ରଘୁନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ କୁଆଁସ ଗାଁ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ପୁତ୍ର ଅମରେଶ ମହାପାତ୍ର ମୁଖାଗ୍ନି ଦେଇଥିଲେ ।

### ଓଟିଇଟି ପରୀକ୍ଷା ପେପର ଲିକ୍ ଘଟଣାରେ ଛାତ୍ର କଂଗ୍ରେସର ପ୍ରତିକ୍ରିୟା

ଭୁବନେଶ୍ୱର,(ସବ୍ୟୁ) : ଓଟିଇଟି ପରୀକ୍ଷା ହଠାତ୍ ରଦ୍ଦ ହୋଇଥିବା ଓ ତାହାର ପ୍ରଧାନ କାରଣ ହେଉଛି ପେପର ଲିକ୍ ଘଟଣା । ଯାହା ଗମ୍ଭୀର ଭାବେ ଦୁଃଖଦ ଏବଂ ଲଜ୍ଜାଜନକ ।ଏହା କୋଠଣସି ମଜାକ ନୁହେଁ । ଏହା ୭୫ହଜାର ଛାତଛାତ୍ରୀଙ୍କ ସ୍ୱପ୍ନ ଓ ଭବିଷ୍ୟତ ସହ ବିକୃତି । ଏହି ଘଟଣା ଫଳରେ ଅନେକ ଅଭ୍ୟାସକାରୀ ଓ ତାଙ୍କ ପରିବାର ମାନସିକ ଓ ଆର୍ଥିକ ଭାବେ ଦୁଃଖିତ ହୋଇଛି । ଏହି ପ୍ରକାରର ଅନୁଶାସନହୀନତା ଏବଂ ଦୁର୍ନୀତି ପ୍ରତି ଏନ୍‌ଏସ୍‌ୟୁଆଇର ଛାତ୍ର ସଭାପତି ଉଦିତ ପ୍ରଧାନ ତୀବ୍ର ନିନ୍ଦା କରିଛନ୍ତି । ଯେଉଁମାନେ ଏହି ଅପରାଧରେ ସଂଲଗ୍ନ, ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଏବଂ କଠୋର ଆଇନାନୁଷ୍ଠାନ ନିଆଯାଉ । ଏହା ଏକ ଲୋକତାନ୍ତ୍ରିକ ବ୍ୟବସ୍ଥା ଓ ଶିକ୍ଷା ପ୍ରଣାଳୀ ପ୍ରତି ଆଶା ଓ ବିଶ୍ୱାସ ଉପରେ ଆଘାତ ବୋଲି ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛି ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା ଗଡିଶାଗୋଦା ଥାନା ଅନ୍ତର୍ଗତ ଶ୍ରୀମକୁନ୍ଦପୁର ଗ୍ରାମର ଅକ୍ଷୟ ନାୟକ ବୟସ (୫୦) ସେ ରୁପୁରିଙ୍ଗ ପାଣି ଟାଙ୍କିରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ଶନିବାର ପ୍ରାୟ ରାତି ୮ ଟା ସମୟରେ ନୂଆ ଜଗନ୍ନାଥ ସଡ଼କରେ ଏକ ଅଜଣା ଗାଡ଼ି ଧକ୍କା ଦେବାକୁ ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କଣାସ ମେଡ଼ିକାଲକୁ ନେଇଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ଭାଇ ସୁକାନ୍ତ ନାୟକ ଗଡିଶାଗୋଦା ଥାନା ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୧୧୭/୨୦୨୫ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁଧୀର କୁମାର ଦାସ ସୂଚନା ଦେଇଛନ୍ତି ।

### ବାଇକ୍ ଧକ୍କାରେ କାଉଡିଆ ଆହତ

ଖୋର୍ଦ୍ଧା,(ସବ୍ୟୁ): ଶିଳ୍ପାଂଚଳ ଥାନା ଅନ୍ତର୍ଗତ ନିଆଳ ନିକଟରେ ବାଇକ ଦୁର୍ଘଟଣାରେ ଜଣେ କାଉଡିଆ ଆହତ ହୋଇଛନ୍ତି। ଏଥିସହିତ ଦୁର୍ଘଟଣା ଘଟାଇଥିବା ବାଥକ୍ ଆରୋହୀ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି । ଆହତ କାଉଡିଆ ହେଲେ ଜଟଣୀ ଥାନା ଅନ୍ତର୍ଗତ ବଡତୋଟା ର ଶିବଶଙ୍କର ରାଉତରାୟ (୪୦), ବାଇକ୍ ଆରୋହୀ ହେଲେ ମୁକ୍ତାପୁର ଅଂଚଳ ର ସୌମେନ୍ଦ୍ର ବେହେରା। ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳଲାଗି ପାଇଁ ଶିବଶଙ୍କର ମାନସିକ କରି ଯାତ୍ରା ଆରମ୍ଭ କରିଥିଲେ। ସେ ବାଙ୍କୀ ଘାଟରୁ ପାଣି ଧରି ଜଟଣୀ ସୋମନାଥ ଦେବଙ୍କ ପୀଠ ଅଭିମୁଖେ ଆଜି ସନ୍ଧ୍ୟାରେ ଯାତ୍ରା କରୁଥିଲେ।ରାତିପାହିଲେ ଦ୍ୱିତୀୟ ସୋମବାର ରେ କରିଥାନ୍ତେ ଜଳଲାଗି। ମାତ୍ର ଯାତ୍ରା ସମୟରେ ନିଆଳ ନିକଟରେ ତାଙ୍କର ଦୁର୍ଘଟଣା ଘଟିଥିଲା। ଖୋର୍ଦ୍ଧା ପାର୍ଶ୍ୱରୁ ମୁକ୍ତାପୁର ଅଭିମୁଖେ ଯାଉଥିବା ସୌମେନ୍ଦ୍ରଙ୍କ ବାଇକ ଭାରସ୍ୟାମ ହରାଇ ଶିବଶଙ୍କରଙ୍କୁ ଧକ୍କା ଦେଇଥିଲା। ଏଥିରେ ଶିବଶଙ୍କର ଙ୍କର ଗୋଡ ରେ ଆଘାତ ଲାଗିଛି। ଘଟଣାସ୍ଥଳରୁ ବାଇକ ଆରୋହୀ ସୌମେନ୍ଦ୍ର ତାଙ୍କୁ ଅଟୋ ରେ ମେଡିକାଲ ନେଇ ଚିକିତ୍ସା କରାଇଥିବା ଜଣାଯାଇଛି। ଦୁର୍ଘଟଣାରେ ବାଇକ ଆରୋହୀ ସୌମେନ୍ଦ୍ର ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ପହଁଚି ବାଇକ୍ କୁ ଜବତ କରି ତଦନ୍ତ ଚଳାଇଛି।

# ଖୋର୍ଦ୍ଧାଜିଲ୍ଲା ରେ ଖରିଫ ଧାନ ପଞ୍ଜିକରଣ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା, (ସବ୍ୟୁ): ଚଳିତ ୨୦୨୫ ଖରିଫ ଚାଷ ନିମନ୍ତେ ଚାଷୀ ମାନଙ୍କ ପଞ୍ଜିକରଣ ଚଳିତ ମାସ ୧୯ ତାରିଖରୁ ଠାରୁ ପ୍ରାଥମିକ କୃଷି ସମବାୟ ସମିତିସ୍ତରରେ ଆରମ୍ଭ କରାଯାଇଛି। ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ମାର୍ଗଦର୍ଶିକା ଅନୁଯାୟୀ କରାଯିବ? ଯେଉଁଥିରେ ସମସ୍ତ ଚାଷୀ ସେମାନଙ୍କର ନାମ ନୂତନ ଭାବେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିପାରିବେ। ପଞ୍ଜିକରଣ ନିମନ୍ତେ ଚାଷୀ ମାନଙ୍କର ଇ-କେୱାଇସି ମାଧ୍ୟମରେ ଆଧାର ଭେରିଫିକେସନ କରାଯିବ ଓ ଧାନ ବିକ୍ରୟ ପ୍ରାପ୍ୟ ବାବଦକୁ ଚାଷୀର ଆଧାର ଲିଙ୍କ ଥିବା ବ୍ୟାଙ୍କ ଆକାଉଁଟ ମାଧ୍ୟମରେ ପ୍ରଦାନ କରାଯିବ। ପଞ୍ଜିକରଣ ଜୁଲାଇ ୧୯ତାରିଖ ଠାରୁ ଆରମ୍ଭ କରାଯାଇ ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ପଞ୍ଜିକୃତ ଚାଷୀ ମାନଙ୍କୁ ଏକ ରସିଦ ପ୍ରଦାନ କରାଯିବ ଯେଉଁଥିରେ ଚାଷୀ ଦେଇଥିବା ଜମିର ପରିମାଣ ସମ୍ବନ୍ଧରେ ଉଲ୍ଲେଖ କରାଯିବ। ପଞ୍ଜିକରଣ ନିମନ୍ତେ ପ୍ୟାକ୍ସ ସମ୍ପାଦକ ଓ ଡାଟାଏଁଟ୍ରି ଅପରେଟରମାନଙ୍କୁ ୧୮ ତାରିଖ ଦିନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ସମବାୟ ସମିତି ଉପ-ସହକାରୀ ନିବନ୍ଧକ ଅଳକାନନ୍ଦା ଜେନା, ସହକାରୀ ନିବନ୍ଧକ ଭଗବତ ମାରାଣ୍ଡି, ଅତିରିକ୍ତ ଜ଼ିଲ୍ଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ସହ ଟ୍ରେନର୍ ରଶ୍ମିତ କୁମାର ଉପସ୍ଥିତ ରହି ସମସ୍ତ ଚାଷୀଙ୍କର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜିକରଣ ସମ୍ପୂର୍ଣ୍ଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଖୋର୍ଦ୍ଧା ବ୍ଲକ କାଇପଦର ସେବା ସମବାୟ ସମିତି ସମ୍ପାଦକ ଝଜ ସାମନ୍ତରାୟ, ବିଶ୍ୱନାଥ ମହାରଣା, ଖୋର୍ଦ୍ଧା ଓ ପଲ୍ଲାତୋଟାପଡା ର ନିତ୍ୟାନନ୍ଦ ଦାଶ, ଆର.ଏମ. ସି. ବାଲୁଗାଁ, ସମ୍ପାଦକ ଅନିଲ କୁମାର ରାଉତ, ଜ୍ୟୋତିର୍ମୟୀ ଲେଙ୍କା, ସାଗରିକା ପରିଡ଼ା, ସୁଚିସ୍ମିତା ସାହୁ, କାର୍ତିକ ପ୍ରଧାନ, ସୁବାସ ପରିଡା, ରୋହିତ ପଟ୍ଟନାୟକ, ବିଭୂତି ସେନାପତି, ବୁଧିବାମନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ତିନି ଦିନିଆ ଅଧ୍ୟାପକ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର (ସବ୍ୟୁ): ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଆସୋସିଏସନ ଅଫ ଇଣ୍ଡିଆନ ମ୍ୟାନେଜେମେଣ୍ଟ ସ୍କୁଲର ମିଳିତ ଉଦ୍ୟମ ରେ ତିନି ଦିନିଆ ଅଧ୍ୟାପକ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱର ର କଳିଙ୍ଗ ଷ୍ଟାଡିଅମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଘାଟନି ସମାରୋହକୁ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆନ୍ୟ ତମ ଏତିଥି ଭାବେ ମିଡ଼ ସ୍ୱେଡେନ ବିଶ୍ୱବିଦ୍ୟାଳୟ ର କୌସ୍ତବ ଦଲାଲ ଓ ଶ୍ରୀ ଶ୍ରୀ ୟୁନିଭେର୍ସିଟି କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚିତନ୍ୟ ଜି ସାନମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତି ରେ ଅଧ୍ୟାପକ ଏବଂ ଆଦ୍ୟାପିକା ମାନେ ନିଜର ସ୍ୱାସ୍ଥ୍ୟର ଉର୍ନତି ତଥା ମାନସିକ ସ୍ତରରେ ଖୁସି ରହିବା ପାଇଁ ଯୋଗ, ଆଧାତ୍ମିକତା, ଉପଯୁକ୍ତ ଖାଦ୍ୟ ଖାଇବା,ସମୟ




ଅନୁସାରେ ଶରୀର ର ଉପଯୁକ୍ତ ଚିକିଚ୍ଛା କରାଇବାଦ୍ୱାରା ନିଜକୁ ସୁସ୍ଥ ରଖିବା ଅତ୍ୟନ୍ତ ଆବଶ୍ୟକ । ଏହାଦ୍ୱାରା ଦୈନନ୍ଦିନ ଆପଣଙ୍କର କାର୍ଯ୍ୟ ଶୈଳୀ ରେ ପ୍ରକ୍ରିୟାକୁ ବୃଦ୍ଧି କରିବା ସହ ସକାରାତ୍ମକ ଚିନ୍ତାଧାରା ତଥା ଜୀବନ ଶୈଳୀ ରେ ପରିବର୍ତନ ଆସିପାରିବ । ଏହି ଶିବିର ଦ୍ୱାରା ଆପଣ ଶିଖିଥିବା ପ୍ରଣାଳୀ ଗୁଡ଼ିକ ଛାତ୍ର ଛାତ୍ରୀ ମାନଙ୍କୁ ସେମାନନକର ପଠନ ପଦ୍ଧତି ରେ ସହାୟକ ହବ ବୋଲି ମୁଖ୍ୟ ଅଥିଥି ନିଜର ମତାମତ ରଖିଥିଲେ । ଭାରତ ଭଳି ଏକ ସର୍ବ ପୁରାତନ ବିକଶିତ ଦେଶ ରେ ପୋଥି ପୁରଣରେ ଯୋଗ ଶିଖା ର ବର୍ଣନା ଏବଂ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ ପ୍ରଫେସର କୌସ୍ତବ ଦଲାଲ । ଏହି ପ୍ରଶିକ୍ଷଣ ଶିବିର ରେ ମୁଖ୍ୟତଃ ତିନୋଟି ପର୍ଯ୍ୟାୟ ରେ ଯଥା ମାନସିକ, ସ୍ୱାସ୍ଥ୍ୟ ଏବଂ ଖୁସି ଉପରେ ଆଧାରିତ ଟ୍ରେନିଂ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ର ଉଦଯାପନୀ ସଭା ରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଅଶୋକ ମହାପାତ୍ର ଯୋଗ ଦେଇଥିଲେ। ଏମ୍ସର ପୂର୍ବାଞ୍ଚଳ ଉପସଭାପତି ଇଂ ସରୋଜ କୁମାର ସାହୁ, ଏମ୍ସ ଓଡିଶା ଚାପ୍ଟରର ଅଧକ୍ଷ ପ୍ରଫେସର ଅନୁପ କୁମାର ସାମନ୍ତରାୟ ଯୋଗଦେଇଥିଲେ ।

# ଶ୍ରୀ ସତ୍ୟସାଇ ବାଳବିକାଶ ଲେଖକ ସମାରୋହ

କଟକ, (ସବ୍ୟୁ): ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ ଓଡ଼ିଶାର ୧୮ ତମ ପ୍ରତିଷ୍ଠା ଦିବସ ଓ ଷଷ୍ଠ ଶ୍ରୀସତ୍ୟସାଇ ବାଳବିକାଶ ଲେଖକ ଆଧ୍ୟାତ୍ମିକ ଭକ୍ତିପୂର୍ଣ୍ଣ ପରିବେଶରେ ସାଇ ଜନନୀ ଠାରେ ଅନୁଷ୍ଠିତ ହୋଇଯାଇଛି । ବେଦପାଠ ପରେ ଓଡ଼ିଶା ଭଜନ ଗ୍ରୁପ ପକ୍ଷରୁ ସାଇ ଗାୟତ୍ରୀ ଓ ସ୍ୱତନ୍ତ୍ର ପ୍ରଶାନ୍ତି ଭଜନ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଗଠନର ଜାତୀୟ (ପୂର୍ବମଣ୍ଡଳ) ସଭାପତି ନାରାୟଣ ପ୍ରସାଦ ସର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିବାବେଳେ ରାଜ୍ୟ ପୁସ୍ତକ ଓ ପ୍ରକାଶନ ନ୍ୟାସର ଆବାହକ ବିଜୟ କୁମାର ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଦସ୍ୟ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଇ ସାହିତ୍ୟ ପାଠକ ପାଠିକା, ଡକ୍ଟର ହରିକ୍ରୀଷ୍ଣ ଦାସ, ଦୁଷ୍ମନ୍ତ କୁମାର ସାହୁ, ମିହିର କୁମାର ସାହୁ, ବିଷ୍ଣୁ ମୋହନ ନାୟକ,ବେଦପ୍ରକାଶ ନାୟକ, ପ୍ରଭାତି ଦାସ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପ୍ରଭା ରାୟ, ଡକ୍ଟର ନୟନତାରା ଛୋଟରାୟ, ନିହାରିକା କାନୁନଗୋ ପ୍ରମୁଖ ପାଠକୀୟ



ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ । ସନାତନ ସାରଥୀ ସମ୍ପାଦକୀୟ ଅଭିମତ ପ୍ରଦାନ କରିଥିଲେ ସୁଧାଂଶୁ କୁମାର ନାୟକ ଓ ବାଳବିକାଶ ସଂପାଦକୀୟ ଅଭିମତ ସଚ୍ଚିଦାନନ୍ଦ ନନ୍ଦଙ୍କ ପକ୍ଷରୁ ମିହିର କୁମାର ସାହୁ ।

ଏହି ଅବସରରେ ପୁରସ୍କୃତ ପ୍ରତିଭା ଭାବେ ଅଭିଲିପ୍ସା ବେହେରା, ରୁଦ୍ର ସଣ୍ଡିଲ, ସାଇ ସର୍ମିଷ୍ଠା ଦାସ, ପ୍ରିନ୍ସ ପୁନ୍ୟାନ୍ସ ଦାସ, ଗାରିମା ପଟେଲ, ସାଇ ଅର୍ପିତ ନାୟକ, ଗଣେଶ୍ୱର ପାତ୍ର, ଶିତିକଣ୍ଠ ସାମଲ, ସୁନୀଲ ଶ୍ରେଷ୍ଠ ପ୍ରମୁଖ ସମ୍ମାନୀତ ହୋଇଥିଲେ। ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ ଟ୍ରଷ୍ଟି ପିତାମ୍ବର ମିଶ୍ର, ବିଜୟ କୁମାର ମଲ୍ଲିକ, ମିହିର କୁମାର ସାହୁ ।ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ ଉଦ୍‌ଯାପନୀ ଭାଷଣ ପ୍ରଦାନ କରିଥିଲେ, ଟ୍ରଷ୍ଟି ରମେଶ ଚନ୍ଦ୍ର ପାତ୍ର କୃତଜ୍ଞାପନ କରିଥିବାବେଳେ ମଙ୍ଗଳ ଆରତୀ ଅର୍ପଣ କରିଥିଲେ ପୂର୍ବତନ ରାଜ୍ୟ ସଭାପତି ପ୍ରଫେସର ଡକ୍ଟର ହରିକ୍ରୀଷ୍ଣ ଦାସ । କାର୍ଯ୍ୟକ୍ରମରେ ପୁରୀର ପୂର୍ବତନ ଜିଲ୍ଲା ସଭାପତି ଦୁସ୍ମନ୍ତ ଭାଇ, ପୁଷ୍ପଲତା ଦାସ, ଶିକ୍ଷାବିତ ଡକ୍ଟର ସୁରେଶ କୁମାର ନାୟକ, ଆଇନଜୀବୀ ପ୍ରକାଶ କୁମାର ନାୟକ,କଣ୍ଠଶିଳ୍ପୀ ହେମନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ସ୍ୱରୂପ ସନ୍ଧାନ ଲୋକାର୍ପିତ

କଟକ,(ସବ୍ୟୁ): ପରମ ପ୍ରେମମୟ ଶ୍ରୀକୃଷ୍ଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚେତନାଧର୍ମୀ ଗବେଷଣାଭିତ୍ତିକ ପୁସ୍ତକ ସ୍ୱରୂପ ସନ୍ଧାନ ଲୋକାର୍ପିତ ହୋଇଛି । ସିଡ଼ିଏ ସାଇବିଥି ଠାରେ ଅନୁଷ୍ଠିତ ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମକୁ ଦିଗଦର୍ଶନ ଦେଇଥିଲେ ଶିକ୍ଷାବିତ ରାଜରଶ୍ମୀ ଦାସ । ଡକ୍ଟର ଜୟଦେବ ମୁଖୋପାଧ୍ୟାୟଙ୍କ ମୂଳ ରଚିତ ଓ ସୁନାମଧନ୍ୟ ଆଧ୍ୟାତ୍ମିକ ଗବେଷକ ନାରାୟଣ ମୋହନ ଦାସଙ୍କ ଓଡ଼ିଆ ରୂପାୟନ ହୋଇଥିବା ଏହି ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମରେ ବର୍ଷୀୟାନ ସାଇ ଆଶ୍ରିତ ଶୈଳବାଳା ଭୂୟାଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବେ କଣ୍ଠଶିଳ୍ପୀ ଅନୁପମା ଭୂୟାଁ, ଇଂ.ପ୍ରକାଶ କୁମାର ଭୂୟାଁ ଯୋଗ ଦେଇଥିଲେ । ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ କାର୍ଯ୍ୟକ୍ରମର ସଂଯୋଜନା କରି ପୁସ୍ତକଟି ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ପାଇଁ ଏକ ମହାର୍ଘ ଉପହାର ବୋଲି ମତବ୍ୟକ୍ତ କରିଥିଲେ ।

## ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

# ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଆଜି ଅର୍ଥାତ ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଞ୍ଚାଇ ଦିଆଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି । ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ଡ଼ ମହାନ୍ତି ଅଭିଯୋଗ କରିଥିଲେ । ସେ କହିଥିଲେ, ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି । ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ସୁଶାସନ ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ପରୀକ୍ଷାଟିଏ ସୁରୁଖୁରୁରେ ଆୟୋଜିତ କରିବାରେ ସକ୍ଷମ ହୋଇନାହାନ୍ତି ।

ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷା ବିଭିନ୍ନ କାରଣରୁ ଘୁଞ୍ଚାଯାଇଛି । କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ବେଳେ, କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଯୋଗୁଁ ପରୀକ୍ଷା ଘୁଞ୍ଚାଯାଉଛି । ପରୀକ୍ଷାଟିଏ ତ୍ରୁଟିଶୂନ୍ୟ ଭାବେ କରାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହାଛଡା, ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି । ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ ଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି ।

ବିଜେପି ସରକାରରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି । ଏହି ଆଇନକୁ କାର୍ଯ୍ୟକାରୀ ନକରିବା ସରକାର ଦୋଷୀଙ୍କୁ ଘଣ୍ଟ ଘୋଡାଇବା ସଦୃଶ୍ୟ ହୋଇଛି ବୋଲି ଡ଼ ମହାନ୍ତି କହିଥିଲେ ।

# ମୌସୁମୀ ରତୁର ମୁକାବିଲା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର, (ସବ୍ୟୁ) : ମୌସୁମୀ ରତୁରେ ଦକ୍ଷିଣ ଓଡ଼ିଶାରେ ବିଜୁଳି ବିତରଣ କ୍ଷେତ୍ରରେ ଅନେକ ଆହ୍ୱାନ ରହିଥିବା ବେଳେ, ଏହାର ମୁକାବିଲା କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ) ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି । ଚଳିତ ବର୍ଷା ରତୁରେ ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରି ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ କରିବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଘଞ୍ଚ ଜଙ୍ଗଲ, ପାହାଡିଆ ଅଞ୍ଚଳ ତଥା ଗ୍ରାମୀଣ ଇଲାକାରେ ଭରପୂର ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ତ୍ୱରିତ ପଦକ୍ଷେପ ସୁନିଶ୍ଚିତ କରିବା ସକାଶେ ଟିପିଏସ୍ଓଡିଏଲ୍ ଏକ ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରିଛି । କମ୍ପାନୀ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି । ଛଅଟି ସର୍କଲରେ ଜରୁରୀକାଳୀନ ଯାନ ଏବଂ ଅତିରିକ୍ତ ମାନବ ସମ୍ବଳ ସହ ୫,୯୨୫



ଜଣିଆ ଏକ ଉତ୍ସର୍ଗୀକୃତ ଟିମ୍ ଗଠନ କରାଯାଇଛି । ବିଦ୍ୟୁତ ବିଚ୍ଛିନ୍ନ ଏବଂ ଗଛ ପଡ଼ି ବିଜୁଳି ସରବରାହ ବ୍ୟାଘାତ ହେବା ସମସ୍ୟାର ସମାଧାନ ପାଇଁ ୬ ଟି ଭ୍ରାମ୍ୟମାଣ ବିତରଣ ସବଷ୍ଟେସନ ଏବଂ ଦୁଇଟି ଟାୱାର ୱାଗନ ମୁତୟନ କରାଯାଇଛି । ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର, ଏଲଟି କେବୁଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପଯୁକ୍ତ ପରିମାଣରେ ମହଜୁଦ ଅଛି । ଏହାସହ ପ୍ରତ୍ୟେକ ଡିଭିଜନରେ ରାତ୍ରି କାଳୀନ ମରାମତି କାମ ପାଇଁ ୨୫ ଟି ଆସ୍କା ଲାଇଟ୍ ଏବଂ ୧୯ ଟି ଡିଜି ସେଟ୍ ଉପଲବ୍ଧ ରହିଛି । ବିତରଣ ନେଟୱର୍କକୁ ସୁଦୃଢ଼ କରିବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ଅଦ୍ୟାବଧି ୨୫୨୯ ଟି ଇଣ୍ଟରପୋଜିଂ ଖୁଣ୍ଟ ସ୍ଥାପନ କରାଯାଇଛି । ଚଳିତବର୍ଷ ଡ୍ରୋନ ମାଧ୍ୟମରେ ୧୧ କେଭି ଏବଂ ୩୩ କେଭି ବିଦ୍ୟୁତ ଲାଇନର ସର୍ଭେ କରାଯାଉଛି । ଫଳରେ ସମ୍ଭାବ୍ୟ ତ୍ରୁଟିକୁ ପୂର୍ବରୁ ଚିହ୍ନଟ କରାଯାଇପାରିବ । ବିଶେଷ କରି ଜଙ୍ଗଲ ଘେରା ପାହାଡିଆ ଅଞ୍ଚଳରେ ଏହା ସହାୟକ ହେବ । ବ୍ରହ୍ମପୁର ସ୍ଥିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ଏବଂ ରାୟଗଡ଼, ଭଞ୍ଜନଗର ଓ ଜୟପୁରରେ ଥିବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ୨୪ ଘଣ୍ଟା କାର୍ଯ୍ୟକ୍ଷମ ଅଛି ଏବଂ ସ୍କାଡ଼ା ଟେକ୍ନୋଲଜି ମାଧ୍ୟମରେ ୧୭୮ ଟି ସବଷ୍ଟେସନର ରିଅଲ ଟାଇମ୍ ନିରୀକ୍ଷଣ କରାଯାଉଛି । ଆଇଭିଆରଏସ୍ ପରିଚାଳିତ ବ୍ୟବସ୍ଥା, ଏସଏମଏସ୍ ଆଲର୍ଟ ଏବଂ ମିସ୍‌କଲ୍ ସେବା (୭୭୭୭୭୭୪୬୯୯) ଦ୍ୱାରା ଗ୍ରାହକ ସମ୍ପର୍କ ସୁଦୃଢ ହୋଇଛି । ଏହା ମାଧ୍ୟମରେ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ବିଚ୍ଛିନ୍ନ ଏବଂ ପୁନଃ ଯୋଗାଣ ସମ୍ପର୍କିତ ସୂଚନା ତୁରନ୍ତ ମିଳିପାରୁଛି । ଏହା ବ୍ୟତୀତ ଟିପିଏସ୍ଓଡିଏଲର ୨୪ସତ କଲ୍ ସେଣ୍ଟର (ଟୋଲ୍ ଫ୍ରି ନମ୍ବର: ୧୯୧୨/ ୧୮୦୦୨୦୨୬) ସାହାଯ୍ୟରେ ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ପ୍ରତିକାର କରାଯାଇପାରୁଛି । ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଏହି ସେବା ସକ୍ରିୟ ରହିବ । ସ୍ୟାଟେଲାଇଟ ଫୋନ୍ ଏବଂ ଏକ ସ୍ୱତନ୍ତ୍ର ୩୩ କେଭି କଣ୍ଟ୍ରୋଲ ଡେସ୍କ ମାଧ୍ୟମରେ ସବୁ ବିଭାଗ ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରାଯାଇଛି । ଟେକ୍ନୋଲଜିର ଉପଯୋଗ ଏବଂ ସଶକ୍ତ ଟିମ୍ ପ୍ରସ୍ତୁତ କରି ଟିପିଏସ୍ଓଡିଏଲ୍ ମୌସୁମୀ ରତୁରେ ଭରସାଯୋଗ୍ୟ ବିଜୁଳି ବିତରଣ କରିବା ଦିଗରେ ଏକ ମାନଦଣ୍ଡ ସ୍ଥାପନ କରିଛି । ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ବର୍ଷା ରତୁରେ ଆମେ ଉଭୟ ଉପଭୋକ୍ତା ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉ । ମୌସୁମୀର ଆହ୍ୱାନ ସତ୍ତ୍ୱେ ପ୍ରତ୍ୟେକ ଉପଭୋକ୍ତା, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଅତ୍ୟାବଶ୍ୟକ ସେବାଗୁଡିକୁ ସର୍ବନିମ୍ନ ବ୍ୟାଘାତ ସହ ଉତ୍ତମ ବିଜୁଳି ସେବା ପ୍ରଦାନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଉଛି । ସୁଦୃଢ଼ ନେଟୱର୍କ, ଡ୍ରୋନ ସର୍ଭେ ଭଳି ଉନ୍ନତ ଟେକ୍ନୋଲଜି ଏବଂ ଗ୍ରାହକ ସମ୍ପର୍କ ମାଧ୍ୟମରେ ଆମେ ଭରସାଯୋଗ୍ୟ ବିଜୁଳି ଯୋଗାଇବା ସହ ଉପଭୋକ୍ତାଙ୍କ ଚାହିଦା ଏବଂ ସମସ୍ୟାକୁ ଦୃଷ୍ଟିରେ ରଖି କାମ କରୁଛୁ ।

# ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ସାଂସଦ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡାପଡା ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମ ଦଳକସାହିରେ ହାତୀ ଆକ୍ରମଣରେ ମୃତ ସ୍ୱର୍ଗତ ଉଦ୍ଧବ ଦେହୁରୀଙ୍କ ପରିବାର ବର୍ଗଙ୍କୁ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଶୁକ୍ରବାର ଭେଟିବା ସହିତ ସମବେଦନା ଜଣାଇଛନ୍ତି । ପରିବାରର ସୁବିଧା ଅସୁବିଧା ପଚାରି ବୁଝିବା ସହ ଢେଙ୍କାନାଳ ଡିଏଫଓ ସୁମିତ କୁମାର କରଙ୍କ ସହିତ ଫୋନଯୋଗେ ବିଷଦ ଆଲୋଚନା କରି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ଆଲୋଚନା କରିଥିବା ସମୟରେ ଉକ୍ତ ଗ୍ରାମର ରାସ୍ତା, ବିଦ୍ୟାଳୟ, ବୟସ୍କଙ୍କୁ ଭତ୍ତା ଓ ଆବାସ ଯୋଜନାରେ ଗରିବ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଗ୍ରାମବାସୀଙ୍କ ଠାରୁ ଶୁଣି ଓଡାପଡା ବିଡିଓ ଦିଲ୍ଲିପ କୁମାର ଷଡଙ୍ଗୀଙ୍କ ସହ ଆଲୋଚନା କରି ଏହି ସମସ୍ୟା ଗୁଡିକର ସୁସମାଧାନ ତୁରନ୍ତ କରାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଂସଦ ପରିବାର ବର୍ଗକୁ ଆର୍ଥିକ ସହଯୋଗ କରିଥିଲେ ।

ପ୍ରଥମେ ଗ୍ରାମବାସୀ ବିଶାଳ ଶୋଭାଯାତ୍ରାରେ ସାଂସଦଙ୍କୁ ଗ୍ରାମକୁ ପାଛୋଟି ଆଣିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେପି ନେତା ପ୍ରଶାନ୍ତ ପ୍ରଧାନ, ସୁଶାନ୍ତ ପତି, ସହଦେବ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ସାଂସଦ ଗ୍ରାମବାସୀଙ୍କ ସହ ଗ୍ରାମର ରାଧାକୃଷ୍ଣ ମନ୍ଦିର, ବାବା କପିଳେଶ୍ୱର ମନ୍ଦିର ପରିଦର୍ଶନ କରି ଏହାର ଉନ୍ନତି କରଣ ନିମନ୍ତେ ବିଭିନ୍ନ ପ୍ରସ୍ତାବକୁ ଗ୍ରହଣ କରିବାପରେ କଳାଙ୍ଗ ଗ୍ରାମରେ ସାପ କାମୁଡାରେ ମୃତ ଗ୍ରାମର ସ୍ୱର୍ଗତ ବାନାମ୍ବର ସାମଲଙ୍କ ପରିବାରକୁ ଭେଟିଥିଲେ । ସେଠାରୁ ଯାଇ ବାଟରେ ଥିବା ସତସଙ୍ଗ କେନ୍ଦ୍ର ପରିଦର୍ଶନ କରି ସତସଙ୍ଗ କେନ୍ଦ୍ରର ଉନ୍ନତି ନିମନ୍ତେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ବାବୁଲା ସାହୁ , ଟୁନା ସାମଲ, ଅରୁଣ ପଣ୍ଡା, ପ୍ରତାପ ଜେନା, ପ୍ରଭାତ ମହାପାତ୍ର , ସୁଲେଖ ସ୍ୱାଇଁ ଓ ସୁଜିତ ପ୍ରଧାନ ପ୍ରମୁଖ ଭାଗନେଇଥିଲେ । ଏହାପରେ ଦିନବନ୍ଧୁପୁର ସ୍ଥିତ ଶନି ମନ୍ଦିର ପରିଦର୍ଶନ କରିବା ଗ୍ରାମରେ ସ୍ଥାପିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିଥିଲେ । ବଟକୃଷ୍ଣ ଭୋଇଙ୍କ ନେତୃତ୍ୱରେ ବିଦ୍ୟାମନ୍ଦିର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କର୍ମଚାରୀ ସାଂସଦଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ କରିଥିଲେ ଏବଂ ବିଦ୍ୟାଳୟର ଥିବା ବିଭିନ୍ନ ଅସୁବିଧା ବିଷୟରେ ସମାଧାନ କରିବାକୁ ଲିଖିତ ଅଭିଯୋଗ ଜଣାଇଥିଲେ । କାର୍ଯ୍ୟକ୍ରମରେ ରମେଶ ପଣ୍ଡା, ପଦ୍ମନାଭ ସାମଲ, ଅମୂଲ୍ୟ ବେହେରା ଗଣେଶ୍ୱର ବାରିକ, ସଂଗ୍ରାମ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ତାଳଚେରରେ ପୁଣି ଡରାଇଲାଣି ଡେଙ୍ଗୁ



ତାଳଚେର, (ସବ୍ୟୁ): ପୁଣି ଏବେ ତାଳଚେର ଅଂଚଳରେ ଡେ଼ଙ୍ଗୁ ପ୍ରାର୍ଦୁଭାବ ଦେଖିବାକୁ ମିଳିଛି। ତାଳଚେର ଜଗନ୍ନାଥପୁର ପଂଚାୟତ ଅଧିନସ୍ଥ ଏଫସିଆଇ ମୁଣ୍ଡାହଟିଙ୍ଗରେ ଘରେଘରେ ଡେ଼ଙ୍ଗୁ ରୋଗୀ ଚିହ୍ନଟ ହେବାପରେ ଆତଙ୍କ ଖେଳାଇ ଦେଇଛି। ଡେ଼ଙ୍ଗୁ ଜ୍ୱରରେ ପିଡ଼ୀତ ହୋଇ ଗୋଡ଼ିବନ୍ଧ, ସେଟ୍ରାଂଲ ହସପିଟାଲ, ତାଳଚେର ମେଡ଼ିକାଲ ଓ ଜିଲ୍ଲା ଡ଼ାକ୍ତରଖାନାରେ ରୋଗୀ ଚିକିତ୍ସିତ ହେଉଥିବା କୁହାଯାଉଛି। ସେମାନଙ୍କ ଠାରୁ ରକ୍ତ ନମୁନା ନେଇ ପରୀକ୍ଷା କରିବା ପରେ ଡେ଼ଙ୍ଗୁରେ ସେମାନେ ଅକ୍ରାନ୍ତ ବୋଲି ଜଣାପଡ଼ିଛି। ତେବେ ପୂର୍ବରୁ ବାରମ୍ବାର ଗଣମାଧ୍ୟମରେ ଡେ଼ଙ୍ଗୁ ଖବର ପ୍ରକାଶିତ ହେଉଥିଲେ ମଧ୍ୟ କେହି ହେଲେ କର୍ଣ୍ଣପାତ କରୁନଥିବା ଦୁଃଖଦ କାରଣ ହୋଇଛି। ବର୍ତମାନ ସହର ଠାରୁ ଗ୍ରାମାଚଂଳ ପର୍ଯ୍ୟନ୍ତ ଯେଉଁଠି ଦେଖିବ ସେଇଠି ଟାୟାର ଭିତରେ ପାଣି, ବିଭିନ୍ନ ରାସ୍ତାକଡ଼ରେ ପଚାଷଢ଼ା ପାଣି ଜମିବା, ଅନାବନା ଗଛ, ଘାସଲଟା, କୁଢ଼କୁଢ଼ ଅଳିଆ ଆବର୍ଜନା ଗଦାହୋଇ ରହୁଥିବା ବେଳେ ସ୍ଥାନୀୟ ପ୍ରଶାସନର ତିଳେମାତ୍ର ନିଘା ନଥିଲା ଭଳି ମନେ ହେଉଛି। ଗ୍ରାମାଚଂଳ କଥା ଛାଡ଼ ସହରାଚଂଳରେ ଡ୍ରେନ, ଖାଲଖମା । କୂଅ ଇତ୍ୟାଦିରେ ନା ପଡୁଛି ବ୍ଲିଚିଙ୍ଗ ନା ପଡୁଛି ମଶାତେଲ କି ହେଉଛି ପ୍ରତିକାର ବ୍ୟବସ୍ଥା। ଦିନ ଥାଉଥାଉ ପ୍ରଶାସନ କିମ୍ବା ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନାବାଳିକା ଛାତ୍ରୀଙ୍କ ଅପହରଣ କରି ବଳାତ୍କାର ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ଅଞ୍ଚଳର ରାଜେଶ ଦାସ(୨୧) । ଅନ୍ୟପକ୍ଷରେ ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରିବା ସହ ପିଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ପୋଲିସ କହିଛି । ପ୍ରକାଶ ଯେ, ଗତ ଜୁନ ୧୭ତାରିଖରେ ଆଙ୍କୁଲି ଅଞ୍ଚଳର ଜଣେ ନାବାଳିକା(୧୭) ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତ ବେଳେ ଉକ୍ତ ନାବାଳିକାକୁ ପଞ୍ଚମାର ରାଜେଶ ଦାସ ନାମକ ଜଣେ ଯୁବକ ଅପହରଣ କରିନେଇଥିବା ଜଣାପଡିଥିଲା । ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ହିଁ ଅପହୃତା ନାବାଳିକାକୁ ଉଦ୍ଧାର କରିବା ସହ ଅପହରଣକାରୀ ରାଜେଶକୁ କାବୁ କରିଥିଲା ପୋଲିସ । ଜେରା ବେଳେ ଯୁବକ ଜଣଙ୍କ ପ୍ରଲୋଭିତ କରି ଛାତ୍ରୀଙ୍କୁ ନେଇ କଲିକତା ପଳାଇଥିଲେ । ପୋଲିସ ତାକୁ ଟ୍ରାକିଂ କରୁଥିଲା । ସେ ଛତ୍ରୀଙ୍କୁ ନେଇ ବ୍ରହ୍ମପୁର ଆସିଥିବା ଜଣାପଡିବା ପରେ ତାଙ୍କୁ ଧରିଥିଲା ।

# ଉପଜିଲ୍ଲାପାଳ କାର୍ଯ୍ୟାଳୟ କିରାଣୀଙ୍କ ଅକାଳ ବିୟୋଗ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଭାବରେ କାର୍ଯ୍ୟକରୁଥିବା ରଞ୍ଜନ କୁମାର ସାହୁଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟ ଘଟିଛି। ପରଜଙ୍ଗ ମୁକ୍ତାପଶି ଗ୍ରମାର ରଞ୍ଜନ କୁମାର ସାହୁ କନିଷ୍ଠ କିରାଣୀ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ବ୍ରେନ ଷ୍ଟ୍ରୋକ ହେବାରୁ ତାଙ୍କୁ କଟକର ଏକ ଘରୋଇ ହସପିଟାଲରେ ଚିକିତ୍ସା କରାଯାଉଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଆଜି ସକାଳ ସମୟରେ ମୃତ୍ୟୁ ଘଟିଛି। ତାଙ୍କ ମୃତ ଶରୀର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ



ନିକଟକୁ ଆଣିବା ପରେ ସେଠାରେ ଉପଜିଲ୍ଲାପାଳ ବିବୁଧ ଗଡନାୟକଙ୍କ ସହିତ ବିଭିନ୍ନ ଅଧିକାରୀ ମାନେ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଶେଷରେ ତାଙ୍କର ମରଶରୀରକୁ ନିଜ ଗ୍ରାମ ମୁକ୍ତାପଶି କୁ ନିଆଯାଇଥିଲା। ତାଙ୍କର ଦୁଇ ପୁଅ ରହିଥିବାର ଜଣାପଡିଛି। ସେ ଜଣେ ମିଷ୍ଟ ଭାଷୀ ଏବଂ ପରୋପକାରୀ ଓ ମେଳାପୀ କର୍ମଚାରୀ ଭାବରେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ।

# ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବରିଷ୍ଠ ବିଜେପି ନେତାଙ୍କ ଅକାଳ ବିୟୋଗରେ ଶୋକ

ପାଲଲହଡା, (ସବ୍ୟୁ): ୨୦୦୨ରୁ ୨୦୦୭ମସିହା ପର୍ଯ୍ୟନ୍ତ ପାଲଲହଡା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଯୁବ ବିଜେପି ନେତା ଅଜିତ କୁମାର ପ୍ରଧାନ (ଅମୁଲ)ଙ୍କର ୫୫ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ଗତକାଲି ରାତି ପ୍ରାୟ ଆଠଟା ସମୟରେ ଶ୍ରୀ ପ୍ରଧାନ ସ୍ଥାନୀୟ ଏସ କୁମାର ହୋଟେଲରେ ଖାଇସାରି ନିଜକୁ ଅସୁସ୍ଥ ମନେକରି ହୋଟେଲ ସାମ୍ନାରେ ଥିବା ନିଜ ୱାଗ୍ନର କାର ଭିତରେ ଏସି ଲଗେଇ ଶୋଇ ପଡ଼ିଥିଲେ। ଶ୍ରୀ ପ୍ରଧାନ ହୋଟେଲ ଭିତରେ ନିଜ ମୋବାଇଲକୁ ଛାଡିଦେଇ ଆସିଥିଲେ । ହୋଟେଲ ବୟ କିଛି ସମୟ ପରେ ଆଣି ଡୋର ଖୋଲି ମୋବାଇଲଟି ଦେଇଥିଲେ । ରାତି ପ୍ରାୟ ଦଶ ଘଟିକା ସମୟରେ ହୋଟେଲ ବନ୍ଦ ହେବା ପରେ ମଧ୍ୟ ଗାଡିଟି ଛିଡା ହୋଇଥିବା ଦେଖି ହୋଟେଲ ମ୍ୟାନେଜର ଓ ପିଲାମାନେ ଅଚେତ ଅବସ୍ଥାରେ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଦେଖି ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଘଟ ହେବାପରେ ଦଳ ମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ନେତା ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ଶବଧାର ନିକଟରେ ପହଂଚି ପୁଷ୍ପମାଲ୍ୟ ଦେଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କର ଆମର ଆତ୍ମାର ସଦଗତି କାମନା କରିଥିଲେ। ବିଧାୟକଙ୍କ ସହିତ ବିଜେପି ଜିଲ୍ଲା ଉପସଭାପତି ଲିଙ୍ଗରାଜ ଦାଶ, ବିଜେପି ସଂଯୋଜକ ନୃସିଂହ ବରାଳ, ମଣ୍ଡଳ ସଭାପତି ଆଶିଷ କୁମାର ସାମଲ ପ୍ରମୁଖ ଶବ ସଂସ୍କାର ପର୍ଯ୍ୟନ୍ତ ଶ୍ମଶାନକୁ ଯାଇଥିଲେ । ଶ୍ରୀଯୁକ୍ତ ପ୍ରଧାନଙ୍କ ୨ ପୁଅ ମଧ୍ୟରୁ ବଡ଼ ପୁଅ ସୁଦୂର ପୁନେ ରେ ଚାକିରୀ କରୁଥିବାବେଳେ ସାନ ପୁଅ ମୁଖାଗ୍ନି ଦେଇଥିଲେ । ଖବର ଶୁଣିବା ପରେ ଶ୍ରୀଯୁକ୍ତ ପ୍ରଧାନଙ୍କ ପିଉସୀ ପୁଅ ଭାଇ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପ୍ରାକ୍ତନ ବିଧାୟକ ମୁକେଶ କୁମାର ପାଳ ପ୍ରମୁଖ ଶୋକ ବ୍ୟକ୍ତ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ସାମାଜିକ ବାସନ୍ଦ କରି ବୃଦ୍ଧ ଦମ୍ପତିଙ୍କୁ ମାନସିକ ନିର୍ଯାତନା

ଅନୁଗୋଳ, (ସବ୍ୟୁ): ଆଇନ୍ କାନୁନକୁ ଖାତିର ନକରି ପୁରୁଣାକୋଟ ଥାନା ଅନ୍ତର୍ଗତ କଦଳୀ ବେରେଣୀ ଗାଁରେ ବୃଦ୍ଧ ଦମ୍ପତିଙ୍କୁ ସାମାଜିକ ବାସନ୍ଦ କରି ଦୀର୍ଘ ବର୍ଷ ଧରି ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ଏନେଇ ପୁରୁଣାକୋଟ ଥାନାରେ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଥାନ ଅଧିକାରୀ ଗୁରୁତ୍ୱ ଦେଇନଥିଲେ । ଅପରପକ୍ଷରେ ଥାନା ବାବୁ ଗାଁକୁ ଗଲେ ସଭାପତି ଓ ସମ୍ପାଦକ ଭୁଆଁ ବୁଲେଇ କଥାରେ ଚୁପ୍ କରାଇ ଦିଅନ୍ତି । ପୁରୁଣାକୋଟ ଥାନାକୁ ବାରମ୍ବାର ଯାଇ ନିରାଶ ହେବା ପରେ ବୃଦ୍ଧ ଦମ୍ପତି କିଛି ଦିନ ତଳେ ଅନୁଗୁଳ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ପୁରୁଣାକୋଟ ଥାନା ଅଧିକାରୀ ଗାଁକୁ ଯାଇ ଘଟଣାର ତଦନ୍ତ କରିବା ସହ ସମ୍ପାଦକଙ୍କୁ ବୁଝା ସୁଝା କରି ଆସିଥିବା ଜଣପଡ଼ିଛ । ପୁରୁଣାକୋଟ ଥାନା ଅନ୍ତର୍ଗତ କଦଳୀ ବେରେଣୀ ଗାଁର ଗୋବିନ୍ଦ ଚନ୍ଦ୍ର ସାହୁ (୭୫) ଓ ସୁମିତ୍ରା ସାହୁଙ୍କୁ (୬୭) ଗାଁରେ କଙ୍ଗାରୁ କୋର୍ଟ କରି ସାମାଜିକ ବାସନ୍ଦ ରାଯାଇଛି । ଯଦ୍ୱାରା ବୃଦ୍ଧ ଦମ୍ପତି ମାନସିକ ନିର୍ଯାତନା ଭିତରେ ବର୍ଷ ବର୍ଷ ଧରି ଦିନ କାଟୁଛନ୍ତି । ତାଙ୍କ ପରିବାରର ଜମିବାଡି ସଂକ୍ରାନ୍ତରେ ମାମଲା ଅନୁଗୁଳ ସିଭିଲ କୋର୍ଟଙ୍କ (କେସ ନଂ -୧୫୮/୧୭)ଅଧୀନରେ ବିଚାରାଧୀନ ରହିଛି ।

କିନ୍ତୁ ଗତ ୨୦୨୧ ମସିହା ଫେବୃଆରୀ ୨୧ ତାରିଖ ବିଳମ୍ବିତ ରାତ୍ରୀରେ ଗାଁ ସଭାପତି ପ୍ରଶାନ୍ତ ପ୍ରଧାନ ଓ ସମ୍ପାଦକ ରାଧାନାଥ ସାହୁଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା । ବୈଠକରେ ସଭାପତି ଓ ସମ୍ପାଦକ ପଚାରିଲେ ଜମି ଭାଗ କାହିଁକି ଦେଉନାହିଁ । କୋର୍ଟ ଅଧୀନରେ ଜମି ମାମଲା ବିଚାରାଧୀନ ରହିଛି । ଆମ୍ଭେ ଏ ସମ୍ପର୍କରେ କିଛି କରି ପାରିବୁ ନାହିଁ । ଏତିକି କହିବା ପରେ ସଭାପତି, ସମ୍ପାଦକ କହିଲେ ତୁମକୁ ଗାଁରୁ ବାସନ୍ଦ କରାଗଲା ଆଉ ତାଙ୍କ ପରିବାର ସହ ଯିଏ କଥା ବାର୍ତ୍ତା କରିବ ୫ ହଜାର ଟଙ୍କା ଜୋରିମାନା ଦେବ ବୋଲି ଆଦେଶ କଲେ । ଆଉ ସେହି ଦିନଠାରୁ ବୃଦ୍ଧ ଦମ୍ପତି ଏକୁଟିଆ ଦିନ କାଟୁଛନ୍ତି । ଏ ନେଇ ବାରମ୍ବାର ପୁରୁଣାକୋଟ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସଭାପତି ସମ୍ପାଦକ ଥାନା ବାବୁଙ୍କୁ ଭୁଆଁ ବୁଲେଇ କୁହନ୍ତି ଆମେ ବାସନ୍ଦ କରିନୁ । ଫଳରେ ପୋଲିସ କିଛି ପଦକ୍ଷପ ନନେଇ ବସିଛି ।

ତେଣୁ ବାରମ୍ବାର ଥାନାରୁ ନିରାଶ ହେବା ପରେ ଅନୁଗୁଳ ଏସପିଙ୍କୁ ଲିଖିତଭାବେ ଜଣାଇଥିଲେ । ଗୁରୁବାର ଦିନ ପୁରୁଣାକୋଟ ଥାନା ଅଧିକାରୀ ସନ୍ତୋଷ ଜେନା ଗାଁ କୁ ଯାଇ ସଭାପତି ଓ ସମ୍ପାଦକଙ୍କୁ ପଚାରି ବୁଝା ବୁଝି କରିଥିବା ଜଣା ପଡିଛି ।

# ୧୫ ନଂ ୱାର୍ଡ ଦୋଳବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ସାଂସଦଙ୍କୁ ସ୍ମାରକପତ୍ର

ପାରଳାଖେମୁଣ୍ଡି, (ସବ୍ୟୁ): ପାରଳାଖେମୁଣ୍ଡି ଦୋଳବନ୍ଧ କମିଟି ପକ୍ଷରୁ ଦୋଳବନ୍ଧର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ବ୍ରହ୍ମପୁର ସାଂସଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ପାରଳାଖେମୁଣ୍ଡି ଗସ୍ତ କାର୍ଯ୍ୟକ୍ରମ ରହିଥିବା ବେଳେ ପାରଳାଖେମୁଣ୍ଡି ସର୍କିଟହାଉସରେ ସାକ୍ଷାତ କରି ଦୋଳବନ୍ଧ କମିଟି ପକ୍ଷରୁ ସଭାପତି ବିନୋଦ ଜେନାଙ୍କ ନେତୃତ୍ୱରେ କମିଟିର ସଦସ୍ୟ ରାଜେନ୍ଦ୍ର ବେହେରା, ମଙ୍ଗଳା ପଟ୍ଟନାୟକ, ମନୋଜ ପଟ୍ଟନାୟକ ପ୍ରମୁଖଙ୍କ ପକ୍ଷରୁ ଏକ ସ୍ମାରକପତ୍ର ସାଂସଦଙ୍କୁ ପ୍ରଦାନ କରାଯାଇଛି । ଦୋଳବନ୍ଧର ସୋନ୍ଦର୍ଯ୍ୟକରଣ ପାଇଁ ପୌର ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ପାରଳାଖେମୁଣ୍ଡି ସହରର ଅନ୍ୟ ପୋଖରୀ ଉଦ୍ଧାର କାର୍ଯ୍ୟ ନାମରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଛି। କିନ୍ତୁ ତାହା ପାରଳାଖେମୁଣ୍ଡି ବାସିନ୍ଦାଙ୍କ କୌଣସି କାର୍ଯ୍ୟରେ ଆସୁନଥିବା ଅଭିଯୋଗ ସାଂସଦଙ୍କୁ କରାଯାଇ ଏହାର ବିହିତ ତଦନ୍ତ କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା ।

# ମୟୂରଭଞ୍ଜ କଲ୍ୟାଣ ବିଭାଗ ଶିକ୍ଷକ ସଂଘର ଜରୁରୀ ବୈଠକ

ବାରିପଦା, (ସବ୍ୟୁ) : ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା କାର୍ଯ୍ୟ ନିର୍ବାହୀ ସମିତିର ଏକ ଜରୁରୀ ବୈଠକ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ବାରିପଦା କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ସଂଘ ତଥା ସମସ୍ତ ଉପଖଣ୍ଡର ସଂଘୀୟ କର୍ମକର୍ତ୍ତା ଯୋଗଦାନ କରିଥିଲେ । ବିଏଡ୍ ପାଠ୍ୟକ୍ରମ ସହିତ ଏମ୍‌ସିଟି ଶିକ୍ଷକଙ୍କୁ ଆଶ୍ରମ ବିଦ୍ୟାଳୟରେ ଖାଲିଥିବା ପ୍ରଧାନ ଶିକ୍ଷକ ଅଥବା ଉଚ୍ଚ ବିଦ୍ୟାଳୟରେ ଖାଲିଥିବା କଳା ଓ ବିଜ୍ଞାନ ଶିକ୍ଷକ ପଦବୀରେ ପଦୋନ୍ନତି ଦେବାପାଇଁ ସରକାରଙ୍କ ବ୍ୟବସ୍ଥା ରହିଛି ।

ସେହିପରି ଯେଉଁ ବିଏଡ୍ ପାଠ୍ୟକ୍ରମ ସହିତ ଏମ୍‌ସିଟି ନାହିଁ ସେମାନଙ୍କର ସ୍ୱତନ୍ତ୍ର ଗ୍ରାଡୁଏସନ୍ ଲିଷ୍ଟ ପ୍ରକାଶ କରାଯାଇ ବରିଷ୍ଠତା ଆଧାରରେ ବି.ଏଡ୍ ଅଣତାଲିମପ୍ରାପ୍ତ ପ୍ରଧାନଶିକ୍ଷକ ପଦବୀରେ ପଦୋନ୍ନତି ଦେଇ ଶୂନ୍ୟସ୍ଥାନ ପୂରଣ କରିବାକୁ ସଂଘ ବାରମ୍ବାର ଦାବି କରୁଥିଲେ ହେଁ ଜିଲ୍ଲାପ୍ରଶାସନ ଏହାକୁ ଅଣଦେଖା କରି କନିଷ୍ଠ




ମାନଙ୍କୁ ପ୍ରଧାନଶିକ୍ଷକ ପଦବୀରେ ଅବସ୍ଥାପନ କରୁଥିବାରୁ ଶିକ୍ଷକ ମହଲରେ ପୁଞ୍ଜିଭୂତ ଅସନ୍ତୋଷ ବୃଦ୍ଧିପାଉଛି । ଦୀର୍ଘବର୍ଷ ଧରି ଆମ ଜିଲ୍ଲାରେ ପଦୋନ୍ନତି ନଦେବାରୁ ଏବଂ ଅନ୍ୟ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଥିବାରୁ ରାଜ୍ୟ ଭିତ୍ତିରେ ମୟୂରଭଞ୍ଜ ଜିଲ୍ଲାର ଶିକ୍ଷକ କନିଷ୍ଠ ହେବାରୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେବାରୁ ବଞ୍ଚିତ ହୋଇ ଅବସର ଗ୍ରହଣ କରୁଛନ୍ତି । ସେହିପରି ନିକଟ ଅତୀତରେ ଘଟିଯାଇଥିବା ବଦଳି ପ୍ରକ୍ରିୟାରେ ନାନା ଅସଙ୍ଗତି ରହିଥିବାରୁ ଏହାର ସଂଶୋଧନ ପାଇଁ ଉପସ୍ଥିତ ସଭ୍ୟ ଦାବି ଉପସ୍ଥାପନ କରିଥିଲେ । ସାମ୍ପ୍ରତିକ ବଜାରଦରର ଅହେତୁକ ବୃଦ୍ଧି ଯୋଗୁଁ ମେସ୍ ପରିଚାଳନାରେ ଭାରାକ୍ରାନ୍ତ ହୋଇ ବିଭାଗୀୟ ଶିକ୍ଷକମାନେ କିପରି ମାନସିକ ଚାପରେ କଷ୍ଟ ପାଉଛନ୍ତି, ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ ସକାଶେ ଆଲୋଚନା ହୋଇଥିଲା ।

ପ୍ରକାଶ ଥାଉକି, ୨୦୨୫ ମେ ମାସ ୧ତାରିଖ ଶିକ୍ଷକ ସଂଘର ଏକ ପ୍ରତିନିଧିମଣ୍ଡଳ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ୧୪ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ ଆଜିପର୍ଯ୍ୟନ୍ତ ଜିଲ୍ଲାପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ଉପସ୍ଥିତ ସଭ୍ୟ/ସଭ୍ୟା ଦୁଃଖପ୍ରକାଶ କରିଥିଲେ । ପରିଶେଷରେ ପୁନର୍ବାର ଏକ ପ୍ରତିନିଧି ମଣ୍ଡଳ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏଗୁଡିକର କାର୍ଯ୍ୟକାରିତା ଦିଗରେ ଆଲୋଚନା କରିବାକୁ ବୈଠକରେ ସ୍ଥିର ହେଲା । ଯଦି ଆଲୋଚନା ସକାରାତ୍ମକ ନହେବ, ତେବେ ଜିଲ୍ଲା ସଂଘ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି ସର୍ବସମ୍ମତି ପ୍ରସ୍ତାବ ପାରିତ ହୋଇଥିଲା । ଏହି ବୈଠକରେ ସାଧାରଣ ସମ୍ପାଦକ ଧ୍ରୁବଚରଣ ମୁର୍ମୁ, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ଦୀପକ କୁମାର ଦଣ୍ଡପାଟ, ବିଶ୍ୱନାଥ ସାହୁ, ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା ପ୍ରମୁଖ ସହ ସମସ୍ତ ସଂଘୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର : ୬୪ ୟୁନିଟ୍ ସଂଗୃହୀତ

ତାଳଚେର, (ସବ୍ୟୁ): ତାଳଚେର ସତ୍ୟସାଇ ସେବାସମିତି ପକ୍ଷରୁ ତାଳଚେର ପୌରପରିଷଦ ହାଇସ୍କୁଲରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଘଟିକା ଠାରୁ ମଧ୍ୟାହ୍ନ ୧ଘଟିକା ପର୍ଯ୍ୟନ୍ତ ତାଳଚେର ଟାଉନ୍ ଜଗନ୍ନାଥମନ୍ଦିର ନିକଟସ୍ଥ ମ୍ୟୁନିସିପାଲିଟି ହାଇସ୍କୁଲ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଏଥିରେ ସ୍ୱଚ୍ଛାକୃତ ଯୁବକମାନେ ଓ ସତ୍ୟସାଇ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି ଶିବିରକୁ ସାଫଲ୍ୟ ମଣ୍ଡିତ କରିଥିଲେ । ତାଳଚେର ଉପଖଣ୍ଡ ଅଂଚଳର ବର୍ଷାରତୁରେ ରକ୍ତର ଅଭାବକୁ ଦୂରକରିବା ନେଇ କୌଣସି ରୋଗୀ ରକ୍ତ ପାଇଁ ଅସୁବିଧାର ସମ୍ମୁଖୀନ ନହେବାକୁ ସତ୍ୟସାଇ ସଂଗଠନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ହୋଇଥିଲା । ଏହି ରକ୍ତଦାନ ଶିବିରରେ ସତ୍ୟସାଇ ସେବାସମିତର ସମିତି ଆବାହକ କମଳଲୋଚନା ପତି, ପ୍ରତିଷ୍ଠାତା ପଙ୍କଜଲୋଚନ ପତି, ବିରଚିଂ ନାରାୟଣ ଦାସ, ଶକ୍ତିପ୍ରସାଦ ସାହୁ, ବାବୁଲି ନାଥ, ଅକ୍ଷୟ ମହାରଣା, ସୁଚିତ୍ରା ସାହୁ, ବିଷ୍ଣୁପ୍ରିୟା ପତି, ମାମାଲି ଦାସଙ୍କ ସମେତ ଅନ୍ୟ ସତ୍ୟସାଇ ସଂଗଠନର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ତାଳଚେର ମଣ୍ଡାପାଳ ଡ଼ାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀଙ୍କ ଉପସ୍ଥିତିରେ ୬୪ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଥିଲା।

# ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ବାମୁର ରେଞ୍ଜ ଅଧୀନରେ ଥିବା କଦଳୀ ମୁଣ୍ଡା ଅଞ୍ଚଳରେ ଶନିବାର ରାତିରେ ହାତୀ ଉପଦ୍ର ହୋଇଛି । ହାତୀ ମାନେ ନିକଟରେ ଥିବା ଜଙ୍ଗଲରୁ ନିକଟସ୍ଥ ଗ୍ରାମକୁ ଆସି ଗ୍ରାମର ବାଲ୍ମୀକି ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଲୋକନାଥ ପ୍ରଧାନ, ଜମ୍ବୁ ପ୍ରଧାନ, ବଂଶୀ ବେହେରାଙ୍କର ବ୍ୟାପକ ଧାନ ଚାଷ ନଷ୍ଟ କରିଦେଇଛି। ଏକର ଏକର ଚାଷ ଜମିରେ ପଶି ନଷ୍ଟ କରିଥିବା ବେଳେ ଚାଷୀ ମାନେ ଚିନ୍ତିତ ହୋଇପଡିଛନ୍ତି । କିଛି ଦିନ ହେବ ଏହି ରେଞ୍ଜରେ ୧୫ରୁ ଉର୍ଦ୍ଧ୍ୱ ହାତୀ ଥିବା ବେଳେ ଏହି ହାତୀ ଗୁଡିକ ଘଉଡ଼ାଉ ନଥିବା ଯୋଗୁଁ ହାତୀ ମାନେ ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମରେ ପଶି ଫସଲ ନଷ୍ଟ କରୁଥିବା ଅଞ୍ଚଳବାସି ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ହାତୀ ପଲକୁ ଘଉଡ଼ାଇବା ସହ କ୍ଷତି ପୂରଣ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ, ଧୋବାତୋଟା ଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି ।

ଉକ୍ତ ସଚେତନତା ଶିବିରରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ରମାକାନ୍ତ ମହାନ୍ତି, ଡିଏସପି ସର୍ବେଶ୍ୱର ବେହେରା ପ୍ରମୁଖଙ୍କ ସହ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର,ଛାତ୍ରୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଉକ୍ତ ସଚେତନତା ଶିବିରରେ କିଶୋର ନ୍ୟାୟ ଆଇନ୍, ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ମାଗଣା ଆଇନସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲ୍ସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲ୍ସା ପୋର୍ଟାଲ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା ।

# ସ୍ୱାଧୀନତା ସଂଗ୍ରାମୀ ଦାଶରଥି ପାଣିଙ୍କ ତିରୋଧାନ ଦିବସ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ବିଜିଗୋଳସ୍ଥ ଦାଶରଥି ପାଣି ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଦାଶରଥି ପାଣୀଙ୍କ ୧୧୪ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସ୍ୱର୍ଗତଃ ପାଣିଙ୍କ ବିଜିଗୋଳସ୍ଥ ବାସଭବନ ଠାରେ ସ୍ମୃତି ଟ୍ରଷ୍ଟର ସଭାପତି ଦୁଃଶାସନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ସମ୍ମାନୀତ ଅତିଥି ଭାବରେ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି, ସମାଜସେବୀ ଶିବ ପ୍ରସାଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଭଗୀରଥି ପାଣି, ସ୍ୱର୍ଗତଃ ପାଣିଙ୍କ କନ୍ୟା ବୀଣାପାଣି ଧର, ସାମ୍ବାଦିକ ରଞ୍ଜନ ମିଶ୍ର, ହୃଷିକେଶ ସାହୁ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ଦାଶରଥି ପାଣିଙ୍କ ଫଟୋ ଚିତ୍ରରେ ମଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ।

ଭାଷଣ ପ୍ରସଙ୍ଗରେ ଅତିଥିଗଣ ଆଜିର ଯୁବ ସମାଜ ସଂଗ୍ରାମୀ ଦାଶରଥି ପାଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ତଥା ରାଜ୍ୟର ବିକାଶ ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟର ସଂପାଦକ ତଥା ଦାଶରଥି ପାଣିଙ୍କ ନାତି ସ୍ମୃତିରଂଜନ ପାଣି ଓ ଟ୍ରଷ୍ଟର କୋଷାଧ୍ୟକ୍ଷ ପିଣ୍ଟୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ସଭାରେ ଟ୍ରଷ୍ଟର ସଭ୍ୟ ସୁଧାଂଶୁ ସାହୁ ଅତିଥି ପରିଚୟ, କୃଷ୍ଣ ଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭ୍ୟ ସୁମନ୍ତ ସାହୁ, ମୁରଲୀ ସାହୁ, ଟୁଲୁ ପାଣି, ପୂର୍ଣ୍ଣଚନ୍ଦ୍ର ସାହୁ, ବୁଦ୍ଧିଜୀବି ପ୍ରମୁଖ ସ୍ୱର୍ଗତଃ ପାଣିଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ ।

# ଐତିହ୍ୟ ସମ୍ପନ୍ନ ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ପ୍ରଜାବତ୍ସଳ ତଥା ନବ ଉତ୍କଳର ନବ ନିର୍ମାତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ପୃଷ୍ଠପୋଷକତାରେ ବାରିପଦା ସହରର କେନ୍ଦ୍ର ସ୍ଥଳୀରେ ୧୯୨୫ ଜୁଲାଇ ମାସରେ ନିର୍ମିତ ହୋଇଥିବା ମନ୍ଦିରର ୧୦୦ବର୍ଷ ପୂର୍ତ୍ତିର ପାଳନ ନିମନ୍ତେ ବେଲଗଡ଼ିଆ ପ୍ୟାଲେସ୍‌ରେ ଆୟୋଜକ କମିଟିର ଅଧ୍ୟକ୍ଷ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ପୌରହିତ୍ୟରେ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକର ପ୍ରାରମ୍ଭରେ ବ୍ରାହ୍ମ ସମାଜ ଟ୍ରଷ୍ଟିର ଅଧ୍ୟକ୍ଷ ତଥା କମିଟିର ଆବାହକ ରଞ୍ଜନ ବାନାର୍ଜୀ ବିଗତ ବୈଠକରେ ଆଗତ ହୋଇଥିବା ପ୍ରସ୍ତାବ ସମୂହର ଅଗ୍ରଗତି ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ ।

ଡିସେମ୍ବର ୨୦ ଓ ୨୧ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶତବାର୍ଷିକୀ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ ପାଇଁ ସର୍ବସମ୍ମତି ନିଷ୍ପତି କ୍ରମେ ବୈଠକରେ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ହୋଇଥିବା ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ୍



ତଥା ମହାରାଜାଙ୍କୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଯୋଗା ଯୋଗ କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରଯାଇଥିଲା । ଏଥିସହିତ ଉତ୍ସବର ସୁପରିଚାଳନା ନିମନ୍ତେ ଆୟୋଜନ କମିଟି ସମେତ ଅର୍ଥ, ସାଂସ୍କୃତିକ କାର୍ଯକ୍ରମ, ଅଭ୍ୟର୍ଥନା, ମିଡ଼ିଆ ଓ ପବ୍ଲିସିଟି, ପାନେଲ ଆଲୋଚନା ଫୋରମ୍ ଓ ସ୍ମରଣିକା ପ୍ରକାଶ ନିମନ୍ତେ କମିଟି ମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଉପସ୍ଥିତ ଥିବା ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବ୍ରହ୍ମ ମନ୍ଦିରର ରୂପାନ୍ତରିତ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି ସୂଚନା ଦେଇଥିଲେ ।

ବରିଷ୍ଠ ସାମ୍ବାଦିକ ତଥା ପ୍ରସ୍ତୁତି କମିଟିର ସଭାପତି ଡଃ ବିଜୟ କୁମାର ଅଗ୍ରୱାଲ ଉତ୍ସବର ଆୟୋଜନର ବଜେଟ ଉପରେ ଆଲୋଚନା ରଖିବା ସଙ୍ଗେ ସଙ୍ଗେ ସ୍ମରଣିକା। କମିଟିର ଅଧ୍ୟକ୍ଷ ଡଃ ମୋହିତ କୁମାର ଷଡ଼ଙ୍ଗୀ ପ୍ରସ୍ତୁତ ହେଉଥିବା ସ୍ମରଣିକାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଅର୍ଥ କମିଟିର ମୁଖ୍ୟ ଭାବେ ବରିଷ୍ଠ ସଦସ୍ୟ ପ୍ରିତିଶ ବସା ଓ ବିପ୍ଳବ ବୁଗୁଡେଇ ଆର୍ଥିକ ପରିଚାଳନା ନିମନ୍ତେ ସୁଚିନ୍ତିତ ମତାମତ ରଖିଥିଲେ । ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଉତ୍ସବରେ ଯୋଗ ଦେବାକୁ ଥିବା ବରେଣ୍ୟ ଅତିଥିମାନଙ୍କର ସୁଚାରୁ ଭାବେ ଆତିଥ୍ୟତା ପ୍ରଦାନ ପାଇଁ ମତାମତ ରଖିଥିଲେ । ଏ ଦିଗରେ ସହଯୋଗ କରିବା ପାଇଁ କମିଟିର ବରିଷ୍ଠ ସଦସ୍ୟ ସଞ୍ଜୟ ପଟ୍ଟନାୟକଙ୍କୁ ଦାୟିତ୍ୱ ନିର୍ବାହ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ମହାନ୍ତି, ବିଭୁଦତ୍ତ ଦାସ, ତିମିର ଘୋଷ, ଶିବାଜୀ ମୌଳିକ, କୌଶିକ ମୁଖାର୍ଜୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କମିଟିର ଉପସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ୪୨କେଜି ବାର୍ହା ମାଂସ ଜବତ
# ଦୁଇଟି ଜୀଅନ୍ତା ଶାବକ ଉଦ୍ଧାର, ୧୧ ଗିରଫ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବନ ବିଭାଗ ସ୍ୱାଭିମାନ ଅଞ୍ଚଳର ରାଲେଗଡ଼ା ପଞ୍ଚାୟତର ସାରକୁବା ଗାଁ ନିକଟରୁ ବରାହ ଶିକାର କରୁଥିବା ଅଭିଯୋଗରେ ୧୧ ଜଣଙ୍କୁ ଗିରଫ କରାଯାଇଛି । ଏହା ସହିତ ସେମାନଙ୍କ ନିକଟରୁ ଟାଙ୍ଗିଆ,କାତି,ତେଣ୍ଟା ଏବଂ ୧୦୦ରୁ ଊର୍ଦ୍ଧ୍ୱ ଜାଲ, ୪୨ କିଲୋ ବାର୍ହା ମାଂସ,






୨ ଗୋଟି ଜୀବନ୍ତ ଶାବକ, ୯ଟି ବାଇକ, ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି।

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଲେଗଡ଼ା ପଞ୍ଚାୟତରେ କିଛି ଗ୍ରାମରେ ଗତ କିଛି ଦିନ ହେବ ଜଙ୍ଗଲ ଜନ୍ତୁ ଶିକାର ହେଉଥିଲା। ରବିବାର ମାଲକାନଗିରି ଡିଏଫ୍‌ଓ ସାଇ କିରଣ ଡି ଏନଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ନେତୃତ୍ୱରେ ବନପାଳ ନିରଞ୍ଜନ ସାରକା, ବନପାଳ ରାଜେଶ କୁମାର ସେଠୀ, ବନରକ୍ଷୀ ସଞ୍ଜୟ କୁମାର ପରିଡ଼ା, ୱାଇଲଡ଼ ଲାଇଫ ପାରା ସ୍କାର୍ଡ ମିଳିତ ଭାବେ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ କଟାଯାଇଥିବା ବାର୍ହା ମାଂସ ୪୨ କିଲୋ ୯୦୦ ଗ୍ରାମ, ଶିକାରରେ ବ୍ୟବହୃତ ହୋଇଥିବା ଟାଙ୍ଗିଆ,କାତି,ତେଣ୍ଟା,ବାର୍ହା ଫାଶ, ୯ ଗୋଟି ମୋଟର ସାଇକେଲ, ଗୋଟିଏ ଟ୍ରାକ୍ଟର,୨ଟି ଜୀବନ୍ତ ବାର୍ହା ଶାବକ ଜବତ କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ୱାଭିମାନ ଅଞ୍ଚଳର କୋତାଗୁରୁ, ଲିମାସେଟ୍ଟୁ, ମଣ୍ଡା ପାଲ୍ଲୀ ଏବଂ ପାପର ମେଟଲା ଅଞ୍ଚଳର ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ବାଲକ୍ରୀଷ୍ଣା ଉଡ୍ଡୁ, ସନ୍ତୋଷ ବାରବାସ, କମଲେଶ ଉଡ୍ଡୁ, ରାମବାବୁ ବାରବାସ, ନାଗେଶ କୁମୁଡା, ନାଗରଜୁ ବାରବାସ, କ୍ରିଷ୍ଣା ରାଓ ପଡରଙ୍ଗୀ, ବୋମାନା କୁମୁଡା, ମାଛଲିଙ୍ଗମ ବାରବାସ, ସନ୍ୟାସୀ ରାଓ ବାରବାସ, ଶ୍ରୀନୁବାବୁ ଖିଲ। ଆସନ୍ତାକାଲି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବା ନେଇ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ପ୍ରକାଶ କରିଛନ୍ତି । ଏହା ବ୍ୟତିତ ୨ ଗୋଟି ବରାହ ଶାବକକୁ ଉପଯୁକ୍ତ ତଦାରଖ ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

## ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠିତ

ନର୍ଲା,(ସବ୍ୟୁ): ରବିବାର ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଥିଲା । ସଭାପତି ଯୁଧିଷ୍ଠିର ଗଉଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ। ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ନାୟକ ଲକ୍ଷ୍ମଣ ଓ ଅବରକ୍ଷିତ ଭଗିଂସାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସଦସ୍ୟ ନାରାୟଣ ବିଶି ଓ ନକିମୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଳ ନାୟକ, ଧର୍ମଗଡ଼ ଏନଏସି ଯାଦବ ସମିତିର ଅନିରୁଦ୍ଧ ଲହଜାଲ, ଶିକ୍ଷାବିତ ପ୍ରଶନ୍ନ କୁମାର ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।ନର୍ଲା ବ୍ଲକ ଯାଦବ ସମିତିର ନୂତନ ସଭାପତି ଭାବେ ଲିଙ୍ଗରାଜ କରୁଆଁ, ଉପସଭାପତି ଭାବରେ ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ଭାବେ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ଗିରିଧାରୀ ଗଉଡ, ବ୍ଲକ ଯୁବ ଯାଦବ ସଭାପତି ଭାବେ ପ୍ରଶନ୍ନ କୁମାର ଜାଲ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ୨୫ ଗୋଟି ଆଞ୍ଚଳିକ ଯାଦବ ସମିତିର କର୍ମକର୍ତ୍ତାଙ୍କ ସମେତ ବହୁ ଯାଦବ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ ।

## ବର୍ଷା ଦିନେ ବାହ୍ୟ ଜଗତରୁ ବିଚ୍ଛିନ୍ନ
# କମଲାନାଳି ଓ ବଡ଼ବିଲ ଗାଁର ଦୁଃଖ ଚମ୍ପାଳି ନଦୀ

ରେଢ଼ାଖୋଲ,(ସବ୍ୟୁ): ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଗାଁ ର ପକ୍କା ରାସ୍ତା ଠାରୁ ଆରମ୍ଭ କରି ପୋଲ ନିର୍ମାଣ କାମ ସରକାର କରିଥାନ୍ତି । ହେଲେ ରାଜନୈତିକ ନେତା ମାନଙ୍କର ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆଜିବି ଓଡିଶାର ବହୁ ଗାଁ ବର୍ଷା ଦିନ ଆସିଲେ ବାହ୍ୟ ଜଗତରୁ ବିଛିନ୍ନ ହୋଇ ପଡୁଛି । ନିର୍ବାଚନ ଆସିଲେ ଗାଁ କୁ ଯାଇ ଖାଲି ଫମ୍ପା ଭାଷଣ ଲୋକ ମାନଙ୍କୁ ଅତିଷ୍ଠ କରି ପକାଇଲାଣି । ସେମିତି ଗାଁ ରହିଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର କମଳାନାଳି ଓ ବଡ଼ବିଲ ଗାଁ । ଗାଁ ଦୁଇଟିର ଲୋକ ସଂଖ୍ୟା ପାଖାପାଖି ୩୦୦ ହେବ । ବର୍ଷା ଦିନ ଆସିଲେ ନାହିଁ ନ ଥିବା ଦୁର୍ଦ୍ଦଶା । ଚମ୍ପାଳି ନଦୀ ପାର ହୋଇ ଏହି କାମଳାନାଳି ଓ ବଡ଼ବିଲ ଗାଁ ର ଜନସାଧାରଣ ଯିବା ଆସିବା କରିଥାନ୍ତି । ଛାତ୍ର ଛାତ୍ରୀ ମାନେ ବର୍ଷା ଦିନରେ ଏହି



ନଦୀରେ ପାର ହୋଇ ବିପଦ ସଂକୁଳ ଅବସ୍ଥାରେ ଯିବା ଆସିବା କରିଥାନ୍ତି । ନଦୀ ଦୁଇ କୂଳ ଖାଇଲେ ସେ ଦିନ ମାନଙ୍କରେ ପାଠ ପଢ଼ା ବନ୍ଦ । ବର୍ଷା ଚାରି ମାସ ସେଇ ଗାଁ ଗୁଡିକର ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବର୍ଷା ଦିନେ ଚମ୍ପାଳି ନଦୀରେ ପାର ହୋଇ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ରୋଗୀର ଜୀବନ ଯାଉଛି । ଗର୍ଭବତୀ ମା ମାନଙ୍କର ଅବସ୍ଥା ଆଉ ଟିକେ ସାଙ୍ଘାତିକ । ପୂର୍ବରୁ ଗ୍ରାମବାସୀ ପୂବ ସରକାରଙ୍କୁ ବାରମ୍ବାର ଲିଖିତାକାରରେ ଜଣାଇଥିଲେ ମଧ କୌଣସି ସମାଧାନ ହୋଇ ପାରିଲା ନାହିଁ । ସରକାର ଏହି ଚମ୍ପାଳି ନଦୀ ଉପରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବାଇକ୍ ଧକ୍କାରେ ଗାଈ ଚରାଳୀ ମୃତ

ମୁରିବାହାଲ,(ସବ୍ୟୁ): ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚିତ୍ରାମୁଣ୍ଡା ଛକ ନିକଟରେ ରବିବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ଗାଈ ଚରାଳି ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁଣ୍ଡା ଗ୍ରାମର ମାଲଖମ୍ କୈବର୍ତ୍ତଙ୍କ ପୁଅ ପ୍ରଶାନ୍ତ ଓରଫ ତୋଫାନ କୈବର୍ତ୍ତ(୨୦) ଜାତୀୟ ରାଜପଥ ପାର୍ଶ୍ୱରେ ଗାଈ ଚରାଇ ବର୍ଷା ହେଉଥିବାରୁ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଆସୁଥିବା ଗାଁରେଇ ଗ୍ରାମର ଦୁଇ ବାଇକ ଆରୋହୀ ଯୁବକ ପ୍ରଶାନ୍ତଙ୍କୁ ଜୋରରେ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଫଳରେ ତୋଫାନ ଘଟଣା ସ୍ଥଳରେ ପଡ଼ିଯାଇଥିବା ବେଳେ ମୁଣ୍ଡ ଓ କାନ ପାଖରୁ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ଟିଟିଲାଗଡ ମେଡ଼ିକାଲ ନିଆଯାଇଥିବା ବେଳେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୁରିବାହାଲ ଥାନା ପୁଲିସ ମେଡିକାଲ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଯୁବକଙ୍କୁ ଧକ୍କା ମାରି ବାଇକ୍ ସହ ଫେରାର ହୋଇଯାଇଥିବା ଗାଁରେଇ ଗ୍ରାମର ଦୁଇ ଯୁବକଙ୍କ ସମ୍ପର୍କରେ ପୁଲିସ ତନାଘନା ତଦନ୍ତ କରୁଛି। ଏ ସମ୍ପର୍କରେ ଥାନାରେ କେଶ ନ ୧୪୯/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ସାଂସଦଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

ବଲାଙ୍ଗିର,(ସବ୍ୟୁ): ସାର୍କିଟ ହାଉସ ଠାରେ ରେଳ ଉପଭୋକ୍ତା ସଂଘ ବଲାଙ୍ଗିର ସାଂସଦ ସଂଗିତା କୁମାରୀ ସିଂଦେଓଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଛି । ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଭୁବନେଶ୍ୱରକୁ ପ୍ରତିଦିନ ଯିବା ଆସିବା କରିଲା ପରି ଏକ ସକାଳୁଆ ଟ୍ରେନ ଚଳାଚଳ ପାଇଁ ଅନୁରୋଧ କରିଥିଲେ । ତତ୍ ସହ ସ୍ମାରକପତ୍ର ରେ ଷ୍ଟେସନରେ ୫ମ ରେଲ ଲାଇନ, ଚତୁର୍ଥ ପ୍ଲାର୍ଟଫର୍ମର ନିର୍ମାଣ, ଚତୁର୍ଥ ପ୍ଲାର୍ଟଫର୍ମକୁ ଯିବା ପାଇଁ ତୃତୀୟ ପ୍ଲାର୍ଟଫର୍ମରେ ଲିଫ୍ଟର ସୁବିଧା, ୧ନମ୍ବର ପ୍ଲାର୍ଟଫର୍ମରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ରୋଗୀମାନଙ୍କ ଯାତାୟତ କରିବା ପାଇଁ ର୍ୟାମ୍ପର ସୁବିଧା , ଦିଲ୍ଲୀ ବା ପ୍ରୟାଗରାଜ ଓ ୱାଲଟିୟରକୁ ସିଧାସଳଖ ଟ୍ରେନ ଯୋଗାଯୋଗ ପାଇଁ ପିଆଇଟି ଲାଇନର ସୁବିଧା କରିବା ଆଦି ଉଲ୍ଲେଖ ରହିଛି । ସାଂସଦ ଶ୍ରମତୀ ସିଂହଦେଓ ସମସ୍ତ ବିଷୟକୁ ହୃଦୟଙ୍ଗମ କରି ଏନେଇ ଚେଷ୍ଟା କରିବି ବୋଲି କହିଥିଲେ । ବଲାଙ୍ଗିର ରୁ ନୂଆପଡା ରେଳପଥର ନିର୍ମାଣ ପାଇଁ ଜୋର ଦେବେ ବୋଲି ମଧ୍ୟ ମତ ରଖିଥିଲେ । ଆଲୋଚନାରେ ରେଳ ଉପଭୋକ୍ତା ସଂଘର ସଂପାଦକ ବିମଲ ଚକ୍ରବର୍ତ୍ତି, ଉପ-ସଭାପତି ଅନନ୍ତ ବିଶୋଇ, ରତୁରାଜ ସିଂ କାର୍ଯ୍ୟକାରୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ଦିବାକର ହୋତା ଓ ପ୍ରମୁଖ ଉପସ୍ଥିତ ଥିଲେ ।

## ବଙ୍ଗୋମୁଣ୍ଡାଠାରେ ତାଲୁକା ଆଇନ ସେବା କମିଟି ଗଠିତ

ବଙ୍ଗୋମୁଣ୍ଡା,(ସବ୍ୟୁ) : ବଙ୍ଗୋମୁଣ୍ଡାରେ ସ୍ଥାନୀୟ ଜେଏମଏଫ୍‌ସି ଠାରେ ଜିଲ୍ଲା ନ୍ୟାୟଧିଶ ବଲାଙ୍ଗିର ଓ ଜେଏମଏଫ୍‌ସି ବଙ୍ଗୋମୁଣ୍ଡା ଶୁଭମ୍ କାନୁନଗୋଙ୍କ ତତ୍ତ୍ୱାବଧାନରେ ବଙ୍ଗୋମୁଣ୍ଡା ତାଲୁକା ଆଇନ ସେବା କମିଟି ଗଠନ କରାଯାଇଛି । ଡ଼ା. ପ୍ରଦ୍ୟୁମ୍ନ ଆଚାର୍ଯ୍ୟ , ଅବସରପ୍ରାପ୍ତ ଡାକ୍ତର , ଅଖିଳ ଦୀପ ଅବସପ୍ରାପ୍ତ ବି ଇ ଓ, ଡ.ନାରାୟଣ ମିଶ୍ର, ଶିକ୍ଷାବିତ ,ଅମୂଲ୍ୟ ଖମାରୀ ଅବସରପ୍ରାପ୍ତ ଶିକ୍ଷକ,ସୁଦାମ ଦାସ, ଧନ ସିଂ ନାଗ,ଆଇନ ଛାତ୍ର ରାମ ଚନ୍ଦ୍ର ରଣା,ଶୋଭ ରଣା,ସବିତା ଶର୍ମା ସମାଜସେବା କ୍ଷେତ୍ର ,ସନ୍ଧ୍ୟାରାଣୀ ଦାସ ଯାଦବ ଅଙ୍ଗନବାଡି ଶିକ୍ଷୟତ୍ରୀ,ହିରନ୍ ଭରା ସଗ୍ରିଆ,ନାଏବ ସରପଞ୍ଚ,ତ୍ରିପୁରରୀ ଭରାସଗ୍ରିଆ ସମାଜସେବୀଙ୍କୁ ନେଇ ବଙ୍ଗୋମୁଣ୍ଡା ଓକିଲ ସଂଘର ସଭାପତି ସୁଧାଂଶୁ ଦାସଙ୍କ ଉପସ୍ଥିତିରେ ତାଲୁକା ସେବା କେନ୍ଦ୍ରରେ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲା ନ୍ୟାୟାଧିଶ ଉପସ୍ଥିତିରେ ଅଞ୍ଚଳରେ ଆଇନ ସଚେତନତା ଓ ଆଇନ ସହାୟତା କରିବା ପାଇଁ ଏକ କମିଟି ଗଠନ କରାଗଲା ।

## ଜିଏମ୍‌ୟୁରେ ଛାତ୍ରଛାତ୍ରୀଙ୍କ ପାଇଁ କର୍ମଶାଳା




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଅଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ପିଓଏସ୍‌ଏଚ୍ ଆଇନ୍-୨୦୧୩ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଲେକ୍ଚର ଗେଲେରୀ-୧ରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଆଇସିସିର ଭୂମିକା ଏବଂ ଏଥିରେ ଆପତ୍ତି ଅଭିଯୋଗ ଦାଖଲ ସଂପର୍କରେ ଇତିହାସ ବିଭାଗର ସହକାରୀ ପ୍ରଫେସର ଡ. ସସ୍ମିତାରାଣୀ ଶାସନୀ ପାୱାର ପଏଣ୍ଟ ମାଧ୍ୟମରେ ଆଲୋକପାତ କରିଥିଲେ। ନିର୍ବାହୀ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଏବଂ ଆଇସିସିର ଅଧ୍ୟକ୍ଷ ପ୍ରଫେସର ମୋନାଲିସା ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଓ ଶୃଙ୍ଖଳା ସଂପର୍କରେ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ଦୁଇଟି କର୍ମଶାଳା ଓ ଗୋଟିଏ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ସୂଚନାଯୋଗ୍ୟ, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜରେ ଛାତ୍ରୀ ଆତ୍ମହୁତି ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀ ଯୌନ ଶୋଷଣର ଶିକାର ହେବା ପରେ ଆଇସିସିର କାର୍ଯ୍ୟ ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ସଚେତନ କରାଯାଇଛି ।

## ମନ୍ତ୍ରୀ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,(ସବ୍ୟୁ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବଲାଙ୍ଗିର ସର୍କଲ ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଟାଉନ ହଲରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ସମ୍ମିଳନୀର କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ କର୍ମଚାରୀ ସଂଘର କର୍ମକର୍ତ୍ତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ଗରିବ ଲୋକେ କିପରି ନ୍ୟାୟ ପାଇବେ, ତାଙ୍କର ଆର୍ଥିକ ସମସ୍ୟା କିପରି ସୁଧୁରିବ ସେଥିପ୍ରତି ଗରିବ କଲ୍ୟାଣ ପାଣ୍ଠି ଉପରେ ସରକାର ଧ୍ୟାନ ରଖିଛନ୍ତି । କେନ୍ଦୁପତ୍ର ତୋଳାଳୀ, କର୍ମଚାରୀଙ୍କ ରହିଥିବା କିଛି ସମସ୍ୟାର ସମାଧାନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ମନ୍ତ୍ରୀ କହିଥିଲେ ଏବଂ ଜଙ୍ଗଲ ଓ ପରିବେଶ ପରିବେଶ ସୁରକ୍ଷା ଦିଗରେ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ୧୬ ଜଣ କେନ୍ଦୁପତ୍ର ହିତାଧିକାରୀମାନଙ୍କୁ ମୃତ୍ୟୁକାଳିନ ସହାୟତା ରାଶି ବାବଦକୁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରଯାଇଥିଲା । କାର୍ଯ୍ୟକ୍ରମରେ ଆର୍‌ସିସିଏଫ୍ ରଞ୍ଜିତ ମଲ୍ଲିକ, ଡି.ଏଫ୍.ଓ. ଉତ୍ତର ରମେଶ କୁମାର, ଡି.ଏଫ୍.ଓ ଦକ୍ଷିଣ କଲାଇ ବାନାନ ଆର୍ , ଡି.ଏଫ୍.ଓ କେନ୍ଦୁଲିଫ ଗଦାଧର ପାତ୍ର, କେନ୍ଦୁପତ୍ର କର୍ମଚାରୀ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହି, କଳାହାଣ୍ଡି କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀ ସଂଘର ଚିରାଗ ସିଂଦେଓଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା, ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ସନ୍ଧ୍ୟାରେ ଜିଲ୍ଲା ପରିଷଦ ସଭଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଯୋଗଦେଇ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ନିୟୋଜନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ପାନୀୟଜଳ, ବିଦ୍ୟୁ ପରିବହନ, ବେସାମରିକ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତ, କୃଷି, ଜଳସେଚନ ଇତ୍ୟାଦି ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ବିଧାୟକ ଧର୍ମଗଡ ସୁଧିର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଡି.ଏଫ୍.ଓ. ଉତ୍ତର ରମେଶ କୁମାର, ଡି.ଏଫ୍.ଓ ଦକ୍ଷିଣ କଲାଇ ବାନାନ୍ ଆର୍., ଭାରତୀୟ ପ୍ରଶାସନକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ, ଉପଜିଲ୍ଲାପାଳ ଭବାନିପାଟଣା ପ୍ରଭାତ କୁମାର ପରିଡ଼ା, ଭାରପ୍ରାପ୍ତ ଉପଜିଲ୍ଲାପାଳ ଧର୍ମଗଡ ଅଜୟ କୁମାର ତିର୍କି, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସୁସ୍ଥ ପଞ୍ଚାୟତ ଗଠନ ନେଇ କର୍ମଶାଳା



ମାଲକାନଗିରି,(ସବ୍ୟୁ): ସରକାରଙ୍କ ଉଦ୍ୟମରେ ସୁସ୍ଥ ଓ ସଚେତନ ପଞ୍ଚାୟତ ଗଠନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ତିନି ଦିନିଆ ତାଲିମ ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଆୟୋଜିତ ହୋଇଥିଲା। କର୍ମଶାଳାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ୧୮ତାରିଖରୁ,୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ବେଳେ ସିଡିଓ ତଥା ଇଓ ନରେଶ ଚନ୍ଦ୍ର ଶବର ଉଦଯାପନ କରିଥିଲେ। ଏଥିରେ ପ୍ରୋଗ୍ରାମ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା କର୍ମଶାଳାର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ମତ ବ୍ୟକ୍ତ କରିଥିଲେ। ତାଲିମ୍ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରୁ ଆସିଥିବା ୫୬ ଜଣ ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଯକ୍ଷ୍ମା ମୁକ୍ତ ପଞ୍ଚାୟତ, ପୁଷ୍ଟିହୀନତା ଓ ରକ୍ତ ହିନତା ନିବାରଣ ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା। ତାଲିମ୍ ଦାତା ଭାବରେ ଡା. ପ୍ରଜ୍ଞା ପଟ୍ଟନାୟକ, ପ୍ରଶାନ୍ତ ମଲ୍ଲିକ, କ୍ରୀଷ୍ଣାମୟୀ ମିଶ୍ର, ପ୍ରିୟବ୍ରତ ଯୋଶୀ ଏବଂ ପିରମଲ୍ ଫାଉଣ୍ଡେସନର ବିଷ୍ଣୁ ସାହୁ ଅନୁପ୍ରେରଣାଦାୟୀ ଏବଂ ତଥ୍ୟମୂଳକ ତାଲିମ୍ ଦେଇଥିଲେ। ତାଲିମ୍ ଶିବିର ପରେ ପ୍ରଶିକ୍ଷଣ ପାଇଥିବା ସ୍ୱାସ୍ଥ୍ୟ କର୍ମୀମାନେ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ପାରିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମକୁ ବିନାଶ କୁମାର ମିଶ୍ର ପରିଚାଳନା କରିଥିଲା ବେଳେ ବିଶ୍ୱନାଥ ମଣ୍ଡଳ, ଏନ. ଅହଲ୍ୟା ଓ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

## ଦୁଷ୍କର୍ମ ଅଭିଯୋଗରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

ରାୟଗଡା,(ସବ୍ୟୁ): ରାୟଗଡ଼ା ଅଗ୍ନିଶମ ବିଭାଗର ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ଦୁଷ୍କର୍ମ ଅଭିଯୋଗ ମାମଲାରେ ଟାଉନ ଥାନା ପୁଲିସ ଗିରଫ କରିଛି। ଗିରଫ ପରେ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି। ଜଣେ ମହିଳାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ରମେଶଙ୍କୁ ଗିରଫ କରିଛି। ଅଭିଯୋଗ ଅନୁସାରେ ରାୟଗଡ଼ାରେ ପ୍ରାୟ ଦୁଇ ବର୍ଷ ହେଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ବେହେରା ଜନୈକ ବିବାହିତ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଥିଲେ। ଏଥି ସହିତ ତାଙ୍କୁ ନିର୍ଯାତନା ମଧ ଦେଇଥିଲେ। ମହିଳା ଜଣକ ଦୁଇଟି ସନ୍ତାନର ମାଆ ଅଟନ୍ତି। ତେବେ ଏନେଇ ମହିଳା ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଝାରସୁଗୁଡ଼ା ଜିଲ୍ଲାରେ ଖାସି ହକି ପ୍ରତିଯୋଗିତା

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲାରେ ହକି ପ୍ରତିଯୋଗିତା ପଞ୍ଚାୟତ ମାନଙ୍କରେ ଆୟୋଜିତ ହେଉଛି । ଗତ ୪ ବର୍ଷ ମଧରେ ହକି ଝାରସୁଗୁଡା ଜିଲ୍ଲାରେ ବିଭିନ୍ନ ଗ୍ରାମ ଅଚଂଳରେ ଆଦିବାସୀ ବାଳକ ,ବାଳିକା ମାନେ ହକି ଖେଳିବା ପାଇଁ ଆଗ୍ରହ ପ୍ରକାଶ କଲେଣି । ଝାରସୁଗୁଡା ଜିଲ୍ଲାର ଲଇକେରା ବ୍ଲକର ମଧୁପୁର ଠାରେ ଗୋଶନାର କ୍ଲବ ପକ୍ଷରୁ ଦିନିକିଆ ଖାସି ପ୍ରତିଯୋଗିତା ହୋଇଛି। ଏହି ପ୍ରତିଯୋଗିତାରେ ଗ୍ରାମାଞ୍ଚଳର ୧୦ ଟି ଦଳ ଅଂଶ ଗ୍ରହଣ କରିଥିଲେ ।

## କୁପୋଷଣ ମୁକ୍ତ ଅଭିଯାନରେ ଉପ ମୁଖ୍ୟମନ୍ତ୍ରୀ




ପାଟଣାଗଡ଼,(ସବ୍ୟୁ): ପାଟଣାଗଡ଼ ବ୍ଲକ ଠାରେ କୁପୋଷଣ ମୁକ୍ତ ଭାରତ ନିମିତ୍ତ ଓଏନ୍‌ଜିସିର ନିଗମିତ ସାମାଜିକ ଉତ୍ତରଦାୟିତ୍ୱ ମାଧ୍ୟମରେ ଏନି କେୟାର ଫାଉଣ୍ଡେସନ୍ ପକ୍ଷରୁ ଓଡ଼ିଶାରେ ପୋଷଣ କିଟ୍ ବିତରଣ କରାଯାଉଛି । ରବିବାର ଏହି କାର୍ଯ୍ୟକ୍ରମ ପାଟଣାଗଡ଼ରେ ହୋଇଥିଲା । ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଶୁଭ ଉଦ୍ଘାଟନ କରିଥିଲେ ।

## ବଜ୍ରପାତରେ ସ୍ୱାମୀ-ସ୍ତ୍ରୀ ଗୁରୁତର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗାଁରେଇ ଗ୍ରାମରେ ନିଜ ଜମିରେ ଧାନ ପହ୍ଲା ରୋଉଥିବା ବେଳେ ବଜ୍ରପାତରେ ସ୍ୱାମୀ- ସ୍ତ୍ରୀ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଗାଁରେଇ ଗ୍ରାମର ରୋହିତ ସାହୁ(୪୫) ଓ ତାଙ୍କ ସ୍ତ୍ରୀ ଶୋଭାଶିନୀ(୪୦)ଶନିବାର ଅପରାହ୍ନରେ ନିଜ ଜମିରେ ପହ୍ଲା ରୋଉଥିଲେ। ଏହି ସମୟରେ ଘଡ଼ଘଡି ସହ ବର୍ଷା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ସ୍ୱାମୀ- ସ୍ତ୍ରୀ ସେହି ଜମିରେ ହିଁ ଗୁରୁତର ଆହତ ଅବସ୍ଥାରେ ଅଚେତ୍ ହୋଇ ପଡ଼ିଯାଇଥିବା ବେଳେ ଉଭୟଙ୍କର ଦେହର ବିଭିନ୍ନ ସ୍ଥାନ ପୋଡ଼ି ଯାଇଥିଲା।

# ପଞ୍ଚାୟତରାଜ ମନ୍ତ୍ରୀଙ୍କ ବୋରିଗୁମ୍ମା ଗସ୍ତ

ବୋରିଗୁମ୍ମା,(ସବ୍ୟୁ): ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ରବିବାର ଅପରାହ୍ନରେ ବୋରିଗୁମ୍ମା ଗସ୍ତ କରିଥିଲେ। ମନ୍ତ୍ରୀ ଶ୍ରୀ ନାଏକ ବୋରିଗୁମ୍ମା ସହର ମଧରେ ପ୍ରବେଶ ସମୟରେ ବିଜେପି ଦଳ ତରଫରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବ୍ଲକ ପରିସରରେ ମନ୍ତ୍ରୀ ଶ୍ରୀ ନାୟକଙ୍କୁ କୋରାପୁଟ ଜିଲ୍ଲାର ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ଶ୍ରୀ ନାୟକ ୬ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିବା ସହ ୮ଜଣ



ହିତାଧିକାରୀ ଙ୍କୁ ପେନସନ ପ୍ରଦାନ କରିଥିଲେ। ଏଥିସହ ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିବା ସହ ୨୭ ଟି ଏସଏଚଜିଙ୍କୁ ୩୯ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। ପରେ ବ୍ଲକ ସଭାଗୃହରେ ମନ୍ତ୍ରୀ ଶ୍ରୀ ନାୟକ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ ବ୍ଲକସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ମନ୍ତ୍ରୀଙ୍କୁ ସ୍ୱାଗତ ସମୟରେ ବିଜେପି ନେତା ଗୌତମ ସାମନ୍ତରାୟ, ସାବନ ମହାନ୍ତି,ଭାସ୍କର ଭଟ୍ଟ, ବିଜେପି ମଣ୍ଡଳ ସଭାପତି ବିଘନେଶ୍ୱର ଷଡଙ୍ଗୀ, ଗୋବିନ୍ଦ ଭଟ୍ଟ, ଚକ୍ରଧର ଗାଦବା ଓ ବିଜେପି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଭାରତୀୟ ଶିକ୍ଷଣ ମଣ୍ଡଳ, ବଲାଙ୍ଗିର ଶାଖା ତରଫରୁ ଗୁରୁ ପୂଜନ ଉତ୍ସବ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଉତ୍ସବରେ କସ୍ତୁରୀ ରଥ ସଂଯୋଜନା ଓ ସଂପାଦକ ଦିବାକର ହୋତା ଅତିଥି ପରିଚୟ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ସତ୍ୟବନ୍ତ ବେଦବାକ ଓ ମୁଖ୍ୟବକ୍ତା ଭାବରେ ସନାତନ ଠାକୁର ମଂଚାସିନ ଥିଲେ । ଅତିଥିମାନେ ମହର୍ଷି ବ୍ୟାସଦେବ ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଓଡିଶା ପଶ୍ଚିମ ପ୍ରାନ୍ତ କୋଷାଧକ୍ଷ ସତ୍ୟନାରାୟଣ ପ୍ରଦାନ ଧେୟ ଶ୍ଳୋକ ପଠନ କରିଥିଲେ । ଏହି ଅବସରରେ




ଭାରତୀୟ ଶିକ୍ଷଣ ମଣ୍ଡଳ, ବଲାଙ୍ଗିର ର ପୂର୍ବତନ ସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏବଂ ପୂର୍ବତନ ରାଜ୍ୟ ସଂପାଦକ ଧର୍ମବ୍ରତ ରଥଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାରତୀୟ ସମାଜରେ ଗୁରୁ ପରମ୍ପରାର ମହନୀୟତା ବର୍ଣ୍ଣନା କରିବା ସହ ବ୍ୟାସଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ସତ୍ୟାନନ୍ଦ ବିଶ୍ୱାଳ ସ୍କୁଲ ଛାତ୍ରୀଙ୍କ ମଧରେ ଏକ କୁଇଜ ପ୍ରତିଯୋଗିତା ସଂଚାଳନ କରିଥିଲେ । ଶେଷରେ ସୁଶ୍ରୀ ସବିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଅନ୍ତା ଜଳିଗଲେ ଚାରି ଯୁବକ ପୋଲରେ ପିଟିହେଲା କାର୍

କୋରାପୁଟ,(ସବ୍ୟୁ): ଓଡ଼ିଶା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୋଲରେ କାର୍ ଧକ୍କା ହେବାପରେ ୪ଜଣ ଯୁବକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି ଦୁଇ ଜଣ ଯୁବକ ଆହତ ହୋଇଥିବା ସୂଚନା ମିଳିଛି। ଶନିବାର ବିଳମ୍ବିତ ରାତିରେ କାଙ୍କେର ଜିଲ୍ଲାର ଆତୁରଗାଓଁ ନିକଟସ୍ଥ ପୋଲର କଂକ୍ରିଟ ସୁରକ୍ଷା ପ୍ରାଚୀରରେ ମାରୁତି କାର (ସିଜି-୦୪ପିଜେ-୭୪୬୦) ଧକ୍କା ହୋଇଥିଲା। ଫଳରେ ସର୍ଟସର୍କିଟ ହୋଇ କାର୍ ରେ ନିଆଁ ଲାଗି ଯାଇଥିଲା।

ଦୁର୍ଘଟଣା ପରେ କାରରେ ବସିଥିବା ୬ଜଣ ଯୁବକଙ୍କ ମଧ୍ୟରୁ ଦୁଇ ଜଣ କୌଶଳକ୍ରମେ ବାହାରକୁ ବାହାରି ଯାଇଥିବା ବେଳେ ନିଆଁର ମାତ୍ରାଧିକ ପ୍ରକୋପ ଯୋଗୁଁ ୪ଜଣ ବାହାରକୁ ବାହାରିବା ପାଇଁ ସୁଯୋଗ ପାଇନଥିଲେ। ତେଣୁ ୪ଯୁବକ ଗାଡ଼ି ସହ ଜିଅନ୍ତା ଜଳି ଯାଇଥିଲେ। ମୃତ ୪ ଯୁବକ ଯୁବରାଜ ସୋରି (୨୪), ହେମନ୍ତ ସୋରି (୨୦), ସୂରଜ ଉଇକେ (୧୯) ଓ ଦୀପକ ମାରଓ୍ୱି (୧୯) ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ଆହତ ଦୁଇ ଯୁବକ ପ୍ରୀତମ ନେତାମ ଓ ପୃଥ୍ୱୀରାଜ ସଲାମଙ୍କୁ କାଙ୍କେର ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। କେଶକାଲ ଠାରୁ କାଙ୍କେର ଅଭିମୁଖେ ଯାଉଥିବା ବେଳେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ କାଙ୍କେର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରିଥିଲା। ମୃତକଙ୍କ ସମ୍ପର୍କୀୟଙ୍କୁ ଘଟଣା ବିଷୟରେ ସୂଚନା ଦେବା ପରେ ସେମାନଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଚାଷଜମିରେ ଓଲଟିଲା ଟ୍ରାକ୍ଟର, ଦୁଇ ଡ୍ରାଇଭରଙ୍କ ମୃତ୍ୟୁ

ସୁନ୍ଦରଗଡ଼/ନବରଙ୍ଗପୁର,(ସବ୍ୟୁ): ଚାଷଜମିରେ ଟ୍ରାକ୍ଟର ଓଲଟି ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ନବରଂଗପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଅଘଟଣ ଘଟିଛି। ମୃତ ଯୁବକମାନେ ହେଲେ ଗଣେଶ କୁଜୁର (୨୩) ଓ ରମେଶ ଓଡ (୨୦)। ସୂଚନା ଅନୁଯାଇ ଶନିବାର ଅପରାହ୍ନ ୨ ଟା ସମୟରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଶିଂସାରି ଫାଣ୍ଡି ଅନ୍ତର୍ଗତ ହୁଣ୍ଡାରଗୁଡ଼ା ଗ୍ରାମର ରମେଶ ଓଡ ଏକ ଟ୍ରାକ୍ଟର ନମ୍ବର ( ଓଡି ୨୪ ଏଲ୍ ୬୩୮୦) ଯୋଗେ ଜମିରେ ହଳ କରିବାକୁ ଯାଇ ଟ୍ରାକ୍ଟରକୁ ହଣ୍ଡାର ଗୁଡା ଛକ ନିକଟ ଏକ ଜମିରେ ଧୋଇବାକୁ ନେଇଥିଲେ। ସେଠାରେ ଟ୍ରାକ୍ଟର ଧୋଇ ଘରକୁ ଫେରିବା ସମୟରେ କୌଣସି କାରଣରୁ ଟ୍ରାକ୍ଟର ଭାରସାମ୍ୟ ହରାଇ ଜମିରେ ଓଲଟି ପଡ଼ିଥିଲା। ଏଥିରେ ଟ୍ରାକ୍ଟର ଚାଳକ ରମେଶ ଟ୍ରାକ୍ଟର ତଳେ ଚାପି ହୋଇ ଯାଇଥିଲେ। ଟ୍ରାକ୍ଟର ଓଲଟି ପଡିବା ପରେ ସେଠାରେ ଜମିରେ କାମ କରୁଥିବା ଓ ଆଖ ପାଖ ଲୋକଙ୍କ ଭିଡ ଜମିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ରମେଶ ଓଡ଼ ଙ୍କୁ ତୁରନ୍ତ ଉମରକୋଟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ରମେଶଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁକୁଡ଼ା ପଞ୍ଚାୟତ ସର୍ଗିଟୋଲୀ ନିକଟରେ ରବିବାର ଟ୍ରାକ୍ଟର ଯୋଗେ ଜମିରେ ହଳ କରୁଥିବା ସମୟରେ ଅଘଟଣ ଘଟିଛି। ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗଣେଶ କୁଜୁର (୨୩)। କୁକୁଡ଼ା ପଞ୍ଚାୟତ ସର୍ଗିଟୋଲୀ ନିକଟରେ ଗଣେଶ ଟ୍ରାକ୍ଟରରେ ଚାଷ କାମ କରୁଥିଲେ। ଏହି ସମୟରେ ଚକ ଫସିଯିବାରୁ ଉକ୍ତ ଟ୍ରାକ୍ଟରଟିକୁ ବାହାରକୁ ବାହାରିପାରି ନଥିଲା। ଟ୍ରାକ୍ଟରଟି କାଦୁଅ ଜମିରେ ଫସି ରହିଥିଲା। ସ୍ଥାନୀୟବାସୀଙ୍କୁ ଖବର ଦେବା ପରେ ଉକ୍ତ ଟ୍ରାକ୍ଟକୁ ଉଦ୍ଧାର କରିବା ପାଇଁ ଡ୍ରାଇଭର ଚେଷ୍ଟା କରୁଥିବା ସମୟରେ ଆଗ ଚକ ଉଠି ଯାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଗଣେଶ କୁଜୁର ଡ୍ରାଇଭରଙ୍କର ମୃତ୍ୟୁ ଘଟିଥିଲା।

ସ୍ଥାନୀୟ ଗ୍ରାମର ବାସିନ୍ଦା ଲାଞ୍ଜିବେରନା ଫାଣ୍ଡିକୁ ଖବର ଦେଇଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ଲାଞ୍ଜିବେରର୍ନାର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ମୃତ୍ୟୁ ଘଟିଥିବା ନେଇ ଥାନାରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଉରକେଲା,(ସବ୍ୟୁ) : ସୁନ୍ଦରଗଡ ଜିଲ୍ଲା ବୀରମିତ୍ରପୁର ଥାନା ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଧମକ ଦେଇ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ସ୍ବାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ସୁପରଭାଇଜର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ଛାତ୍ରୀଙ୍କ ମା'ଙ୍କୁ ମଧ ଅଭିଯୁକ୍ତ ସୁପରଭାଇଜର ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଦୁଷ୍କର୍ମ ସମୟର ଭିଡିଓ ଭାଇରାଲ କରି ଦେବାର ଭୟ ଦେଖାଇ ଅଭିଯୁକ୍ତ ପୀଡିତାଙ୍କ ଠାରୁ ୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଥିବା ମଧ ଅଭିଯୋଗ ଚାଞ୍ଚଲ୍ୟକର ଅଭିଯୋ ହେୁଛି । ପୋଲିସ ମାମଲା ରୁଜୁ କରି ସୁପରଭାଇଜରକୁ ଗିରଫ କରି ପଚରାଉଚରା କରୁଛି। ଅଭିଯୁକ୍ତ ସୁପରଭାଇଜରକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

## କେନ୍ଦୁପାଣିରେ ସଶସ୍ତ୍ର ଡକାୟତି, ଗୃହକର୍ତ୍ତାଙ୍କ ପୁଅ ଆହତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା କେନ୍ଦୁପାଣି ଗ୍ରାମରେ ଏକ ବଡ଼ ଧରଣର ଡକାୟତି ହୋଇଯାଇଛି । ଖବର ପାଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, କେନ୍ଦୁପାଣି ଗ୍ରାମର ବ୍ୟବସାୟୀ ରୁଦ୍ରାକ୍ଷ ସାହୁଙ୍କ ଘରେ ଗତ ୧୯ତାରିଖ ରାତ୍ରି ପ୍ରାୟ ୧ଟା ସମୟରେ ଚାରି ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବଳପୂର୍ବକ ପ୍ରବେଶ କରିଥିଲେ । ସେମାନେ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ରୂପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ତେବେ ଡକାୟତଙ୍କ ମାଡରେ ଗୃହକର୍ତ୍ତାଙ୍କ ବଡ଼ପୁଅର ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାବେଳେ ବାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଡକାୟତମାନେ ଲୁଟି ନେଇଥିବା ସମ୍ପତ୍ତିର ପରିମାଣ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ବ୍ୟବସାୟୀ ରୁଦ୍ରାକ୍ଷଙ୍କ କେଶାଇବାହାଲ ଓ ବାମରାରେ ଦୋକାନ ରହିଛି । ଏହି ଘଟଣାର କିଛି ମାସ ପୂର୍ବରୁ ଏହି ଥାନା ଅଞ୍ଚଳର ମଝିପଡ଼ାର ବ୍ୟବସାୟୀ ଗୋଲୁ ଖଣ୍ଡେଲୱାଲଙ୍କ ଘରେ ମଧ୍ୟ ସଶସ୍ତ୍ର ଡକାୟତି ହୋଇଥିଲା । ତେବେ ପୋଲିସ ପାଟ୍ରୋଲିଂ କଡାକଡି ହେଉନଥିବା ବେଳେ ବାରମ୍ବାର ଏଭଳି ଘଟଣା ଘଟୁଛି ।

## ସ୍ତ୍ରୀକୁ ହତ୍ୟା କରି ନଦୀରେ ଫିଙ୍ଗିଲା ସ୍ୱାମୀ

ରାଉରକେଲା,(ସବ୍ୟୁ): ଅନୈତିକ ସମ୍ପର୍କ ସନ୍ଦେହରେ ଜଘନ୍ୟ କାଣ୍ଡ ଭିଆଇଛି ସ୍ବାମୀ । ସ୍ତ୍ରୀକୁ ବୁଲିବାକୁ ଡାକି ନେଇ ହତ୍ୟା କରିବା ପରେ ଅଖାରେ ବାନ୍ଧି ନଦୀରେ ଫିଙ୍ଗି ଦେଇଛି । ଏମିତି ଅଭାବନୀୟ ଘଟଣା ଘଟିଛି ଗୁରୁଣ୍ଡିଆ ଥାନା ପଂକଡ଼ିହି ପଞ୍ଚାୟତ ଜଡ଼ା ଗ୍ରାମରେ। ପୁଲିସ ମୃତ ମହିଳାଙ୍କ ସ୍ୱାମୀ ଲକ୍ଷ୍ମଣ ଓରାମକୁ ଅଟକ ରଖିଛି । ମୃତ ମହିଳା ଜୟନ୍ତୀ କୁଜୁର ଅଙ୍ଗନବାଡି କର୍ମୀ ଥିଲେ । ଅଭିଯୁକ୍ତ ସ୍ବାମୀର ବୟାନ ଅନୁଯାୟୀ, ପୁଲିସ ଆଜି ଲାଠିକଟା ଟିମଜୋର ନଦୀରେ ମୃତ ମହିଳାଙ୍କ ଅଖାବନ୍ଧା ଶବକୁ ଖୋଜୁଛି । ମୃତ ମହିଳା ଜୟନ୍ତୀ କୁଜୁର ଅଙ୍ଗନବାଡି କର୍ମୀ ଥିଲେ । ଅଭିଯୁକ୍ତ ସ୍ବାମୀର ବୟାନ ଅନୁଯାୟୀ, ପୁଲିସ ଆଜି ଲାଠିକଟା ଟିମଜୋର ନଦୀରେ ମୃତ ମହିଳାଙ୍କ ଅଖାବନ୍ଧା ଶବକୁ ଖୋଜୁଛି ।

### ବନ୍ଧପାଲି-ଗଡିଆଜୋର ରାସ୍ତା ଶୋଚନୀୟ

## ମରାମତି ନହେଲେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

କନ୍ଧମାଳ,(ସବ୍ୟୁ) : କନ୍ଧମାଳ ବ୍ଲକ ସଦର ମହକୁମା ସ୍ଥିତ ବନ୍ଧପାଲି ଗ୍ରାମ ଠାରୁ ଗଡିଆଜୋର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ରାସ୍ତାର ଦୁରବସ୍ଥା ନେଇ ବିଭିନ୍ନ ସମୟରେ ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ଓ ନିର୍ବାଚିତ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଗୁହାରି କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଯାଉଛି । ପାଣି କାଦୁଅ ରେ ପରିପୂର୍ଣ୍ଣ ରାସ୍ତାରେ ଯାନବାହାନ ତଥା ଜନସାଧାରଣ ଯିବା ଆସିବାରେ ଘୋର ଅସୁବିଧା ଭୋଗୁଛନ୍ତି



। ରାସ୍ତା ଖରାପ ଯୋଗୁଁ ଗାଁ କୁ ଆମ୍ବୁଲାନ୍ସ ଆସିପାରୁ ନାହିଁ । ପାଣିକାଦୁ ଯୋଗୁଁ ଚାରିଚକିଆ ଯାନ, ମୋଟର ସାଇକେଲ, ସାଇକେଲ ତ ଦୂରର କଥା ଖାଲିପାଦରେ ଯିବା କଷ୍ଟକର ହୋଇପଡୁଛି । ରାସ୍ତା ସମସ୍ୟା ନେଇ ଅନେକଥର ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଗ୍ରାମାଞ୍ଚଳ ରେ ଗମନାଗମନର ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ତେବେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତା ଭଳି ଅନେକ ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଚଳିତ ବର୍ଷ ପଞ୍ଚାୟତ ତରଫରୁ କିଛି ଡଷ୍ଟ (ପଥର ଗୁଣ୍ଡ ) ପକାଯାଇଥିଲା । ବର୍ଷା ଆସିବାରୁ ଡଷ୍ଟ ରାସ୍ତାରୁ ଧୋଇହୋଇ ରାସ୍ତା ଅବସ୍ଥା ଯେଉଁ ତିମିରେକୁ ସେଇ ତିମିରେ । ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ କଲେଜକୁ ନେଉଥିବା ପିଲାମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବାରମ୍ବାର ଅଭିଯୋଗ ପରେ ମଧ କେହି ଶୁଣୁ ନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ମରାମତି କରାନଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି ।

## ଜଙ୍ଗଲ ପରିବେଶ ଓ ଶ୍ରମ ମନ୍ତ୍ରୀଙ୍କ କଲମପୁର ଗସ୍ତ

କଲମପୁର,(ସବ୍ୟୁ): ଜଙ୍ଗଲ ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କଳାହାଣ୍ଡି ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ରବିବାର ଦ୍ୱିତୀୟ ଦିବସରେ କଲମପୁର ବ୍ଲକ ଅଂଚଳ ଗସ୍ତ କରି ନିର୍ମାଲ୍ୟକ୍ଷେତ୍ର ପରିସରରେ ଏବଂ କଲମପୁର ପରିସରରେ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଅୟୋଜିତ ମାଁଙ୍କ ନାମରେ ଗଛ ଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସନ୍ତୁଳନ ପାଇଁ ମାଁ ଙ୍କ ନାମରେ ଗଛଟିଏ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ଓଡ଼ିଶାରେ ଗତ ବର୍ଷ ୬ କୋଟି ୬୫ ଲକ୍ଷ ଗଛ ଲଗାଯାଇଛି ଏବଂ ଚଳିତ ବର୍ଷ ୭.୫ କୋଟି ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକାଶ କରିଥିଲେ। ଏହାକୁ ସଫଳ କରିବା ପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ସିଂ ଖୁଣ୍ଟିଆ କହିଥିଲେ । କଳାହାଣ୍ଡିରେ ସବୁଜ ପରିବେଶ ରହିଛି ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାରେ ୯ ଲକ୍ଷ ଗଛ ଲଗାଯିବ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ କଲମପୁର - ଥୁଆମୂଳ ରାମପୁର ସିଙ୍ଗାରି ଘାଟି ରାସ୍ତା ସମ୍ପର୍କରେ ପଚାରିବାରୁ ଆମେ ଏ ସମ୍ପର୍କରେ ଆଲୋଚନା କରିଛୁ ଶୀଘ୍ର ହେବାପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, କଳାହାଣ୍ଡି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଯୋଶୀ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର ,ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର . କଲାଇଭାନନ୍ , ଜଙ୍ଗଲ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଗଣ ଯୋଗଦେଇ ଥିଲେ । ପରବର୍ତ୍ତୀ ସମୟରେ ମଣ୍ଡି ପରିସରରେ ଆୟୋଜିତ ଏକ ମିଶ୍ରଣ ପର୍ବ ଏବଂ ଦଳୀୟ ସାଙ୍ଗଠନିକ ସଭାରେ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ଏବଂ ଧର୍ମଗଡ଼ ବିଧାୟକ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ବ୍ଲକ ଅନ୍ତର୍ଗତ ୧୦ ଜଣ ସରପଞ୍ଚ ଏବଂ ତାଙ୍କ ଶତାଧିକ ସମର୍ଥକ ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଥିଲେ । ଏଥିରେ ସୁଧିର ରଞ୍ଜନ ବାଗ,କଲମପୁର ମଣ୍ଡଳ ସଭାପତି ହିତେଶ ପାତ୍ର, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଫେସର କୃଷ୍ଣପ୍ରିୟା ସାହାଣୀଙ୍କ ପୁସ୍ତକ ପାଠକାର୍ପଣ



ରାୟଗଡା,(ସବ୍ୟୁ): ସମାଜରେ ସଚେତନତା ସହିତ ଶାନ୍ତି ମୈତ୍ରୀ ପୁନଃ ପ୍ରତିଷ୍ଠା ପାଇଁ ଲେଖକ ଲେଖିକାଙ୍କ ଦ୍ୱାରା ହିଁ ଆଣି ପାରିବେ । ମାନବଜାତିର ବିବର୍ତ୍ତନ ସାହିତ୍ୟ ଦ୍ୱାରା ହିଁ ସମ୍ଭବ। କବୟିତ୍ରୀ କୃଷ୍ଣପ୍ରିୟା ସାହାଣୀଙ୍କ ପୁସ୍ତକ ପାଠକାର୍ପଣ ଉତ୍ସବରେ ରାୟଗଡ଼ ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଇ ମତ ରଖିଥିଲେ । ସ୍ଥାନୀୟ ମହିଳା ମହାବିଦ୍ୟାଳୟ ରାୟଗଡ଼ଠାରେ ରବିବାର ଆୟୋଜିତ ପାଠକାର୍ପଣ ଉତ୍ସବରେ କବୟିତ୍ରୀଙ୍କ ଓଡ଼ିଆ କବିତା ସଙ୍କଳନ ଅବ୍ୟକ୍ତ ଈଶ୍ୱର ଓ ଇଂରାଜୀ କବିତା ସଙ୍କଳନ ଦି ୱିଙ୍ଗ ଚାରିଅଟ୍ ଉନ୍ମୋଚିତ ହୋଇଯାଇଛି । ଶିକ୍ଷାବିତ୍ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କବୟିତ୍ରୀଙ୍କ ସାମାଜିକ ପ୍ରତିବଦ୍ଧତା ସମ୍ବନ୍ଧରେ ସୂଚନା ଦେଇଥଲେ । ପଞ୍ଚବଟୀ ସମ୍ପାଦକ ତଥା ସୁସାହିତ୍ୟିକ ସୁଶାନ୍ତ କୁମାର ନାୟକ ଅବ୍ୟକ୍ତ ଈଶ୍ୱରର ସମୀକ୍ଷା କରିଥିବା ବେଳେ ପୁସ୍ତକର ସମୀକ୍ଷା କରିଥିଲେ ଅଧାପକ ଶ୍ରୀନିବାସ ଆଚାରୀ । ମହିଳା ମହାବିଦ୍ୟାଳୟ ଅଧକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । କବୟିତ୍ରୀ କୃଷ୍ଣପ୍ରିୟା ସାହାଣୀ ତାଙ୍କ ବକ୍ତବ୍ୟରେ ପୁସ୍ତକର ସଂକ୍ଷିପ୍ତ ପରିଚୟ ପ୍ରଦାନ ସହ ଏହାର ପୃଷ୍ଠଭୂମି ସମ୍ବନ୍ଧୀୟ ସୂଚନା ଦେଇଥଲେ । କାର୍ଯ୍ୟକ୍ରମ ଶେଷରେ ଶ୍ରୀଧର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିସୁଟ୍‌ର ଅଧ୍ୟାପକ ଅମିତଙ୍କୁ ଏନ୍‌ପିଟିଏଲ୍ ଷ୍ଟାର ପୁରସ୍କାର




ସମ୍ବଲପୁର,୨୦।୭(ସବ୍ୟୁ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଅଧ୍ୟାପକ ଅମିତ ଚାଟାର୍ଜୀଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ତିନୋଟି ବର୍ଗରେ ଏନ୍‌ଟିପିଏଲ୍ ଷ୍ଟାର ପୁରସ୍କାର ପ୍ରଦାନ କରାଯାଇଛି । ଜାତୀୟ ପ୍ରଯୁକ୍ତି ଉନ୍ନତ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳିତ ଅନ୍‌ଲାଇନ୍ ପାଠ୍ୟକ୍ରମରେ ଉତ୍କୃଷ୍ଟ ମାନ୍ୟତା ପ୍ରଦର୍ଶନ କରିଥିବା ଗବେଷକମାନଙ୍କ ମଧ୍ୟରେ ଅଧ୍ୟାପକ ଚାଟାର୍ଜୀ ଏହି ପୁରସ୍କାର ହାସଲ କରିଛନ୍ତି। ସେ ୨୦ଟି ଏନ୍‌ପିଟିଏଲ୍ ପାଠ୍ୟକ୍ରମକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରିଛନ୍ତି । ଏଗୁଡ଼ିକ ଇ-ଲାଇଟ୍ ସାର୍ଟିଫିକେସନ୍ ସହିତ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛି । ସେ ରାଜ୍ୟର ଏକମାତ୍ର ପ୍ରତିନିଧି ଭାବେ ଆର୍କିଟେକ୍ଟର ପ୍ଲାନିଂ ବିଷୟରେ ଏହି ଜାତୀୟ ମାନ୍ୟତା ହାସଲ କରିଛନ୍ତି । ଆଇଆଇଟି ଖଡ଼ଗପୁର ଗବେଷଣା କେନ୍ଦ୍ର, କୋଲକାତାରେ ଅଧ୍ୟାପକ ଚାଟାର୍ଜୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ଚଳିତ ବର୍ଷ ଡିଜାଇନ୍ ଏଜୁକେଟର ପୁରସ୍କାର ଏବଂ ମଡର୍ଣ୍ଣ ଆର୍କିଟେକ୍ଟର ଫେଲୋସିପ୍ ମଧ୍ୟ ହାସଲ କରିଛନ୍ତି ।

## ଜୟ ହିନ୍ଦ କ୍ଲବ ପକ୍ଷରୁ ଲିକ୍ କମ୍ ନକ୍ ଆଉଟ ଫୁଟବଲ ଉଦଘାଟିତ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ମନମୋହନ ସ୍କୁଲ ପଡ଼ିଆରେ ଜୟ ହିନ୍ଦ କ୍ଲବ ପକ୍ଷରୁ ୧୨ତମ ଫୁଟବଲ ପ୍ରତିଯୋଗିତା ଲିକ୍ କମ୍ ନକ୍ ଆଉଟ ପଦ୍ଧତିରେ ଆରମ୍ଭ ହୋଇଛି । ଏଥିରେ ଝାରସୁଗଡ଼ା, ସମ୍ବଲପୁର ଅଂଚଳର ୧୨ଟି ଟିମ୍ ଅଂଶ ଗ୍ରହଣ କରୁଛନ୍ତି । ଆସନ୍ତା ଅଗଷ୍ଟ ୧୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ରବିବାର ପ୍ରଥମ ମ୍ୟାଚ ସ୍ପୋର୍ଟସ କ୍ଲବ ବାଲିଝରୀ ଓ ଜୟ ବଜରଙ୍ଗ କ୍ଲବ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଝାରସୁଗୁଡା କ୍ରୀଡା ସଂଘର ସଂପାଦକ ତାପସ ରାୟ ଚଉଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ପ୍ରବଳ ବର୍ଷା ଥିବାରୁ ଉଭୟ ଦଳର ଖେଳାଳି ମାନେ କାଦୁଅରେ ଅସୁବିଧାର ସମ୍ମୁଖିନ ହୋଇଥିଲେ । ଶେଷରେ ସ୍ପୋର୍ଟସ କ୍ଲବ ବାଲିଝରୀ ୨-୦ ଗୋଲରେ ବିଜୟୀ ହୋଇଛି । ସ୍ପୋର୍ଟସ କ୍ଲବ ବାଲିଝରୀ ସାହିଲ ବାଗ ମ୍ୟାନ ଅଫ ମ୍ୟାଚ ଘୋଷିତ ହୋଇ ଥିଲେ । ଖେଳକୁ ପି.ରାଜେଶ୍ୱର ରାଓ, ରମଣୀ ମାଝି, ଅଗସ୍ତି ହାତି ପତା, ଓ କିର୍ତନ ଦାସ ପରିଚାଳନା କରି ଥିଲେ। କେ.ଜଗନ୍ନାଥ ରାଓ ମ୍ୟାଚ କମିଶନର ଦାୟୀତ୍ୱ ତୁଲାଇ ଥିଲେ ।

## ସ୍ୱର୍ଗତଃ ଦୟାନିଧି ସାହୁଙ୍କ ବିୟୋଗରେ ଶୋକସଭା

ବରଗଡ଼,(ସବ୍ୟୁ): ବରଗଡ଼ ସୋସିଆଲ କ୍ଲବ ତରଫରୁ ସଭାପତି ନିଧୁବନ ବିହାରୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ବରିଷ୍ଠ ଆଇନଜୀବୀ ତଥା କ୍ଲବ୍ ର ସଦସ୍ୟ ସ୍ୱର୍ଗତ ଦୟାନିଧି ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ସର୍ବପ୍ରଥମେ ସ୍ୱର୍ଗତଃ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରାଯାଇ ତାଙ୍କର ସମାଜ ପ୍ରତି ରହିଥିବା ବିଶେଷ ଅବଦାନ ଉପରେ ଆଲୋଚନା ହୋଇଥିଲା । ସେ ସତ୍ୟସାଇ ସେବା ସଂଗଠନ ତଥା ସୋସିଆଲ କ୍ଲବ, ବରଗଡ଼ ର ଜଣେ ସକ୍ରିୟ ସଭ୍ୟ ଥିବା ସହ ଉକ୍ତ ସଂଗଠନ ମାଧ୍ୟମରେ ବହୁ ଗୁଡ଼ିଏ ସାମାଜିକ କାର୍ଯ୍ୟରେ ନିଜକୁ ଜଡ଼ିତ ରଖି ଆସୁଥିଲେ । ତାଙ୍କ ଅନୁପସ୍ଥିତିରେ ନା କେବଳ ସୋସିଆଲ କ୍ଲବ କିମ୍ବା ଅନ୍ୟ ଅନୁଷ୍ଠାନ ବରଂ ସମଗ୍ର ବରଗଡ଼ ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ହୋଇଛି । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ କ୍ଲବ୍ ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ

ନୂଆପଡ଼ା,(ସବ୍ୟୁ): ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଓ ଦୌରା ଜଜଙ୍କ ଅଦାଲତରେ ବିଚାରାଧିନ ଖଡ଼ିଆଲର ଜନୈକ ମହିଳାଙ୍କ ହତ୍ୟା ମାମଲାରେ ତାଙ୍କର ୧୨ ବର୍ଷର ନାବାଳକ ଶିଶୁପୁତ୍ରଙ୍କୁ ଓଡ଼ିଶା ପୀଡ଼ିତ କ୍ଷତିପୂରଣ ଯୋଜନା, ୨୦୧୭ ଅନୁଯାୟୀ ପାଞ୍ଚ ଲକ୍ଷ ଟଙ୍କାର ମଧ୍ୟବର୍ତ୍ତୀକାଳୀନ ଆର୍ଥିକ କ୍ଷତିପୂରଣ ବାବଦରେ ଆଜି ଚେକ ପ୍ରଦାନ କରାଯାଇଛି । ପ୍ରାଧିକରଣର ସଚିବ ନବନୀତା ଦାଶ ଏହି ଚେକ୍ ଟିକୁ ଉକ୍ତ ନାବାଳକଙ୍କୁ ପ୍ରଦାନ କରି ତାଙ୍କୁ ଏହି ଅର୍ଥରାଶିର ସଦୁପଯୋଗ କରିବାପାଇଁ ଉପଦେଶ ଦେଇଥିଲେ ।

## ଅଷ୍ଟଶମ୍ଭୁ ମଧ୍ୟରେ ମାନେଶ୍ୱର ମାନଧାତା ବାବା ଶିବ ମନ୍ଦିର

ସମ୍ବଲପୁର,(ସବ୍ୟୁ): ଚିରସ୍ରୋତା ମହାନଦୀ କୂଳରେ ଐତିହାସିକ ନଗରୀ ସମ୍ବଲପୁର ଅବସ୍ଥିତ । ବୀରପୁତ୍ରଙ୍କ ବଳିଦାନର ମାଟି ସମ୍ବଲପୁର ଏହାର ଗୌରବମୟ ଇତିହାସକୁ ବଖାଣିଥାଏ । ଏସିଆର ସର୍ବବୃହତ୍ ନଦୀବନ୍ଧ ହୀରାକୁଦ, ମାଁ ସମଲେଶ୍ୱରୀଙ୍କ ମନ୍ଦିର, ହୁମାର ବକ୍ର ମନ୍ଦିର , ଡେବ୍ରିଗଡ ଅଭୟାରଣ୍ୟ, ଗୁଦଗୁଦା ଓ ଦେବଝରଣ ଭଳି ଜଳପ୍ରପାତ ଏବଂ ଅନେକ ସୁଶୋଭିତ ଦେବାଦେବୀଙ୍କ ମନ୍ଦିର ଏହାକୁ ଏକ ସୁନ୍ଦର ନଗରୀ ଭାବେ ଗଢି ତୋଳିଛି । ତନ୍ମଧ୍ୟରୁ ସମ୍ବଲପୁର ସହରର ଠାରୁ ମାତ୍ର ୯କିମି ଦୂରରେ ମାନେଶ୍ୱର ଗ୍ରାମର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳରେ ଏକ ବାବା ଶିବ ମନ୍ଦିର ରହିଛି । ଏହା ସମ୍ବଲପୁର ପ୍ରଥମ ଶିବ ମନ୍ଦିର ଅଟେ । ମହାରାଜା ବଳିୟାର ସିଂଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୬୦୦ରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଏହା ମାଳତୀ ଜୋର କୂଳରେ ରହିଛି । ପୁରାତନ ସମୟ ଓ ମାନ୍ଧାତା ଅମଳର ହୋଇଥିବାରୁ ଏହାକୁ ମାନଧାତା ବାବାଙ୍କ ମନ୍ଦିର ବୋଲି



କୁହାଯାଏ । ଏଠାରେ ରୁଦ୍ରାଭିଷେକ ଓ ଅନ୍ୟାନ୍ୟ ବିଶେଷ ପୂଜା କରାଯାଇଥାଏ ।

କିମ୍ବଦନ୍ତୀ ଅନୁଯାୟୀ ମହାରାଜା ବଳିୟାର ସିଂ ଶୈବ ଭକ୍ତ ଥିଲେ । ରାଜା ପ୍ରତ୍ୟହ ପ୍ରତ୍ୟୁଷ ସ୍ନାନ ପରେ ଶିବ ଦର୍ଶନ ଓ ପୂଜା କରୁଥିଲେ । ଏହାପରେ ଖାଦ୍ୟ ଓ ପାନୀୟ ଗ୍ରହଣ କରୁଥିଲେ । ଏକଦା ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ମାଁ ସମଲେଶ୍ୱରୀ ଏକ ଅପୂର୍ବ ସୁନ୍ଦରୀ ନାରୀ ବେଶରେ ରାଜାଙ୍କ ସ୍ୱପ୍ନରେ ଆସିଥିଲେ । ମହାନଦୀର ଜଳ ମଧ୍ୟରେ ଆର୍ବିଭାବ ହୋଇ ରାଜାଙ୍କୁ ଅଷ୍ଟଶମ୍ଭୁଙ୍କ ଆର୍ବିଭାବ ସମ୍ପର୍କରେ ଅବଗତ କରାଇଥିଲେ । କୌଣସି କାରଣରୁ ମହାଦେବ ଇନ୍ଦ୍ର ସଭାରୁ ଅପମାନିତ ହୋଇଥିଲେ । କ୍ରୋଧିତ ହେବା ସହ ନିଜ ଜଟା ଛିଣ୍ଡାଇ ତାକୁ ଆଠ ଖଣ୍ଡ କରି ମର୍ତ୍ତ୍ୟଭୂମିକୁ ଫିଙ୍ଗି ଦେଇଥିଲେ । ମହାଦେବଙ୍କ ଜଟା ୮ଟି ସ୍ଥାନରେ ପଡିଥିଲା । ହୁମା, ଗାଇସମା, ସୋର୍ଣ୍ଣା, ଅମ୍ବାଭନା, ଦେଗାଆଁ, ମାନେଶ୍ୱର, ନୀଳଜୀ ଓ ସରଣ୍ଡା ଅଞ୍ଚଳରେ ଅଷ୍ଟଶମ୍ଭୁ ସ୍ୱୟଂଉଭା ହୋଇଛନ୍ତି । ସ୍ୱପ୍ନ ଦେଖିବା ପରେ ଘଞ୍ଚ ଅରଣ୍ୟ ମଧ୍ୟରେ ରାଜା ମାନେଶ୍ୱର ଠାରେ ମନ୍ଦିର ନିର୍ମାଣ କରିବା ସହ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ ।

ମାନଧାତା ବାବାଙ୍କ ମନ୍ଦିର ନିକଟରେ ଏକ ସୁନ୍ଦର ପୁଷ୍କରିଣୀ ରହିଛି । ସେଠାରେ ହଜାରହଜାର ସଂଖ୍ୟାରେ ମାଛ ଓ କଇଁଛ ମାନେ ରହନ୍ତି । ଏଠାରେ କଇଁଛକୁ ବିଷ୍ଣୁଙ୍କ ଅବତାର ବୋଲି ଲୋକେ ପୂଜା କରନ୍ତି । ସ୍ଥାନୀୟ ଲୋକେ କେଛୋ ବାବା ବୋଲି କହନ୍ତି । ମନ୍ଦିରରେ ମହାଦେବଙ୍କ ନିକଟରେ ପହିଲି ଖେଚୁଡି ଭୋଗ ଲାଗିବା ପରେ କଇଁଛଙ୍କୁ ଦିଆଯାଇଥାଏ । ଏମାନେ ବର୍ଷବର୍ଷ ଧରି ନିର୍ଭୟରେ ଜଳାଶୟରେ ରହୁଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି । ଏହି ଶିବ ମନ୍ଦିରରେ ଶିବରାତ୍ରୀ, ଶୀତଳଷଷ୍ଠୀ, ପୌଷ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଆଦି ଯାନିଯାତ୍ରା ବେଶ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଥାଏ । ଭକ୍ତଙ୍କ ମନସ୍କାମନା ପୂରଣ ହେଉଥିବାରୁ ବିଶେଷ ଭାବେ ଗହଳି ପରିଲକ୍ଷିତ ହୋଇଥାଏ । ସରକାରଙ୍କ ଦ୍ୱାରା ଏହି ମନ୍ଦିରର ଉନ୍ନତି କରାଯାଇଛି । ଫଳରେ ଏହା ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଅଟେ । ତେବେ ମାନେଶ୍ୱର ଠାରୁ ହୁମା ବକ୍ର ମନ୍ଦିରର ଦୂରତା ବିଶେଷ ନଥିବାରୁ ଭକ୍ତ ଓ ପର୍ଯ୍ୟଟକ ମାନେ ଅତି ସୁବିଧାରେ ଉଭୟ ଠାକୁରଙ୍କ ଦର୍ଶନ କରିଥାନ୍ତି ।

(ଶ୍ରୀମଭଗବଦ୍ ଗୀତା ୧୭/୨୨)
-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-
(ଶ୍ରୀଭଗବାନୁବାଚ )

**ଅଦେଶକାଳେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତ**
**ଅସତ୍କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ।।୨୨।।**

(ତାମସଦାନଂଆହ)-ଆଦେଶକାଳେ (ଅଦେଶେ ଅପବିତ୍ରସ୍ଥାନେ, ଅକାଳେ ଅଶୌଚାଦିସମୟେ), ଅପତ୍ରେଭ୍ୟଶ୍ଚ (ବିଟନଟାଦିଭ୍ୟଶ୍ଚ), ଅସତ୍କୃତଂ (ପାଦପ୍ରକ୍ଷାଳନାଦିସତ୍କାରଶୂନ୍ୟଂ), ଅବଜ୍ଞାତଂ (ତିରସ୍କାରଯୁକ୍ତଂ), ଯତ୍ଦାନଂଦୀୟତେ ତତ୍ ତାମସଂ ଉଦାହୃତଂ (କଥିତଂ) ।।୨୨ ।।

# ତଥାପି ଚର୍ଚ୍ଚାରେ ବାଲେଶ୍ୱର

ସମ୍ପାଦକୀୟ

କୋଡ଼ିଏ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ସାରା ଓଡ଼ିଶାରେ କେବଳ ନୁହେଁ, ଭାରତରେ ଚହଳ ପକାଇଛି । ସେହି ଘଟଣାକୁ ନେଇ ତଦନ୍ତ ପ୍ରକ୍ରିୟା ସରିନାହିଁ । ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି । ରାଜ୍ୟ ସରକାର ତଦନ୍ତକୁ ଜୋରଦାର କରିଛନ୍ତି । ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ କେନ୍ଦ୍ର ସରକାର ମଧ୍ୟ ତାଗିଦ କରି ଦେଇଛନ୍ତି । କାମ କରୁଥିବା ହେଉ ବା ପାଠ ପଢୁଥିବା ସ୍ଥାନମାନଙ୍କରେ ୨୦୧୩ର ଆଇନ ବଳରେ ଆଭ୍ୟନ୍ତରୀଣ କମିଟି ଗଠନ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି ଓ ଭବିଷ୍ୟତରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପାଇଁ ସମସ୍ତେ ସତର୍କ ରହିବାକୁ ମଧ୍ୟ ତାଗିଦ କରାଯାଇଛି ।

ବିଭିନ୍ନ କ୍ଷେତ୍ରରେ ପ୍ରଶାସନଠାରୁ ନ୍ୟାୟ ପାଇବା କ୍ଷେତ୍ରରେ ବିଫଳ ହୋଇ ବାଲେଶ୍ୱର ଘଟଣା ପରି ଆତ୍ମାହୂତି ବା ଆତ୍ମହତ୍ୟାର ଧମକ ଦେଲେଣି ଓଡ଼ିଶାର ଆଉ କେତେକ ନାଗରିକ । ଏହା ଦୁଃଖର କଥା । ଦାବି ହାସଲ ଲାଗି ବାଲେଶ୍ୱର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଆଦର୍ଶ ନ ହେଉ । ସ୍ୱାଧୀନତାର ଅଠସ୍ତୋରୀ ବର୍ଷ ପରେ ଛାତ୍ରୀର ଏକାଦଶାହରେ କଂଗ୍ରେସ ସମେତ କେତେକ ବିରୋଧୀ ଦଳ ଶ୍ରାଦ୍ଧ କ୍ରିୟା ପାଳନ କରିବେ ବୋଲି ଘୋଷଣା କରିଛନ୍ତି । ଛାତ୍ରୀଙ୍କ ପରିବାରର ଭବିଷ୍ୟତ କିମ୍ବା ତା'ର ସ୍ଥାୟୀ ସ୍ମୃତିରକ୍ଷା କଥା କେହି ଚିନ୍ତା କରୁନାହାନ୍ତି । ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଗୋଟିଏ ପାଣ୍ଠି ଗଠନ କଲେ, ଭବିଷ୍ୟତରେ ଯେଉଁ ଛାତ୍ରୀ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହେବେ,ସେତେବେଳେ ତାଙ୍କୁ ସହାୟତାର ହାତ ବଢ଼ାଇଲେ, କୌଣସି ଛାତ୍ରୀ ଅନ୍ତତଃ ଆତ୍ମହତ୍ୟା ପରି କଠୋର ପଦକ୍ଷେପ ନିଅନ୍ତେ ନାହିଁ । ବିଭିନ୍ନ ବିରୋଧୀ ଓ ଶାସକ ଦଳ ମଧ୍ୟ ଏ ପର୍ଯ୍ୟନ୍ତ ମୃତ ଛାତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି କି ନାହିଁ ତାହା ଜଣାପଡ଼ି ନାହିଁ ।

ଦୁଃଖ ହୁଏ, ଯେଉଁ ସବୁ ତଡିତ ବା ସାମାଜିକ ଗଣମାଧ୍ୟମ ସୌମ୍ୟାଶ୍ରୀଙ୍କ ଘଟଣା ଆଗରୁ ଜାଣିଥିଲେ ତାହା ନିଜ ନିଜ ଗଣମାଧ୍ୟମ ଦ୍ୱାରା ପୂର୍ବ ସୂଚନା ଦେଇ ନଥିଲେ, ତାଙ୍କ ମୃତ୍ୟୁ ପରେ ସମ୍ଭବତଃ ନିଜର ଟି.ଆର.ପି. ବୃଦ୍ଧି କରିବାକୁ କୌଣସି ନା କୌଣସି ଆଳରେ ସୌମ୍ୟାଶ୍ରୀଙ୍କ କଥା ବାରମ୍ବାର ପ୍ରସାରିତ କରୁଥିବା ପରିଲକ୍ଷିତ ହେଉଛି ।

ଏ ହେଉଛି ସେହି ବାଲେଶ୍ୱର, ଯାହାର ପ୍ରତିଷ୍ଠା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଯୋଗୁଁ । ସାରା ଓଡ଼ିଶାରେ କି ଭାରତରେ ନୁହେଁ, ଅର୍ନ୍ତଜାତୀୟ କ୍ଷେତ୍ରରେ ମଧ୍ୟ ଜଣେ ଗଦ୍ୟଶିଳ୍ପୀ ଭାବରେ ତାଙ୍କର ସୁନାମ ରହିଛି । ମଫସଲର ରକ୍ଷଣଶୀଳ ପରିବାରରେ ଜଣେ ଯୁବତୀ ପାଠ ପଢ଼ିବା ଘଟଣାକୁ ନେଇ 'ରେବତୀ' ଗଳ୍ପରେ ସେ ଯେଉଁ ପରୀକ୍ଷାନୀରିକ୍ଷା କରିଛନ୍ତି, ତାହାକୁ ଏ ପର୍ଯ୍ୟନ୍ତ କେହି ଅତିକ୍ରମ କରିଥିବା ଜଣା ପଡ଼େନାହିଁ । ସେହି ଫକୀରମୋହନଙ୍କ ନାମରେ ନାମିତ କଲେଜରେ, ଜଣେ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅକାଳ ମୃତ୍ୟୁ ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି, ଏଥିରେ ସନ୍ଦେହ ନାହିଁ । ଅବିଭକ୍ତ ବାଲେଶ୍ୱର ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ତା'ର ସ୍ୱାକ୍ଷର ରଖି ଯାଇଛି-ରାଜ୍ୟରେ ଓ ରାଜ୍ୟ ବାହାରେ । କବି ଦୀନକୃଷ୍ଣ ଦାସ, କବିବର ରାଧାନାଥ ରାୟ, ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର (ବିହାର, ଓଡ଼ିଶା ବିଧାନସଭାର ପ୍ରଥମ ଓଡ଼ିଆ ଉପ- ବାଚସ୍ପତି), କବିଶେଖର ଚିନ୍ତାମଣି ମହାନ୍ତି, ଡକ୍ଟର ହରେକୃଷ୍ଣ ମହତାବ, ବିଧାନସଭାର ପ୍ରଥମ ଓଡ଼ିଆ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସ, ତାଙ୍କ ପତ୍ନୀ ସ୍ୱାଧୀନତା ସଂଗ୍ରାମୀ ଜାହ୍ନବୀ ଦେବୀ ଏବଂ ଓଡ଼ିଶାର ପ୍ରଥମ ଉପ-ବାଚସ୍ପତି ନନ୍ଦ କିଶୋର ଦାସ, କୋକିଳା ଦେବୀ (କାନ୍ତକବିଙ୍କ ଭଗିନୀ), କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କମଳାକାନ୍ତ ମହାପାତ୍ର (ପୂର୍ବତନ ସଂପାଦକ ପ୍ରଜାତନ୍ତ୍ର), ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ଓ ତାଙ୍କର ଅନୁଜ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ, ସ୍ୱାଧୀନତା ସଂଗ୍ରାମୀ ରବିନ୍ଦ୍ର ମୋହନ ଦାସ ଓ ତାଙ୍କ ପତ୍ନୀ ଗୋଦାବରୀ ଦେବୀ (ଯିଏ ଗାନ୍ଧିଜୀଙ୍କୁ ପ୍ରଥମେ ଓଡ଼ିଆ ଶିଖାଇଥିଲେ ଓ ଗାନ୍ଧିଜୀ ତାଙ୍କୁ 'ଗୁରୁ' ବୋଲି ସମ୍ବୋଧନ କରୁଥିଲେ ) । ଏମାନେ ସମସ୍ତେ ଥିଲେ ବାଲେଶ୍ୱରରେ କେବଳ ନୁହେଁ, ଓଡ଼ିଶା ଓ ଭାରତରେ ପ୍ରସିଦ୍ଧ ।

ଏହାଛଡା ଗାନ୍ଧିଜୀଙ୍କ ଡାକରାରେ ଓଡ଼ିଶାର ପ୍ରଥମ ଲବଣ ସତ୍ୟାଗ୍ରହର ସୈନିକ ଭାବେ ଆଚାର୍ଯ୍ୟ ହରିହର ଦାସ ବାଲେଶ୍ୱର ଜିଲ୍ଲାରୁ ହିଁ ପ୍ରଥମେ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏହା ଲିପିବଦ୍ଧ ହୋଇ ରହିଛି ।

ତେଣୁ ଜଣେ ଛାତ୍ରୀ ମୃତ୍ୟୁ ଘଟଣାରେ ବାଲେଶ୍ୱର ପୁଣି ଚର୍ଚ୍ଚାରେ ରହିବା ଏକ ଦୁଃଖଦାୟକ ଘଟଣା ବୋଲି ମନେ ହୋଇଥାଏ । ସେହି ବାଲେଶ୍ୱରର ମର୍ଯ୍ୟାଦା ରକ୍ଷା କରାଯାଉ ।

## ଭକ୍ତିର ଶକ୍ତି

**ବିଜ୍ଞାନ କେବଳ ଧାତୁକୁ ତରଳାଇ ଦେଇପାରେ କିନ୍ତୁ ପଥରକୁ ନୁହେଁ, ପଥରକୁ ଆକାର ଦେଇ ମୂର୍ତ୍ତି ଗଢ଼ିପାରେ କିନ୍ତୁ ତା' ଭିତରେ ଜୀବନ ସଂଚାର କରିପାରେ ନାହିଁ, କିନ୍ତୁ ଭକ୍ତି ପଥରକୁ ତରଳାଇ ଦେଇପାରେ ଆଉ ତା' ଦେହରେ ବି ଜୀବନ ସଂଚାର କରିପାରେ ।**

*ସଂଗ୍ରାହକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ତୃତୀୟ ପିଢିର ଲୋକସମ୍ପର୍କ : କହିବା ଶୁଣିବାର ସୀମା



**ସୁଧାଂଶୁ ଶେଖର ଧଡା**

ରାଜନୀତି, ପ୍ରଶାସନିକ ବ୍ୟବସ୍ଥା ଓ ଗାଦି ମାଡିବସିବା କ୍ଷେତ୍ରରେ ଲୋକସମ୍ପର୍କ ଓ ଲୋକ ଯୋଗାଯୋଗ ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖିବାର ଉଦ୍ୟମ ଇଂରେଜ ଶାସନ ଅମଳରୁ ଆରମ୍ଭ ହୋଇଛି । ସରକାରୀ କାର୍ଯ୍ୟାଳୟର ପାଚେରୀ ଓ କାନ୍ଥବାଡରେ ନିନ୍ଦାସୂଚକ ଲେଖାର ଭିତ୍ତିଭୂମି ଉପରେ ୧୮୭୦ ମସିହାରେ ଜେମସ୍ ଅଗଷ୍ଟସ୍ ହିକିଙ୍କ ଦ୍ୱାରା ପ୍ରଥମ ସମ୍ବାଦପତ୍ର 'ବେଙ୍ଗଲ ଗେଜେଟ'ର ଜନ୍ମ । ସମୟକ୍ରମେ ଗୋଟିକ ପରେ ଗୋଟିଏ ନିନ୍ଦାସୂଚକ ଓ ନକାରାତ୍ମକ ଭାବନାକୁ ପ୍ରତିଫଳିତ କରିବାରେ ସମ୍ବାଦପତ୍ରକୁ ବ୍ୟବହାର କରାଗଲା । ଏସବୁର ପ୍ରତିକାର ଭାବରେ ଇଂରେଜ ସରକାର ମଧ୍ୟ ସମ୍ବାଦପତ୍ରର ତଣ୍ଟି ଚିପିବା ପାଇଁ ଗୋଟିକ ପରେ ଗୋଟିଏ ଆଇନ ପ୍ରଣୟନ କରିଥିଲେ । ଇଂରେଜ ଶାସନର ଦୁର୍ନୀତି, ପ୍ରିୟାପ୍ରୀତି, ଅନୈତିକ କାର୍ଯ୍ୟ ଆଦି ଅଗଷ୍ଟସ୍ ହିକି ଛାପି ଇଂରେଜମାନଙ୍କ ରୋଷର ଶିକାର ହୋଇଛନ୍ତି । ତାଙ୍କ ଖବରକାଗଜ ପ୍ରକାଶ ପାଇବାର ଦଶବର୍ଷ ଆଗରୁ ଇଣ୍ଡିଆନ ପେନାଲ କୋଡ ୧୮୬୦ ଦେଶରେ କାର୍ଯ୍ୟକାରୀ ହୋଇସାରିଥିଲା । ଲୋକଙ୍କ ନାଁରେ କାନ୍ଥବାଡରେ ଲେଖି ନିନ୍ଦିତ କରିବା ଓ ଚରିତ୍ର ସଂହାର ଭଳି ଘଟଣା ଓ ଅନ୍ୟକିଛି ଲୋକସମ୍ପର୍କ ଭଳି ଘଟଣାକୁ ନେଇ ପାମ୍ପଲେଟ୍, କାଗଜଲେଖା, ଡ୍ରଇଂ, ବ୍ୟଙ୍ଗଚିତ୍ର, ପେଣ୍ଟିଙ୍ଗ୍ ଆଦିକୁ ଲୋକଙ୍କ ନଜରକୁ ନଆଣିବା ପାଇଁ ଏହି ଆଇନରେ ବ୍ୟବସ୍ଥା ରହିଲା । କୌଣସି ପ୍ରକାର ବେନାମୀ ବହି, ଖବରକାଗଜ, ପ୍ରଚାରପତ୍ର, ଆଦି ଛାପି ସରକାର ଓ ସରକାରୀ କର୍ମଚାରୀଙ୍କୁ ଅପଦସ୍ଥ ଓ ନିନ୍ଦିତ କରାଇବାରୁ ସୁରକ୍ଷା ଦେବାକୁ 'ପ୍ରେସ ଏଣ୍ଡ ରେଜିଷ୍ଟ୍ରେସନ ଅଫ୍ ବୁକ୍ସ ଆକ୍ଟ ୧୮୬୭' ପ୍ରଣୟନ କରାଗଲା । ନାଟକ, ଥିଏଟର ଆଦି ମାଧ୍ୟମରେ ସରକାର ଓ ବାବୁମାନଙ୍କୁ କଟାକ୍ଷ, ସମାଲୋଚନା, ସମ୍ମାନହାନୀ ଆଦି ଉଦ୍ୟମରୁ ସୁରକ୍ଷା ଦେବାଲାଗି ଡ୍ରାମାଟିକ ପରଫରମାନ୍ସ ଆକ୍ଟ୧୮୯୮ ପ୍ରଣୟନ ହୋଇଥିଲା । ପୁଲିସ ତଥା ପ୍ରତିରକ୍ଷା ବିଭାଗର କର୍ମଚାରୀମାନେ ପ୍ରଶାସନ ବିରୁଦ୍ଧରେ ଷଡଯନ୍ତ୍ର, ବିଦ୍ରୋହ ଆଦି କରି ନପାରିବା ଲାଗି ପୁଲିସ (ଇନସାଇଟମେଣ୍ଟ ଡିସଆଫେକ୍ସନ) ଆକ୍ଟ -୧୯୨୨ କାର୍ଯ୍ୟକାରୀ ହେଲା ।

ସରକାରୀ କାର୍ଯ୍ୟାଳୟର ଗୋପନୀୟତାକୁ ପଦାରେ ପକାଇ ସରକାରକୁ ଅପ୍ରୀତିକର ପରିସ୍ଥିତିରେ ପକାଇବାରୁ ସୁରକ୍ଷିତ ରଖିବାପାଇଁ 'ଅଫିସିଆଲ ସିକ୍ରେଟ ଆକ୍ଟ ୧୯୨୩' ଲାଗୁ କରାଗଲା । ଚଳଚ୍ଚିତ୍ରରେ ହିଂସାଦୃଶ୍ୟ, ଅଶ୍ଳିଳଦୃଶ୍ୟ ଆଦିକୁ ନଦେଖାଇବା ପାଇଁ, ପ୍ରଶାସନକୁ ବିଦ୍ରୁପ ନକରିବା ପାଇଁ ସିନେମାଟୋଗ୍ରାଫି ଆକ୍ଟ ୧୯୫୨ ମସିହାରେ ପ୍ରଣୟନ କରାଯାଇ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଗଠନ କରାଗଲା । ଆପତ୍ତିଜନକ ବିଷୟ ଗୋଟିଏ ସ୍ଥାନରେ ଛାପି ଡାକଯୋଗେ ଅନ୍ୟ ସ୍ଥାନକୁ ପଠାଇବା ଘଟଣାକୁ ଅପରାଧ ଅନ୍ତର୍ଭୁକ୍ତ କରି ଡେଲିଭରି ଅଫ ବୁକ୍ସ ଏଣ୍ଡ ନ୍ୟୁଜପେପର୍ସ ଆକ୍ଟ ୧୯୫୪ ଦେଶ ସ୍ୱାଧୀନ ହେବାପରେ ପ୍ରଣୟନ କରାଗଲା । ଜଣେ ଲେଖକଙ୍କ ଲେଖାକୁ ଆଉ ଜଣେ ଚୋରି କରି ନପାରିବା ପାଇଁ କପିରାଇଟ୍ସ ଆକ୍ଟ ୧୯୫୭ରେ ଭାରତ ସରକାର ପ୍ରଣୟନ କରିଲେ । ଏସବୁ ଥିଲା ଆମ ଦେଶରେ ସାମ୍ବାଦିକତା ଓ ଜନଯୋଗାଯୋଗର ପ୍ରଥମ ପିଢି ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେବା ଦିନ ହିଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଗଠିତ ହେଲା । ଏହାର ୧୮ ବର୍ଷପରେ ଆକାଶବାଣୀ , ଦୂରଦର୍ଶନ ଏବା ଅନ୍ୟ ସରକାରୀ ଗଣମାଧ୍ୟମଗୁଡିକରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କ ତାଲିମ ପାଇଁ ୧୯୬୫ ଅଗଷ୍ଟ ୧୭ ତାରିଖରେ ଭାରତୀୟ ଜନସଂଚାର ସଂସ୍ଥାନ ଗଠନ କରାଗଲା । ଜନସମ୍ପର୍କ ଓ ଜନଯୋଗାଯୋଗ କ୍ଷେତ୍ରରେ ଦ୍ୱିତୀୟ ପିଢିର ଆରମ୍ଭ ଏଇଠୁ ।

ଭାରତୀୟ ଜନସଂଚାର ସଂସ୍ଥାନ କାର୍ଯ୍ୟକ୍ଷମ ହେବାପରେ ସାମ୍ବାଦିକତାକୁ ଉଚ୍ଚଶିକ୍ଷାର ଏକ ବିଷୟ ଭାବେ ଦେଶର ଅଳ୍ପକିଛି ଅନୁଷ୍ଠାନରେ ପାଠ ପଢେଇବା ବ୍ୟବସ୍ଥା ହେଲା । ପ୍ରାୟ ଚାରି ଦଶନ୍ଧି ମଧ୍ୟରେ ସାମ୍ବାଦିକତା ବିଷୟ ପଢାଇବା ଲାଗି ଶିକ୍ଷାନୁଷ୍ଠାନ ସଂଖ୍ୟା ବଢି ଚରମ ସୀମାରେ ପହଞ୍ଚିଲା । ସରକାରଙ୍କ ଯୋଜନା ସବୁକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ କର୍ମଚାରୀ ନିଯୁକ୍ତ କରିଦେଲେ । ଏହି ଦ୍ୱିତୀୟ ପିଢି ଲୋକସମ୍ପର୍କ ଓ ଯୋଗାଯୋଗ ଆଇ.ଇ.ସି. (ସୂଚନା,ଶିକ୍ଷା, ଯୋଗାଯୋଗ) ଅବଧାରଣା କେନ୍ଦ୍ରିତ ଥିଲା । ଏହି ଅବଧାରଣା ସେହି ସମୟ ପାଇଁ ଠିକ୍ ଥିଲା । ପଙ୍ଖାତଳେ କିମ୍ବା ଅଫିସର ଆରାମଦାୟକ ଘର ଭିତରେ ବସି ଇନ୍ଦିରା ଆବାସ ଘର ନକ୍ସା ତିଆରୁଥିବା ବ୍ୟକ୍ତି ରାତିଟିଏ ବି ସେହିଘରର ଛାତ ତଳେ କଟାଇ ଅସୁବିଧା ଉପଲବ୍ଧି କରିନଥିଲେ । ନଳକୂଅ ପାଣି ବିଶୁଦ୍ଧ ବୋଲି କହି ଏହା ନକ୍ସା ଦେଇଥିବା ବ୍ୟକ୍ତି ଜୀବନ କାଳ ମଧ୍ୟରେ ନଳକୂଅର ଲୁହାଳିଆ ପାଣି ଗ୍ଲାସଟେ ବି ପିଇ ନଥିବେ । ମାଇନର ଇରିଗେସନ ପ୍ରକଳ୍ପ ନକ୍ସା ଦେଇଥିବା ବ୍ୟକ୍ତିଙ୍କର ଗୁଣ୍ଠେ ହେଲେ ଜମି ଏହି ଯୋଜନାରେ ଜଳସେଚିତ ହେବାର ନଥିଲା । ଦରମା ପାଇ ସ୍ୱଚ୍ଛଳ ବର୍ଗରେ ଥିବା ସରକାରୀ ବାବୁମାନଙ୍କୁ ରେସନକାର୍ଡ ମାଧ୍ୟମରେ ସରକାରୀ ଦରରେ ଚିନି, ଗହମ, କିରୋସିନି ଯୋଗାଇ ଦିଆଯାଉଥିଲା । ଏଭଳି ଅନେକ ଯୋଜନା ପ୍ରଣୟନ ତ ହେଲା, ଏଥିରେ ସଫଳତା ଅପେକ୍ଷା ବିଫଳତା ଅଧିକ ଥିଲା । ଏଥିପାଇଁ ତ୍ରୁଟିପୂର୍ଣ୍ଣ ଶିକ୍ଷା-ସୂଚନା- ଯୋଗାଯୋଗ ଅବଧାରଣା ଦାୟୀ । ଯୋଗାଯୋଗ (କମ୍ୟୁନିକେଶନ)ର ସୂଚନା , ଶିକ୍ଷା ଓ ମନୋରଞ୍ଜନ ନାମରେ ତିନୋଟି ଉପାଦାନ ରହିଛି । ସୂଚନା ଓ ଶିକ୍ଷା କହି ମନୋରଞ୍ଜନ ବଦଳରେ ଯୋଗାଯୋଗ କହିବା ନିରର୍ଥକ । ସେତେବେଳେ ଏହାକୁ ହୃଦୟଙ୍ଗମ କରାଯାଇ ପାରିନଥିଲା ।

୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ କରାଯାଇ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃ ପ୍ରଚଳନ ହେଲା । ଗ୍ରାମ ସ୍ତରରେ ଗ୍ରାମସଭା କରାଯାଇ ପଞ୍ଚାୟତ ଗଠନ, ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱାରା ପଞ୍ଚାୟତ ସମିତି ଗଠନ ଓ ପଞ୍ଚାୟତ ସମିତି ପ୍ରତିନିଧିଙ୍କ ଦ୍ୱାରା ଜିଲ୍ଲା ପରିଷଦ ଗଠନ ମତଦାନ ପ୍ରକ୍ରିୟାରେ ହେଲା । ଏହି ରାଜନୀତିକ ବ୍ୟବସ୍ଥାର ସଫଳତା ନିମିତ୍ତ ପଲ୍ଲୀସଭା ଓ ଗ୍ରାମସଭାରେ ବହୁସଂଖ୍ୟାରେ ଲୋକଙ୍କୁ ଯୋଗଦେବାକୁ ଅନୁରୋଧ କରାଗଲା । ଏଇଠୁ ଆସିଲା ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ଅଂଶଗ୍ରହଣ କରାଯିବାର ଅବଧାରଣା । ଜନଚେତନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଭଳି ଏକ ଉପାଦାନ ଜନସଂଚାର ବ୍ୟବସ୍ଥାରେ ପ୍ରବେଶ କରିଥିଲା । ୨୦୦୦ ମସିହା ବେଳକୁ ଦେଶରେ ଏଡସ୍ ସମ୍ପର୍କିତ ଜନଚେତନା କାର୍ଯ୍ୟକ୍ରମ ବହୁଳ ଭାବରେ ହେଉଥିଲା । ଗ୍ରାମାଞ୍ଚଳରେ ସଘନ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଚାଲୁଥିଲା । ଏହି ଜନଚେତନା କାର୍ଯ୍ୟକ୍ରମଗୁଡିକରେ ଲୋକଙ୍କୁ ସମ୍ପୃକ୍ତ କରାଇ ବ୍ୟବହାର ପରିବର୍ତ୍ତନ ନିମିତ୍ତ ଉପଦେଶ ଦିଆଯାଇଥିଲା ଓ ସଫଳତା ହାର ବଢିଥିଲା । ଏଭଳି ଜନଚେତନା ମୂଳକ କାର୍ଯ୍ୟକ୍ରମ ସହିତ ଆଇ. ଇ.ସି. ଅବଧାରଣା ବଦଳିଗଲା । ନୂତନ ଅବଧାରଣାଟି ହେଲା ସମ୍ପୃକ୍ତି (ଇନଭଲବମେଣ୍ଟ), ସୂଚନା (ଇନଫରମେସନ), ଶିକ୍ଷା (ଏଜୁକେଶନ ) ଏବଂ ମନୋରଞ୍ଜନ (ଏଣ୍ଟରଟେନମେଣ୍ଟ) ବା ଆଇ.ଆଇ.ଇ.ଇ. । ଏହି ଅବଧାରଣା ଲିଖିତ ରୂପ ନେଇନଥିଲେ ମଧ୍ୟ ପ୍ରଥମେ ସମ୍ପୃକ୍ତି ନଥିଲେ କାର୍ଯ୍ୟକ୍ରମ ସଫଳ ହୁଏନାହିଁ ବୋଲି ସରକାର ମଧ୍ୟ ସ୍ୱୀକାର କରିଥିଲେ ।

**୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେବା ଦିନ ହିଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଗଠିତ ହେଲା । ଏହାର ୧୮ ବର୍ଷପରେ ଆକାଶବାଣୀ , ଦୂରଦର୍ଶନ ଏବା ଅନ୍ୟ ସରକାରୀ ଗଣମାଧ୍ୟମ ଗୁଡିକରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କ ତାଲିମ ପାଇଁ ୧୯୬୫ ଅଗଷ୍ଟ ୧୭ ତାରିଖରେ ଭାରତୀୟ ଜନସଂଚାର ସଂସ୍ଥାନ ଗଠନ କରାଗଲା । ଜନସମ୍ପର୍କ ଓ ଜନଯୋଗାଯୋଗ କ୍ଷେତ୍ରରେ ଦ୍ୱିତୀୟ ପିଢିର ଆରମ୍ଭ ଏଇଠୁ ।**

ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହା ସ୍ୱୀକାର କରିଥିଲେ । ଜନଚେତନା, ଜନସଞ୍ଚାର ଓ ଜନଯୋଗାଯୋଗ କାର୍ଯ୍ୟକ୍ରମରେ ସମ୍ପୃକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିଲା । ଆଇ.ଇ.ସି ଅବଧାରଣା ବଦଳି ଆଇ.ଆଇ.ଇ.ଇ. ହେଲା ତୃତୀୟ ପିଢିର ଗଣଯୋଗାଯୋଗର ଭିତ୍ତିଭୂମି । ମୋଟାମୋଟି ଭାବେ ପ୍ରଥମ ପିଢିଟି ଜନଯୋଗାଯୋଗ ଓ ଜନସଞ୍ଚାର ବ୍ୟବସ୍ଥାକୁ ସରକାର ନିଜ ନିୟନ୍ତ୍ରଣରେ ରଖି ଘରୋଇ ବ୍ୟବସ୍ଥାର ତଣ୍ଟିଚିପିବାକୁ ଆଇନ ପରେ ଆଇନ ପ୍ରଣୟନ କରିଥିଲେ ।

ଦ୍ୱିତୀୟ ପିଢିରେ ଲୋକଙ୍କ ପାଇଁ ଯୋଜନା ସବୁର ନକ୍ସା ତିଆରୁ ଥିବା ଲୋକଙ୍କର ସମ୍ପୃକ୍ତି ନଥାଇ ଜନସଞ୍ଚାର କାର୍ଯ୍ୟ କରାଗଲା ଏବଂ ସଫଳତାର ହାର ସର୍ବନିମ୍ନ ସ୍ତରକୁ ଖସିଆସିଲା । ତୃତୀୟ ପିଢିରେ ସମସ୍ତଙ୍କୁ ସମ୍ପୃକ୍ତ କରାଇବାର ଉଦ୍ୟମ ଉପରେ ପ୍ରାଥମିକତା ଦିଆଗଲା । ଏହି ସମୟରେ ଆଉ ଏକ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଗଲା । ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ସଂଖ୍ୟା ଦୃଷ୍ଟିରୁ ଅଧିକ ହେଲା ସତ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଜନସଞ୍ଚାର କାର୍ଯ୍ୟ ସାମ୍ବାଦିକ ଓ ସାମ୍ବାଦିକସଂସ୍ଥା ବଦଳରେ ଇଭେଣ୍ଟମ୍ୟାନେଜର ମାନେ କରିବାକୁ ଲାଗିଲେ । ଏମାନେ ଜନସଞ୍ଚାର କ୍ଷେତ୍ରରେ ମନସ୍ତତ୍ତ୍ୱର ପ୍ରୟୋଗ କରିଥିଲେ । ପ୍ରକୃତରେ ଦେଖିବାକୁ ଗଲେ ଗଣଯୋଗାଯୋଗ ଓ ଜନସଂଚାର ଏକକ ଓ ସ୍ୱତନ୍ତ୍ର ବିଷୟ ନୁହେଁ , ଏହା ମନସ୍ତତ୍ତ୍ୱର ଏକ ଅଂଶ । ଶିକ୍ଷାନୁଷ୍ଠାନ ଗୁଡିକରେ ପଢାଯାଉଥିବା ଖସଡାର କିନ୍ତୁ ପରିବର୍ତ୍ତନ ହେଲାନାହିଁ , ଅଥଚ ଅଭିଜ୍ଞ ଓ ବରିଷ୍ଠ ସାମ୍ବାଦିକମାନଙ୍କ ପରିବର୍ତ୍ତେ ଅନ୍ୟକେହି ରାଜନୀତିକ ଦଳଗୁଡିକ ପାଇଁ ଶହ ଶହ କୋଟି ଟଙ୍କାର ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରିଥିଲେ । ଜନସଞ୍ଚାର କ୍ଷେତ୍ରକୁ ମନସ୍ତତ୍ତ୍ୱର ଅଂଶ ଭାବେ ବିବେଚନା କରିଲେ ଏହା ଏକ ବିଶାଳ ଗ୍ରନ୍ଥ ହେବ । ଜନସଞ୍ଚାର ମନସ୍ତତ୍ତ୍ୱର ଏକ ଅଙ୍ଗ ପ୍ରସଙ୍ଗରେ କେବଳ ଗୋଟିଏ ଉପାଦାନର ଆଲୋଚନା କରି ପ୍ରବନ୍ଧ ଶେଷ କରୁଛି ।

ସମସ୍ତଙ୍କର ଏକ ଧାରଣା ରହିଆସିଛି ଯେ - ଦୀର୍ଘ ସମୟଧରି ଭାଷଣ ଦେଇପାରୁଥିବା ବକ୍ତା ହେଉଛନ୍ତି ଭଲ ବକ୍ତା । ସଭାପତିଙ୍କ ବାରମ୍ବାର ତାଗିଦା ସତ୍ତ୍ୱେ ବକ୍ତା ଭାଷଣ ଶେଷନକରି ଶେଷରେ ଏତିକି କହିବି ଯେ ବାରମ୍ବାର କହୁଥିଲେ ମଧ୍ୟ ବକ୍ତାଙ୍କ ଭାଷଣ ଶେଷ ହୁଏନାହିଁ , ଲମ୍ବିଚାଲେ । ଲୋକସମ୍ପର୍କ କ୍ଷେତ୍ରରେ ବ୍ୟକ୍ତି କହିଲେ କେବଳ ଅବୟବ ଥାଇ ଏକ ପ୍ରାଣୀକୁ ବୁଝାଏ ନାହିଁ । ବ୍ୟକ୍ତି ସହ ମନ ନିବିଡ ଭାବେ ଜଡିତ । ଲମ୍ବା ଭାଷଣ ଶୁଣିବାର ଧୈର୍ଯ୍ୟ ଶ୍ରୋତାର ଅଛି କି ନାହିଁ-ଜାଣିବା ଆବଶ୍ୟକ । ଶ୍ରୋତାର ଧୈର୍ଯ୍ୟ ବିଷୟ ସହିତ ସ୍ମରଣ ଶକ୍ତି ମଧ୍ୟ ଜଡିତ । ମନସ୍ତାତ୍ତ୍ୱିକ ପରିସଂଖ୍ୟାନ ଅନୁସାରେ ବ୍ୟକ୍ତିର ତତ୍କ୍ଷଣାତ (ଇନଷ୍ଟାଣ୍ଟ) ସ୍ମରଣ ଶକ୍ତି (ମେମୋରୀ) ହେଉଛି ୭ ଯୁକ୍ତ ୨ । ଏହାର ଅର୍ଥ ହେଲା ତତ୍କ୍ଷଣାତ ସାଧାରଣ ବୁଦ୍ଧିମତ୍ତା(ଆଇକ୍ୟୁ) ସମ୍ପନ୍ନ ବ୍ୟକ୍ତି ଅନେକ କଥା ମଧ୍ୟରୁ ସାତଟି ପର୍ଯ୍ୟନ୍ତ, କମ୍ ବୁଦ୍ଧିମତ୍ତା ସମ୍ପନ୍ନ ବ୍ୟକ୍ତି ପାଞ୍ଚଟି ପର୍ଯ୍ୟନ୍ତ ଏବଂ ଅଧିକ ବୁଦ୍ଧିମତ୍ତା ସମ୍ପନ୍ନ ବ୍ୟକ୍ତି ନଅଟି ପର୍ଯ୍ୟନ୍ତ କଥା ମନେ ରଖି ପାରିବେ । ତାପରେ ଆଉ ଯେତେ କହିଲେବି ସେସବୁ ଶ୍ରୋତାପାଇଁ ନିରର୍ଥକ । ଏକ ଆକଳନ ଅନୁଯାୟୀ ଦୀର୍ଘସ୍ଥାୟୀ ସ୍ମରଣଶକ୍ତିର କ୍ଷମତା ହାରାହାରି ୨.୫ ପେଟାବାଇଟ୍ ଥିଲେମଧ୍ୟ ଇନଷ୍ଟାଣ୍ଟ ସ୍ମରଣ ଶକ୍ତିର ଅବଧି ମାତ୍ର ୧୫ରୁ ୪୫ ସେକେଣ୍ଡ । ତା ପରେ ଶ୍ରୋତା ସବୁକିଛି ଭୁଲିଯାନ୍ତି ।

ଏହି କାରଣରୁ ହାଟ କିମ୍ବା ଯାତ୍ରା ଭିତରେ ହଜାର ହଜାର ଲୋକଙ୍କୁ ଦେଖୁଥିଲେ ମଧ୍ୟ ଉଲ୍ଲେଖନୀୟ ଘଟଣା ନଘଟିଲେ ସର୍ବାଧିକ ୪୫ ସେକେଣ୍ଡ ମଧ୍ୟରେ ଜଣେ ସମସ୍ତଙ୍କ ଚେହେରା ଭୁଲିଯାନ୍ତି । ଲମ୍ବା ଭାଷଣ ଦେଉଥିବା ବକ୍ତା ଭାଷଣ ପାଇଁ ପ୍ରସ୍ତୁତ ନହୋଇ ଆସି ଭାଷଣ ଦିଅନ୍ତି । ତାଙ୍କ ଭାଷଣ ସାରଗର୍ଭକ ନୁହେଁ, ବରଂ ଶ୍ରୋତାଙ୍କ ସହ ଧୋକାବାଜୀ । ଦୀର୍ଘ ଭାଷଣ ପ୍ରଦାନକାରୀ ନିର୍ଲଜ ଭାବେ ଅପ୍ରାସଙ୍ଗିକ କଥା କହି ଆତ୍ମଗର୍ବ ଅନୁଭବ କରି ପାରନ୍ତି ସତ, କିନ୍ତୁ ସବୁ ଶ୍ରୋତା ଭକୁଆ ନୁହନ୍ତି । ତୃତୀୟ ପିଢିର ଜନସଞ୍ଚାର କ୍ଷେତ୍ରର ପରିସର ଅତ୍ୟନ୍ତ ବ୍ୟାପକ । ଏହାର ପ୍ରାୟ ପନ୍ଦରରୁ ଉର୍ଦ୍ଧ୍ୱ ବୈଶିଷ୍ଟ୍ୟ ରହିଛି । ଶ୍ରୋତାଙ୍କ ସମ୍ମୁଖରେ ବକ୍ତା ନିଜକୁ ସବୁବେଳେ ଜ୍ଞାନୀ ଭାବି ଏଣୁତେଣୁ ଗୁଡାଏ ଗପି ଚାଲିଗଲେ ଶ୍ରୋତା ତାଚ୍ଛଲ୍ୟର ତାଳିମାରିବା ହିଁ ଏକମାତ୍ର ସତ୍ୟ ।

**ଜାଗମରା, ଖଣ୍ଡଗିରି , ଭୁବନେଶ୍ୱର**
**ମୋ-୯୩୩ ୭୦୧୫୮୮୨**

# ମହାଦେବଙ୍କ ମହାତତ୍ତ୍ୱ - ବୋଲବମ୍ ଯାତ୍ରା



**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**

ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ । ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ । ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରଙ୍କ ଗଭୀର ସଂପର୍କ ରହିଛି । ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକଦ୍ୱାରା ଅଶ୍ୱମେଧ ଯଜ୍ଞ ସମ ଫଳ ଲାଭ କରନ୍ତି ।

ସହସ୍ର ସହସ୍ର ଭକ୍ତ 'ହର ହର ମହାଦେବ' ଓ 'ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ' ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି । ଭଗବାନ ଶିବଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ନିଜ ନିଜର ମନସ୍କାମନା ଜଣାଇ ଭକ୍ତଗଣ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଦେଓଘର ସ୍ଥିତ ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ, ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ- ଏହା ହେଉଛି ନୀହାରିକା ଜଗତ ।

ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛନ୍ତି । ତୀବ୍ର ଗତିରେ ଭ୍ରମଣ କରୁଛନ୍ତି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛନ୍ତି। ଏହାଫଳରେ ସେଠାରେ ସର୍ବଦା ଓଁ ଓଁ - ବ୍ୟୋମ ବ୍ୟୋମ ଶବ୍ଦ ଉଚ୍ଚାରଣ ହେଉଛି । ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ ।

ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ । 'ଯିଏ ପରମ ମଙ୍ଗଳମୟ ବିଧାତା ସେ ହିଁ ଶିବ । ଶିବ ଶବ୍ଦର ଉତ୍ପତ୍ତି ଶି - ଧାତୁ ଠାରୁ । ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ । ଶିବଙ୍କର ଆଉ ଏକ ନାମ ଶମ୍ଭୁ । ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା । ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ । ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି । ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି । ସେ ଭୂତନାଥ, ଭୂତେଶ ଓ ଭୂତଭାବନ । ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ । ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅନୁଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ । ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ ।

**ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ । ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି । ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି । ସେ ଭୂତନାଥ, ଭୂତେଶ ଓ ଭୂତଭାବନ । ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ । ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ ।**

ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ ।

ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟମାନଙ୍କର କ୍ଷତି କରିନପାରନ୍ତି । ମହାଦେବଙ୍କର ପରିଧାନ ହେଲା ବ୍ୟାଘ୍ରଚର୍ମ । ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ । ବ୍ୟାଘ୍ରଚର୍ମ ଏହି ଗୁଣଗୁଡ଼ିକର ଦ୍ୟୋତକ । ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି । ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର । ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ । ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରି ରଖିଛନ୍ତି । ତ୍ରୀଶୂଳ ମହାଦେବଙ୍କ ଅସ୍ତ୍ର । ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରୀଶୂଳ ଉଦ୍ଦିଷ୍ଟ ।

ଏହା ସାଙ୍ଗରେ ଅଛି ଡମ୍ବରୁ । ସେଥିପାଇଁ କୁହାଯାଏ ସେ ଡମ୍ବରୁଧର । ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ । ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି । ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର । ଏହି ପ୍ରଜ୍ଞାନେତ୍ରରୁ କ୍ରୋଧବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ । ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ ।

ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ । ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ । ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାରକର୍ତ୍ତା, କାଳଜୟୀ, ପରମ ପ୍ରେମମୟ, ବୈଶିଷ୍ଟ୍ୟଶାଳୀ, ଭଗବାନ ପୁରୁଷୋତ୍ତମ । ଶିବଲିଙ୍ଗରେ ପାଣି ଢ଼ାଳିବାର ଅର୍ଥ ହେଉଛି ମନୁଷ୍ୟର ଯୌନ ଜୀବନକୁ ଧୀର, ସ୍ଥିର, ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା । ଏହି ଯୌନ ଜୀବନ ଶାନ୍ତ ହେଲେ ମଣିଷର ଜୀବନ ଶାନ୍ତ, ନିରାମୟ ଓ ସମାଜର କଲ୍ୟାଣ ସାଧନ ହୁଏ । ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି ।

**ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି,**
**(ଅବସରପ୍ରାପ୍ତ) କଟକ,**
**ମୋ- ୯୪୩୭୦୫୧୯୫୭**

## ବ୍ଲକ ପରିସରରୁ କାଟିଦେଲେ ଗଛ

ଭଣ୍ଡାରିପୋଖରୀ,(ସବ୍ୟୁ) :ଭଣ୍ଡାରିପୋଖରୀ ବ୍ଲକ ଫାଟକ ସଂଲଗ୍ନ ପାଚେରୀ ଘେରା ମଧ୍ୟରେ ଥିବା ପୁରାତନ ରାଧାଚୁଡା ଗଛକୁ କାଟିଦିଆଯାଇଛି। ଏହି ବୃହତକାୟ ଗଛ ମୂଳ ଚତୁଃପାର୍ଶ୍ୱରେ ବସାଉଠା କରିବା ପାଇଁ ଚଉତରା କରାଯାଇଥିଲା। ଫାଟକ ଗଛ ଛାଇରେ ରହୁଥିବାରୁ ବ୍ଲକକୁ ଆସୁଥିବା ବ୍ୟକ୍ତିମାନେ ଏହି ଚଉତରା ଉପରେ ବସି କାର୍ଯ୍ୟ ପାଇଁ ଅପେକ୍ଷା କରୁଥିଲେ। ହେଲେ ବ୍ଲକ କର୍ତ୍ତୃପକ୍ଷଙ୍କ ଦେହ ସହିଲାନି। ରବିବାର ଛୁଟି ଦିନ ସୁଯୋଗରେ ଗଛକୁ କାଟି ପକାଇଲେ। ସୋମବାର ବ୍ଲକ ଫାଟକ ଖୋଲିବା ପରେ ଲୋକେ ଏହା ଦେଖି ତାଜୁବ। ପରିବେଶ ସୁରକ୍ଷାର ମଙ୍ଗ ଧରିଥିବା ବ୍ଲକ କର୍ତ୍ତୃପକ୍ଷଙ୍କ ଓଲଟା ବିଚାର ଲୋକଙ୍କୁ ବିସ୍ମିତ କରିଥିଲା। ଗତ ସାଢେଦିନ ବର୍ଷ କାର୍ଯ୍ୟକାଳ ଭିତରେ ବ୍ଲକକୁ ରସାତଳଗାମୀ କରିଥିବା ବିଡିଓ ଦେବଦତ୍ତ ଦାସ ଏଥିନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଘଟଣାରେ ସେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ବୋଲି ଆଲୋଚନା ହେଉଛି। ଏହି ଘଟଣାରେ ବିଡିଓଙ୍କୁ ଦାୟୀ କରିଛନ୍ତି ଖୋଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ। ଗଛକଟା ଯିବା ସମ୍ପୂର୍ଣ୍ଣ ଅନୁଚିତ। ଏ ସମ୍ପର୍କରେ ତାଙ୍କସହ ଆଦୌ ପରାମର୍ଶ କରାଯାଇ ନାହିଁ। ଗତ କିଛି ମାସ ଧରି ବିଡିଓ ବ୍ଲକ ସମ୍ବନ୍ଧିତ କୌଣସି କଥାରେ ଅଧ୍ୟକ୍ଷାଙ୍କ ସହ ଯୋଗଯୋଗ କରୁନଥିବାରୁ ଅପରାହ୍ନରେ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଯୋଗଯୋଗ କରିଥିଲେ। ଏହା ଜୀବନ୍ତ ଗଛ ନୁହେଁ ବୋଲି ସହକାରୀ ଯନ୍ତ୍ରୀ ସଫେଇ ଦେଇଥିଲେ ବୋଲି ସେ ପ୍ରକାଶ କରିଥିଲେ। ଏହି ଘଟଣା ସମ୍ପର୍କରେ ବିଧାୟକ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ସେଠୀ ସୂଚନା ଦେଇଛନ୍ତି। ଗଛକଟା ସମ୍ପର୍କରେ ବିଡିଓଙ୍କ ବାରମ୍ବାର ଫୋନଯୋଗେ ଯୋଗଯୋଗ କରାଯାଇଥିଲା। ମାତ୍ର ବିଡିଓ ଫୋନ କଲ ରିସିଭ କରିନଥିଲେ। ଅନ୍ୟପକ୍ଷରେ ଜଙ୍ଗଲ ବିଭାଗ ଠାରୁ ଏଥିନେଇ ଅନୁମତି ନିଆଯାଇ ନାହିଁ ବୋଲି ଜଙ୍ଗଲ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ମତଦେଇଛନ୍ତି।

# ଶୋଭାଯାତ୍ରାରେ ଶିକ୍ଷୟିତ୍ରୀଙ୍କୁ ଦେଲେ ବିଦାୟ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଂଚାୟତର ସରପୁର ଗ୍ରାମରେ ରବିବାର ଏକ ନିଆରା ସମ୍ବର୍ଦ୍ଧନା ଉତ୍ସବ ଦେଖିବା ପାଇଁ ମିଳିଛି। ଶିକ୍ଷକତା ଜୀବନରୁ ଅବସର ନେଇଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଶୋଭାଯାତ୍ରାରେ ପରିକ୍ରମା କରାଇ ବିଦାୟ ଦିଆଯାଇଛି। ସରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କର ଇତିମଧ୍ୟରେ ଚାକିରୀ ଜୀବନ ଶେଷ ହୋଇଛି। ଶାନ୍ତିଲତା ଏହି ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ ଏବଂ ଗତ ମେ ମାସରେ ଏହି ଠାରୁ ଅବସର ନେଇଥିଲେ। ଆଜି ତାଙ୍କ ପାଇଁ ଭିନ୍ନ ଢଙ୍ଗରେ ଏକ ସମାରୋହ ଆୟୋଜନ କରାଯାଇଥିଲା। ଜଣେ ସରଳ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବେ ପରିଚିତ ଶାନ୍ତି ଦିଦିଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ,ଅଭିଭାବକ,ପରିଚାଳନା କମିଟିର ସଦସ୍ୟ ସଦସ୍ୟା,ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ବାଜା ବାଣ ଶୋଭାଯାତ୍ରାରେ ଦିଦିଙ୍କୁ ଗାଁ ପରିକ୍ରମା କରାଇବା ସହ ଆନନ୍ଦ ବଜାରସ୍ଥିତ ବାସଭବନ ପର୍ଯ୍ୟନ୍ତ ନିଆଯାଇ ସେଠାରେ ବିଦାୟ ଦିଆଯାଇଥିଲା। ଏଭଳି ସମ୍ବର୍ଦ୍ଧନା ଓ ବିଦାୟ ପର୍ବ ଶାନ୍ତି ଦିଦିଙ୍କ ଆଖିରେ ଆନନ୍ଦର ଲୋତକ ଭରି ଦେଇଥିଲା। ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡୁ ଏବଂ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧାମନଗର ଏବିଓ ସତ୍ୟ ସୁନ୍ଦର ପରିଡ଼ା,ଶିକ୍ଷାବିତ ଧନେଶ୍ୱର ସାହୁ,ସରପଞ୍ଚ ଅନୁସୂୟା ସାହୁ,ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ସିଆରସିସି ନୃସିଂହ ସାହୁ,ସରପୁର ଏମଇ ସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ ମହାନ୍ତି,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ,ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆଖପାଖ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଆର.ଆଇ.ଏଚ.ଏସ.ମହାବିଦ୍ୟାଳୟରେ ୬୩ ୟୁନିଟ ରକ୍ତ ସଂଗ୍ରହ

ଭୋଗରାଇ,(ସବ୍ୟୁ): ବାଲେଶ୍ୱରଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଅଗ୍ରଣୀ ଆର.ଆଇ.ଏଚ.ଏସ.ମହାବିଦ୍ୟାଳୟ ରେ ଶୁକ୍ରବାର ସକାଳ ୧୦ ଟାରେ ଏନ.ଏସ.ଏସ., ୟୁଥ ରେଡ୍‌କ୍ରସ, ଓ ସ୍କାଉଟ୍ ଏଣ୍ଡ ଗାଇଡ୍ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।ଏହି ଶିବିରକୁ ଉଦଘାଟନ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିଜୟ କୁମାର ମିଶ୍ର ଓ ଭୋଗରାଇ ଜନସ୍ୱାସ୍ଥ୍ୟଧିକାରୀ ଡା ଉତ୍ତର ଦଣ୍ଡପାଟ। ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଠାରୁ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

Email ID : eephdsbp@gmail.com

C- 691

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR.**

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP-02/2025-26 Dt. 15.07.2025**

| | | |
|---|---|---|
| 01. | Name of the Work | : 1 nos Work |
| 02. | Type of Bid. | : Two Bid System |
| 03. | Estimated Cost | : Rs. 281.43 lakhs |
| 04. | Period of Completion | : 6 (Six) Calendar Months |
| 05. | Date & Time of availability of bidc document in the portal | : From 11.00 AM of dt. 21.07.2025 : to 5.00 PM of 07.08.2025 |
| 06. | Last date / time of receipt of bids in the portal | : 5.00 PM of 07.08.2025. |
| 07. | Date & Time of opening of technical bids | : At 11.30 AM of 08.08.2025. |
| 08. | Name and Address of the Officer Inviting Bid | : Superintending Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

**Further details can be seen from the web site http://tenders.ori.nic.in or www.tendersorissa.gov.in**

**Sd/- Superintending Engineer**
**P.H. Division, Sambalpur**

**OIPR: 13026/11/0010/2526**

# ପୂର୍ବ ଭାରତରେ ମଣିପାଲ୍‌ସିଗ୍‌ନା ହେଲ୍‌ଥର ଗୁରୁତ୍ୱ ବଢୁଛି

କୋଲକାତା: ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟ ବୀମା କମ୍ପାନି ମଣିପାଲ ସିଗ୍‌ନା ହେଲ୍‌ଥ ଇସ୍ୟୁରାନ୍ସ ପୂର୍ବ ଭାରତରେ ଏହାର ଗୁରୁତ୍ୱକୁ ବଢ଼ାଇଛି। ଏହି ଅଂଚଳରେ ବର୍ତ୍ତମାନ କଂପାନିର ଉପସ୍ଥିତି ୪୨ଟି ସହର ଏବଂ ୧୦,୦୦୦ରୁ ଅଧିକ ଉପଦେଷ୍ଟା ଥିବା ବେଳେ ଖୁଚୁରା ଉପସ୍ଥିତି, ଶାଖା ନେଟ୍‌ୱର୍କକୁ ଦ୍ୱିଗୁଣିତ କରିବା ଓ ୧୦ ହଜାର ଉପଦେଷ୍ଟା ଯୋଡ଼ିବାକୁ କମ୍ପାନି ଲକ୍ଷ୍ୟ ରଖିଛି। ଏହି ଅଂଚଳରେ ବ୍ୟାପକ ଅଭିବୃଦ୍ଧି ହେବା ସହ କମ୍ପାନି ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୦ କୋଟି ଟଙ୍କାର ପ୍ରତ୍ୟକ୍ଷ ପ୍ରିମିୟମ୍ ହାସଲ କରିଛି। ସେଥିରେ ପଶ୍ଚିମବଙ୍ଗର ଅବଦାନ ୫୫ କୋଟି ଟଙ୍କାରୁ ଅଧିକ ରହିଛି।ଜେନେରାଲ୍ ଇନ୍‌ସ୍ୟୁରାନ୍ସ କାଉନ୍‌ସିଲ୍‌ର ତଥ୍ୟ ଅନୁସାରେ ସ୍ୱାସ୍ଥ୍ୟ ବୀମା କମ୍ପାନିଗୁଡ଼ିକର ବାର୍ଷିକ ଅଭିବୃଦ୍ଧି ୧୦ ପ୍ରତିଶତ ରହିଥିବା ବେଳେ ମଣିପାଲ୍‌ସିଗ୍‌ନା ୪୩ ପ୍ରତିଶତ ପ୍ରିମିୟମ୍ ଅଭିବୃଦ୍ଧି ସହ ଶିଳ୍ପକୁ ଅତିକ୍ରମ କରିଛି। ଗତ ତିନି ବର୍ଷ ମଧ୍ୟରେ କଂପାନି ପୂର୍ବ ଭାରତରେ ୨୦୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ବୀମା ଦାବି ପ୍ରଦାନ କରିଛି, ଯେଉଁଥିରୁ କେବଳ ପଶ୍ଚିମବଙ୍ଗରେ ୮୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି।

ମଣିପାଲ୍‌ସିଗ୍‌ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ସପ୍ନା ଦେଶାଇ କହିଛନ୍ତି ଯେ, 'ପୂର୍ବ ଭାରତରେ ବିଶେଷ କରି ଅର୍ଦ୍ଧ ସହରାଚଂଳ ଓ ଉଦୀୟମାନ ବଜାରରେ ଲୋକମାନଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ପହଂଚାଇବାର ବ୍ୟାପକ ସୁଯୋଗ ରହିଛି। ମଣିପାଲ୍‌ସିଗ୍‌ନାର ଉତ୍ପାଦ ଓ ପରିଚାଳନା ମୁଖ୍ୟ ଆଶିଷ ଯାଦବ କହିଛନ୍ତି ଯେ, 'ସର୍ବ ଏହାର ସହଜତା ଓ ମୂଲ୍ୟ ସହିତ ନିତିଦିନିଆ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରି ବାସ୍ତବ ସମସ୍ୟାର ସମାଧାନ କରୁଥିବାରୁ ଅନେକ ପ୍ରମୁଖ ବଜାରରେ ତାହା ପ୍ରଥମ ପସନ୍ଦ ଭାବେ ଉଭା ହୋଇଛି।

## ନୋଟିସ

ନିମ୍ନଲିଖିତ ଗାଡ଼ିଗୁଡ଼ିକ ଓଡ଼ିଶୀ ମୋଟର ପ୍ରା.ଲିଃର ବିଭିନ୍ନ କର୍ମଶାଳା ଭିତରେ ଅନେକ ଦିନ ହେଲା ଠିଆ ହୋଇରହିଛି । ଆମ ତରଫରୁ ବାରମ୍ବାର ସମ୍ପର୍କ କରିବା ସତ୍ତ୍ୱେ ମଧ ଏହି ଗାଡ଼ି ମାଲିକମାନଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଉକ୍ତ ଗାଡ଼ି ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧରେ ଯଦି ଆପଣମାନେ ଗାଡ଼ିଗୁଡ଼ିକ ଉଠାଇ ନନେବେ ତାହେଲେ ପରବର୍ତ୍ତୀ ସମୟରେ ଗାଡ଼ିଗୁଡ଼ିକର କୌଣସି ପ୍ରକାରର ଅବସ୍ଥା ପାଇଁ ଓଡ଼ିଶୀ ମୋଟର ପ୍ରା.ଲିଃ. ଦାୟୀ ରହିବେ ନାହିଁ ।

**REGD NO: OD15L6033, OD23F9091, JH10BA8073, OR17E0007, OD03Q0885, OD23J9773, OD23L5267, OD23G9696, OD23B8596, OD23F8986, JH05CQ4365, OD19H3390, OD27A5600, OD02BZ3839, OR02BQ9024, OD27B9552, OD23K6158, OD17B4073, OR15S2525, CG12AT0402, OR19F7025, OR12A8686, OD23L9820, OD11B0706, OD19G3219, OD19R8569, OD19U0124, OD23G6710, OD17Z2081, CG13UA9868, OD02Y1050, HR05AB7907, OD15L1675, OD15H7374, OR14L4899, OD03H1964, OD31H6907, OD23L5052, OD03B5901, OD02BD1640, OD15H1251, OD02BZ1695, OD15H6761, OD15L2190, OD05AX5184, OD01K4142, OD02CN5377**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭିଜିଲାନ୍ସ...

ଡିଏଫ୍‌ଓ ଶ୍ରୀ ନାୟକଙ୍କ ପ୍ଲଟ୍ ଓ କୋଠାର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି ।ଶ୍ରୀ ନାୟକଙ୍କ ଅନୁଗୋଳ ସ୍ଥିତ ଚାରି ମହଲା କୋଠା ସହିତ ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ମଦନମୋହନ ପାଟଣା ସ୍ଥିତ ତାଙ୍କ ପୈତୃକ ଘର, ଅନୁଗୋଳର ଜଗନ୍ନାଥପୁର ସ୍ଥିତ ତାଙ୍କ ଶ୍ୱଶୁର ଘର, କେନ୍ଦୁଝର ସ୍ଥିତ ତାଙ୍କ ଅଫିସ, କେନ୍ଦୁଝର ସ୍ଥିତ ତାଙ୍କ ସରକାରୀ ଘର, ନୟାଗଡ଼ ଜିଲ୍ଲା କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଥିଲା । ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି ।

### ଦିଲ୍ଲୀ...

ଚିକିତ୍ସା ପାଇଁ ଆଜି ବଳଙ୍ଗା ପୀଡିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାର ଲିଫ୍ଟ କରାଯାଇଛି । ଏହି ଘଟଣାରେ ତ୍ୱରିତ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଜଣାଉଛି । ପୀଡ଼ିତା ଶୀଘ୍ର ସୁସ୍ଥ ହୋଇ ଫେରନ୍ତୁ, ଏହା ହିଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସୂଚନାଯୋଗ୍ୟ ପୁରୀ ବଳଙ୍ଗା ଥାନା ଅନ୍ତର୍ଗତ ବାୟାବରରେ ନାବାଳିକା ଜଣଙ୍କ ଶନିବାର ପୂର୍ବାହ୍ନରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ଅନୁସରଣ କରୁଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ । ସେଠାରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ । ଶରୀରରେ ନିଆଁ ଲାଗିବା ପରେ ନାବାଳିକା ଏଣେ ତେଣେ ଦୌଡିବାକୁ ଲାଗିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା ।

### ଆଜିଠାରୁ ...

ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ବିବାଦୀୟ ବୟାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ । ପୁଣି ସଂସଦର ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରେ ଯାଉଥିବାରୁ କଂଗ୍ରେସ ସମାଲୋଚନା କରିଛି । ରାଜ୍ୟସଭାରେ ଗୃହର ନେତା ଏବଂ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ ୫୧ଟି ଦଳ ମଧ୍ୟରୁ ୪୦ ଜଣ ପ୍ରତିନିଧି ବୈଠକରେ ଅଂଶଗ୍ରହଣ କରି ସେମାନଙ୍କର ମତାମତ ରଖିଥିଲେ ।

### ପୀଡ଼ିତାଙ୍କ...

ଧରି ପୋଲିସ ଡ଼ିଜି,ବରିଷ୍ଠ ଅଧିକାରୀ ତଦନ୍ତ ଅଧିକାରୀଙ୍କ ସହ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକରେ ତଦନ୍ତର ସବୁଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାକୁ ନିନ୍ଦା କରିବା ସହ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଏହାକୁ ଉନ୍ନତ ଜ୍ଞାନ କୈଶଳ ବ୍ୟବହାର କରି ଯାଞ୍ଚ ଚାଲିଛି ଆଶା କରୁଛୁ ।ଖୁବଶିଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ପୀଡିତାର ପିଉସି,ଭଉଣୀ,ଦାଦା,ଖୁଡି ଓ ଦୁଇଜଣ ସାଙ୍ଗ ସହିତ ୮ ଜଣକୁ ଥାନାକୁ ଆଣି ପଚରାଉଚରା ଚାଲିଛି ।

### ଆଉ...

ଏନେଇ ପେଟ୍ରୋଲିୟମ୍ ଡିଲରସ୍ ଆସୋସିଏସନ ସଭାପତି ଶଶାଙ୍କ ଶେଖର ସାହୁ ସୂଚନା ଦେଇଛନ୍ତି ।

ରାଜଧାନୀ ସମେତ ବିଭିନ୍ନ ଅଞ୍ଚଳରେ ବୋତଲରେ ପେଟ୍ରୋଲ ବିକ୍ରି ହେଉଛି । ଏହି ବେଆଇନ ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ ରୋକ ଲାଗିବ । ପେଟ୍ରୋଲ ପମ୍ପରେ ଖୋଲାରେ ଅର୍ଥାତ ପ୍ଲାଷ୍ଟିକ ବୋତଲ କିମ୍ବା ଜାର୍‌କିନରେ ପେଟ୍ରୋଲ ଓ ଡିଜେଲ ଦିଆଯିବନି । ପୂର୍ବରୁ ଏହି ନିୟମ ଥିଲେ ମଧ୍ୟ ପେଟ୍ରୋଲ୍ ପମ୍ପରେ ଏହା ପାଳନ ହେଉନଥିଲା । ବାଲେଶ୍ୱର ଓ ବଳଙ୍ଗା ଘଟଣା ପରେ ପେଟ୍ରୋଲିୟମ୍ ଡିଲରସ୍ ଆସୋସିଏସନ ଏହି ନିଷ୍ପତ୍ତି ନେଇଛି ।

ଗ୍ରାମାଞ୍ଚଳରେ ଚାଷ କାର୍ଯ୍ୟରେ ଟ୍ରାକ୍ଟରରେ ବ୍ୟବହାର ହେଉଥିବା ଡିଜେଲ ଲାଗି ଚାଷୀମାନେ ପେଟ୍ରୋଲ ପମ୍ପକୁ ଆସି ବ୍ୟାରେଲ ବ୍ୟାରେଲ ବଡ଼ ବଡ଼ ଜାରକିନରେ ନେଇଥାନ୍ତି । ତେବେ ଚାଷୀମାନଙ୍କ କ୍ଷେତ୍ରରେ ଏହି ନିୟମରେ କୋହଳ ହେବ । ଯେଉଁ ଚାଷୀମାନେ ଖୋଲାରେ ଡିଜେଲ କିମ୍ବା ପେଟ୍ରୋଲ ପାଇଁ ପେଟ୍ରୋଲ ପମ୍ପ ଆସିବେ ସାଙ୍ଗରେ ଆଧାର କାର୍ଡ ଆଣିବାକୁ କୁହାଯାଇଛି । ଏହା ସହିତ ପମ୍ପ କର୍ମଚାରୀମାନେ ସୁନିଶ୍ଚିତ କରିବେ ଯେ ଉକ୍ତ ବ୍ୟକ୍ତିଜଣକ ହେଉଛନ୍ତି ଚାଷୀ ।

### ମିଳିଲାଣି ...

ଏକପାଖିଆ ରିପୋର୍ଟ ପ୍ରଦାନ ଏବଂ ତଦନ୍ତରେ ଅବହେଳା ପାଇଁ ଆଇସି କମିଟି ସଦସ୍ୟମାନେ ନିଲମ୍ବିତ ହୋଇପାରନ୍ତି। ତେବେ ୨ ଜଣ ସଦସ୍ୟ ଅଧିକ ଅ ପ ୟୁଜିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପ୍ରାୟ ୨୦ରୁ ୨୫ ଜଣ ଛାତ୍ରଛାତ୍ରୀଙ୍କୁ ପଚରାଉରା କରିଥିବା ବେଳେ ଉଚ୍ଚଶିକ୍ଷା ବିଭାଗ କମିଟି ମଧ ୨୦ରୁ ୨୫ ଜଣ ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୧୨ ଜଣ ପୁରାତନ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଥିବା ଜଣାପ ସେଇଭଳି କ୍ରାଇମ୍ବାଞ୍ଚ ଟିମ୍ର ଆଇଜି ଏସ ସାଇନି, ଡିଏସ୍ପି ଇମନ କଲ୍ୟାଣ ନାୟକ ଓ ଇନ୍ସପେକ୍ଟର ପାଞ୍ଚାଳି ରାଉତ ଦିନ ପ୍ରାୟ ସାଢେ ୧୧ଟା ବେଳେ କଲେଜରେ ପହଞ୍ଚିଥିଲେ। ସେମାନେ ପ୍ରାୟ ସାଢେ ୩ଟାରେ କ୍ୟାମ୍ପସ । ଡିଏସ୍ପି ଇମନ କଲ୍ୟାଣ ନାୟକ କହିଛନ୍ତି, ତଦନ୍ତ ଜାରି ରହିଛି। ଅପରାଧୀମାନେ ଶୀଘ୍ର ପଦାକୁ ଆସିବେ।

### ସଡ଼କ ...

ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ମୃତାହତଙ୍କ ସମ୍ପର୍କରେ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଭୀର ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିସହ ଆହାତଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପୂର୍ବରୁ ଆଇସିସି ନିକଟରେ ଅଭିଯୋଗ କରିଥିଲେ ବାପା

ବାଲେଶ୍ୱର,୨୦।୭ (ସବ୍ୟୁ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଏଚଓଡି ସମୀର ସାହୁ ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ୧ ତାରିଖରେ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କଠାରେ ଅଭିଯୋଗ ହୋଇଥିଲା। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରାଯାଇ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ୭ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିଥିଲେ। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ଝିଅ କିଛି ବି କରିପାରେ ବୋଲି ଆଇସିସି ନିକଟରେ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ।କଲେଜରେ ଏତେ ଶିକ୍ଷକ ଥିଲା ବେଳେ ସମୀର ସାର୍ଙ୍କ ନାଁରେ ଅଭିଯୋଗ କାହିଁକି ବୋଲି ପ୍ରଶ୍ନ ଉଠାଇଥିଲେ। ଝିଅ ୨୦/୨୨ ଦିନ କଲେଜ ଯାଇ ନ ଥିବା କଥା ସମୀର ସାର୍ଙ୍କୁ ସେ ଜଣାଇଥଲେ। ଝିଅ ପାଠ ପଢୁନି କହିବାରୁ ପାଠ ମନସ୍କ କରାଇବାକୁ ସାର୍ଙ୍କୁ କହିଥିଲେ। ଝିଅକୁ ପଚାରିବାରୁ ୪ ମିନିଟ ବିଳମ୍ବ ହେବାରୁ କ୍ଲାସ ବାହାରେ ଛିଡ଼ା କରିବା ସହ ସମୀର ସାର୍ ଅପମାନିତ କରି ବାହାର କରିଦେବା କଥା କହିଥିଲେ। ଝିଅର ସାଙ୍ଗମାନଙ୍କ ସହ କଥା ହୋଇ ମାନସିକ ଅବସାଦ କଥା ଜାଣିଥିଲି। କ୍ଲାସରେ ୬ ବର୍ଷ ରଖିବେ କହି ଅପମାନିତ କରିଥିଲେ ଏଚଓଡ଼ି । ଏଥିପାଇଁ କିଛି ପିଲା ଝିଅକୁ ଟାହି ଟାପରା କରୁଥବା ସାଙ୍ଗମାନେ ଜଣାଇଥିଲେ। ଏଚଓଡ଼ିଙ୍କ ଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶ୍ଳୀଳ ଇଙ୍ଗିତ ସମ୍ପର୍କରେ ଝିଅ ତା' ମାଆଙ୍କୁ କହିଥିଲା ବୋଲି ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷ ଓ ଆଇସିସି ନିକଟରେ ଜଣାଇଥିଲେ ।

**GOVERNMENT OF ODISHA, DEPARTMENTOF WATER RESOURCES**

A-

**Office of the Superintending Engineer, Mechanical Division, Bhubaneswar.**
**Email Address: smdivisionbbsr@yahoo.com**

**e-Procurement Notice- Bid Identification No.- SE/MDB-04/W/2025-26**

| | | |
|---|---|---|
| 1. | Name of the Work | : Replacement and Renovation of Gates and hoists of Saradhapur Sluice-II under Khordha Irrigation Division, Khordha for the year of 2025-26 |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : SE/MDB-04/W/2025-26 |
| 5. | Estimated Cost | : Rs. 8,44,425/- |
| 6. | Period of Completion | : 20 Days. |
| 7. | Date & time of availability of bid documents in the Portal | : From dt.22.07.2025 (10.00 AM) to dt.31.07.2025(5.30 PM) dt.31.07.2025 (up to 5.30 PM) |
| 8. | Last date/ time for receipt of bid In the Portal | : dt.31.07.2025 (up to 5.30 PM) |
| 9. | Date and Place of opening of Bid | : dt.01.08.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Superintending Engineer, Mechanical Division, Bhubaneswar |

**Sd/- Superintending Engineer**
**Mechanical Division,**
**Bhubaneswar**

**OIPR: 32385/11/0004/2526**

## ମୃତ ଶିଶୁ ଜନ୍ମ ଦେବାରୁ ମହିଳାଙ୍କୁ ମାରିଦେଲେ :ସ୍ୱାମୀ ଅଟକ

ଭଦ୍ରକ,୨୦।୭ (ସବ୍ୟୁ): ଭଦ୍ରକ ଜିଲ୍ଲା ଚାନ୍ଦବାଲ ଅଞ୍ଚଳରେ ଜଣେ ମହିଳାମୃତ ଶିଶୁ । ଜନ୍ମ ଦେବାରୁ ତାଙ୍କୁ ସ୍ୱାମୀ ଓ ଶାଶୁ ଘର ଲୋକେ ତକିଆ ପକାଇ ଜୀବନରୁ ମାରିଦେବା ଭଳି ସଂଗୀନ ଅଭିଯୋଗ ହୋଇଛି। ଯାହାକୁ ନେଇ ଚାନ୍ଦବାଲି ଥାନା ପୋଲିସ ଅଭିଯୋଗ ପାଇବା ପରେ ମହିଳାଙ୍କ ସ୍ୱାମୀଙ୍କୁ ପୋଲିସ ଥାନାରେ ଅଟକ ରଖିଥିବାବେଳେ ଶବ ଜବତ କରିଛି। ଅଭିଯୋଗରୁ ଜଣାଯାଏ,ଚାନ୍ଦବାଲି ଥାନା ଅଧିନ ବଡ଼ଓସ୍ତିଆ ପଞ୍ଚାୟତ ବାମ୍ପି ସାହି ଗାଁର ହୃଷିକେଶ ବେହେରାଙ୍କ ଝିଅ ପୁଷ୍ପଲତା ବେହେରା ଓରାସାହି ପଞ୍ଚାୟତ ବେନ୍ତାଳପୁର ଗାଁର ଚିନ୍ତାମଣି ବାରିକଙ୍କ ପୁଅ ନିର୍ମଳ ବାରିକଙ୍କୁ ୨୦୨୧ ମସିହାରେ ପ୍ରେମ ବିବାହ କରିଥିଲେ। ବିବାହ ଉଭୟ ପରିବାରଙ୍କ ସହମତିରେ ହୋଇଥିଲା। ମାତ୍ର ବିବାହ ସମୟରେ କନ୍ୟା ପିତା ନିଜ ସମ୍ବଳ ମୁତାବକ ସୁନା ଗହଣା ଆସବାବପତ୍ର ଦେଇ ବିବାହ ଦେଇଥିଲେ। ବିବାହର କିଛି ମାସ ଭଲରେ ଚାଲିଥିଲା ମାତ୍ର ପରେ ଅଧିକ ଟଙ୍କା ଦାବୀ କରି ଝିଅକୁ ମାଡ ମାରି ନିର୍ଯାତନା ଆରମ୍ଭ କରିଦେଇଥିଲେ। ବିବାହ ୩ବର୍ଷ ପର୍ଯ୍ୟନ୍ତ ସନ୍ତାନ ନହେବାରୁ ଏଥିରେ ମଧ ଅକଥନୀୟ ନିର୍ଯ୍ୟାତନା ଦେଉଥିଲେ। ପରେ ତାଙ୍କ ପୁଷ୍ପଲତା ଗର୍ଭବତୀ ହେଲେ ଝିଅର ବାପା ଝିଅର ଶାଶୁ ଶଶୁରଙ୍କୁ ବୁଝାସୁଝା କରି କିଛି ଅର୍ଥ ଦେବାକୁ ପ୍ରତିଶୃତି ଦେଇଥିଲେ। ମାତ୍ର ପୁଷ୍ପଲତାଙ୍କ ସ୍ୱାମୀ ଏକ ଡିଜେ ଗାଡି ନୂଆ କରିବା ପାଇଁ ୩୦ଲକ୍ଷ ଦାବୀ କରି ପୁଣି ନିର୍ଯାତନା ଆରମ୍ଭ କରିଦେଇଥିଲେ। ସବୁ ନିର୍ଯାତନା ସହି ଚଳିତ ମାସ ପ୍ରସବ ଜନିତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଚାନ୍ଦବାଲି ଓ ପରେ ଭଦ୍ରକରେ ଏକ ଘରୋଇ ହସ୍ପିଟାଲରେ ଭର୍ତି କରିଥିଲେ। ଗତ ୧୭ତାରିଖରେ ତାଙ୍କର ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ଏଥିପାଇଁ ପରିବାର ଲୋକେ ଅଶାନ୍ତି ରହିଥିଲେ। ମେଡିକାଲରୁ ଡିସଚାର୍ଜ ହୋଇ ଗତ ୧୭ତାରିଖ ଘରକୁ ଫେରିଥିଲେ। ମାତ୍ର ରବିବାର ଅପରାହ୍ନରେ ବାହାର ଲୋକଙ୍କ ଠାରୁ ହୃଷିକେଶ ବେହେରା ଖବର ପାଇ ଚାନ୍ଦବାଲି ମେଡ଼ିକାଲରେ ପହଂଚି ତାଙ୍କ ଝିଅ ମରିଯାଇଥିବା ଦେଖିଥିଲେ। ଶାଶୁଘର ଲୋକେ ଫେରାର ହୋଇଯାଇଥିବାବେଳେ ସ୍ୱାମୀଙ୍କୁ ପୋଲିସରେ ଜିମାଦେଇଛନ୍ତି।

**OFFICE OF THE MUNICIPAL COUNCIL, BHADRAK, BHADRAK**

C- 694

**TENDER CALL NOTICE**

**(Through E-Procurement)**
**Tender Reference No: BM-BDK-05-2025-26**
**Tender Call Notice No 3760 / BM /dt.14.07.2025**
**Tender 10 No.**

| | | |
|---|---|---|
| 1. | Name of the work | : Individual Civil construction works as per DTCN published in the website |
| 2. | No of works put to tender | : 172 Nos' individual civil construction works |
| 3. | Estimated cost | : As per DTCN |
| 4. | Period of completion | : As per DTCN |
| 5. | Date and time of availability of bid document in the portal | : From 10.00 hours of Dt.24.07.25 to 17.00 hours of Dt. 02.08.25 |
| 6. | Mode of deposit towa rds cost of Bid document & EMD | : Online |
| 7. | Date and time of opening of bid | : 11.00 hours and onwards of Dt. 04.08.2025 |
| 8. | Name and address of the Officer Inviting Bid | : Executive Officer, Bhadrak Municipality, Bhadrak. |

Further details can be seen from the e-procurement portal "https://tendersorissa.gov.in" or "http:///tenders.ori.nic.in/nicgep/app"

**Sd/- EXECUTIVE OFFICER**
**BHADRAK MUNICIPALITY**

**OIPR: 13152/11/0029/2526**

**AFFIDAVIT**

By virtue of an affidavit before Executive Magistrate, Sambalpur, I, **Awadhesh Prasad,** aged about 85 years, S/o: Late Phulena Prasad, R/o: SDO Colony, Hirakud, PO/PS: Hirakud, Dist.: Sambalpur, Odisha-768016 have changed my name from Abadesh Prasad Singh to **Awadhesh Prasad**. Both Awadhesh Prasad & Abadesh Prasad Singh is same in one person. Henceforth I shall be known as **Awadhesh Prasad** for all purposes.

**AFFIDAVIT**

I, Gagandeep Kaur, W/O: Deljit Singh, resident 545 Vivekanand Marg, Bhubaneswar, Pin - 751002, Odisha, declare by this affidavit no. 12AA787901 Dated: June 23, 2025 that now onwards I shall be known as **Gagandeep Kaur Punia** for all future purposes.

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ



ଭୁବନେଶ୍ୱର,(ସବ୍ୟୁ): କଳିଙ୍ଗବିହାର ନିବାସୀ ଅବସରପ୍ରାପ୍ତ ସରକାରୀ ଅଧିକାରୀ ତଥା ପୁରୀ ଜିଲା ଡ଼େଲାଙ୍ଗ ଥାନା ବିଳାସପୁର ଅଞ୍ଚଳର ସରଧାପୁର ନିବାସୀ କାହ୍ନୁ ଚରଣ ଜେନା ଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ପରିବାର, ଆତ୍ମିୟ ସ୍ୱଜନ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ପୁତ୍ର ଦେବୀ ପ୍ରସାଦ ଜେନା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଜେନା ଓଡ଼ିଶା ସଚିବାଳୟର ଘରୋଇ, ଶିକ୍ଷା, ସାଧାରଣ ପ୍ରଶାସନ, ନିର୍ବାଚନ ଆଦି ବିଭିନ୍ନ ବିଭାଗରେ ସେକସନ୍ ଅଫିସର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ସେ ଜଣେ ମିଷ୍ଟ ଭାଷି, ମେଳାପି, ପରୋପକାରୀ ଓ ଅମାୟିକ ବ୍ୟକ୍ତି ଥିଲେ । ସେ ଓଡ଼ିଶା ସଚିବାଳୟର ଜଣେ ଅତ୍ୟନ୍ତ କର୍ମଠ ଓ ଦକ୍ଷ ଅଧିକାରୀ ଥିଲେ । ତାଙ୍କ ପରଲୋକ ଖବର ପାଇ ତାଙ୍କର ବହୁ ବନ୍ଧୁ, ପରିଜନ, ସହକର୍ମୀ ମାନେ ଶୋକ ପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, dated 18.07.2025 I, Rudra Prasad Mantry, S/o- Samira Kumar Mantry, At/Po- Nuagan, P.S.- Abhayachandpur, Dist- Jagatsinghpur, Odisha and Pin-754141 declare that I have changed my name from Rudrasad Prasad Mohanty to Rudra Prasad Mantry. Henceforth, I shall be known as Rudra Prasad Mantry for all purposes.

**Rudra Prasad Mantry**

e-mail ID - eephctcii@gmail.com
sephdctc521@gmail.com

C- 686

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

**e-procurement Notice for Bid Identification No. SEPH-DIVISION, CTC-16 of 2025-26**

| | | |
|---|---|---|
| 1. | Name of the work | :- 1 No of P.H. work |
| 2. | Estimated cost | :- Rs. 16.42 Lakhs |
| 3. | Period of completion | :- 2 months |
| 4. | Date & time of availability of bid document in the portal | :- 22.07.2025 from 11.00 A.M to 31.07.2025 upto 5.00 P.M |
| 5. | Last date & time of seeking clarification | :- 25.07.2025 upto 5.00 P.M |
| 6. | Last date / time of receipt of bids in the portal | :- 31.07.2025 upto 5.00 P.M |
| 7. | Date & time of opening of bids | :- 01.08.2025 at 11.00 A.M |
| 8. | Name and address of the officer inviting bid | :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, **email:- eephctcii@gmail.com** **sephdctc521@gmail.com** |

Further details can be seen from e-procurement portal **https://www.tendersodisha.gov.in**

**Sd/- I/C Superintending Engineer**
**P.H. Division, Cuttack**

**OIPR: 13225/11/0029/2526**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ଅଟକି ରହିଛନ୍ତି ୩୦ ହାତୀ , ଚାଷ ଜମି କ୍ଷତିଗ୍ରସ୍ତ

ବେତନଟୀ (ସବ୍ୟୁ): ବର୍ଷ ତମାମ ଚାଷ ଜମି ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜ ଅଧୀନରେ ଝାଡଖଣ୍ଡୀ ହାତୀ ମାନଙ୍କର ଉପଦ୍ରବ ସାଧାରଣ ଲୋକଙ୍କୁ ହତାସ କରିସାରିଲାଣି । ବନ ବିଭାଗ ମଧ ହାତୀ ମାନଙ୍କୁ ଘଉଡ଼ାଇବାରେ ଗୋଟିଏ ପ୍ରକାରର ନାକେଦମ ହୋଇସାରିଲାଣି ଛ ବେତନଟୀ ରେଞ୍ଜ ଅଧୀନରେ ପ୍ରାୟତଃ ଲୋକ ଧାନଚାଷ ଏବଂ ପରିବା ଚାଷକୁ ଗୁରୁତ୍ବ ଦେଉଥିବା ବେଳେ ବାରମ୍ବାର ଫସଲ ନଷ୍ଟ ହେବା ଘଟଣା ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଥିବା ନେଇ ଚାଷୀ ଅଭିଯୋଗ କରୁଛନ୍ତି । ବେତନଟୀ ରେଞ୍ଜ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ଶନିବାର ରାତି ସୁଦ୍ଧା ୩୦ ଟି ଝାଡଖଣ୍ଡୀ ହାତୀ ଅଟକି ରହିଥିବା ନେଇ ସୂଚନା ପ୍ରଦାନ କଲେ ରେଞ୍ଜର ମନୱର ଖାଁ ସୂଚନା ଅନୁଯାୟୀ ବେତନଟୀ ରେଞ୍ଜ ର



ବଡ଼ାମପୁର ସେକ୍ସନ ଅଧୀନରେ ୨୭ ଟିକିଆ ହାତୀ ପଲ , କେସିପୁର, ଫୁଲଝରି , ଏବଂ ଭାଲୁକଚୁଆ ଜଙ୍ଗଲ ମଧରେ ଗୋଟିଏ ଲେଖାଏଁ ଦନ୍ତା ଅଟକି ରହିଛନ୍ତି । ଦିନ ତମାମ ଜଙ୍ଗଲ ମଧରେ ରହୁଥିବା ବେଳେ ପ୍ରତ୍ୟେକ ଦିନ ରାତ୍ରୀ ସମୟରେ ଏକର ଏକର ଧାନ ଚାଷ, ପରିବା ଚାଷ ସମେତ ଲୋକେ ରହୁଥିବା ଘର କୁ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି । ସମସ୍ତ ୩୦ଟି ହାତୀ ର ଗତିବିଧି ଉପରେ ବନବିଭାଗର ବେତନଟୀ ରେଞ୍ଜ ଅଧିକାରୀ ମନୱର ଖାଁ , ବେତନଟୀ ବନପାଳ ପ୍ରଶାନ୍ତ ସିଂ ସାମନ୍ତ ,ବଡାମପୁର ବନପାଳ ଦୀପକ କୁମାର ପାତ୍ର , ସମସ୍ତ ବନରକ୍ଷୀ ଏବଂ ଗଜସାଥୀ ମାନେ ସମ୍ପୂର୍ଣ୍ଣ ଭାବେ ନଜର ରଖିଥିବାର ଦେଖିବାକୁ ମିଳିଛି । ଏହି ହାତୀ ମାନଙ୍କ ଦ୍ବାରା କ୍ଷତିଗ୍ରସ୍ତ ହୋଇଥିବା ଲୋକ ମାନଙ୍କୁ ମଧ ସଠିକ ଭାବେ କ୍ଷତିପୂରଣ ମିଳି ନଥିବା ର ମଧ ଅନେକ ଅଭିଯୋଗ ରହିଛି । ସରକାର ହାତୀ ମାନଙ୍କ ଗତିପଥ ସମସ୍ୟା ର ସ୍ଥାୟୀ ସମାଧାନ କରିବା ନିମନ୍ତେ ସାଧାରଣରେ ଦାବୀ ଉଠୁଛି ।

# ମାରୱାଡ଼ୀ ସମାଜ ଓ ମାତୃଶକ୍ତି ପକ୍ଷରୁ ଶ୍ରାବଣ ସିନ୍ଧାରା ଉତ୍ସବ

କଟକ, (ସ୍ୱପ୍ର) : କଟକ ମାରୱାଡ଼ୀ ସମାଜ ଓ ମାତୃଶକ୍ତି କଟକ ମାରୱାଡ଼ୀ ସମାଜ ପକ୍ଷରୁ ଆୟୋଜିତ ଶ୍ରାବଣ ସିନ୍ଧାରା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ସମ୍ମାନିତ ଅତିଥି ବିଧାୟିକା ସୋଫିଆ ଫିରଦୋସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଉତ୍ସବର ଆୟୋଜକ ମାତୃଶକ୍ତିର ଅଧ୍ୟକ୍ଷା ସମ୍ପତ୍ତି ମୋଡାଙ୍କ ଅଧ୍ୟକ୍ଷତାରେ ସଚିବ ସଙ୍ଗୀତା କରଣାନୀ, ସମନ୍ୱୟକ ନୀଳମ ଶାହ ଓ ଅଲକା ସିଂଘୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନ ଅବସରରେ କଟକ ମାରୱାଡ଼ୀ ସମାଜର ଅଧ୍ୟକ୍ଷ ସଂଜୟ ଶର୍ମା, ଚେୟାରପର୍ସନ ସଭାପତି ଗଣେଶ କନ୍ଦୋଇ, ଉପାଧ୍ୟକ୍ଷ



ସୁରେଶ ପୋଦାର, ବିନୋଦ ସରାଓଗୀ ଓ ସତୀଶ ଗୋଏଙ୍କା ମଧ ଉପସ୍ଥିତ ଥିଲେ । ଏହି ଉତ୍ସବ ପରିସରରେ ୫୦ରୁ ଅଧିକ ଷ୍ଟଲ୍ ରେ ଗ୍ରାହକମାନେ ଗୋଟିଏ ସ୍ଥାନରେ ନିଜ ପସନ୍ଦର ବିଭିନ୍ନ ସାମଗ୍ରୀ କିଣି କିଣୁଥିବା ଦେଖିବାକୁ ମିଳିଥିଲା । ମହିଳା ମାନଙ୍କ ମନୋରଞ୍ଜନ ଲାଗି ଦୋଳି ଖେଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜସ୍ଥାନୀ ମାରୱାଡ଼ୀ ସଙ୍ଗୀତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସମ୍ପତି ମୋଡା, ମନ୍ତ୍ରୀ ସଙ୍ଗୀତା କରଣାନୀ, ନୀଳମ ଶାହ, ଅଲକା ସିଂଘୀ, କୁସୁମ ଖଣ୍ଡେଲୱାଲ, କଳ୍ପନା ଜେନ୍, ଯଶ କନ୍ଦୋଇ, ପଲ୍ଲବୀ ସୁଲ୍ତାନିଆ, ମାୟା ଶର୍ମା, ରଶ୍ମି ମିତ୍ତଲ ପ୍ରମୁଖ ସହାୟତା କରିଥିଲେ ।

# ସମୟ କଷଟିରେ ମୋ ଜୀବନ ଲୋକାର୍ପିତ

କଟକ, (ସବ୍ୟୁ): ଜୀବନର ଚଲାପଥରେ ପ୍ରତିଟି ମୁହୂର୍ତ୍ତକୁ




ଆନନ୍ଦମୟ ଉପଲବ୍ଧି କରିବାର ଚେତନା ହିଁ ସଫଳ ଜୀବନର ମହାର୍ଘ ଅବସର ବୋଲି ମତପ୍ରକାଶ ପାଇଛି । ଅବସରପ୍ରାପ୍ତ ମୁଖ୍ୟ କିରାଣୀ ତଥା ସାଇ ଆଶ୍ରିତ ରାଜକିଶୋର ସେନାପତିଙ୍କ ଆତ୍ମଜୀବନୀ ଭିତ୍ତିକ ଜୀବନ ଗ୍ରନ୍ଥ 'ସମୟ କଷଟିରେ ମୋ ଜୀବନ' ଲୋକାର୍ପିତ ହୋଇଛି । ତୁଳସୀପୁର ବୁଢ଼ୀଚଣ୍ଡୀ ଲେନ ସ୍ଥିତ ସେନାପତି ଭବନରେ ଏହି କାର୍ଯ୍ୟକ୍ରମର ପୌରହିତ୍ୟ କରିଥିଲେ ଶ୍ରୀ ସତ୍ୟସାଇ ସମିତିର ପୂର୍ବତନ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ ଓ ସଂଯୋଜନା କରିଥିଲେ ଶିକ୍ଷାବିତ ଇତିଶ୍ରୀ ସେନାପତି । ମୁଖ୍ୟଅତିଥି ଭାବେ ଗଙ୍ଗାଧର ରାଉତରାୟ, ଡାକ୍ତର ଦିଲ୍ଲୀପ କୁମାର ମହାରଣା, ସାଧୁ ଚରଣ ପ୍ରଧାନ, ବରିଷ୍ଠ ଆଇନଜୀବୀ ମାନ ଗୋବିନ୍ଦ ପ୍ରଧାନ, ବରିଷ୍ଠ ଅଧ୍ୟାପକ ଚିତ୍ତରଞ୍ଜନ ବେହେରା, ବରିଷ୍ଠ ପ୍ରଶାସକ ପ୍ରଫୁଲ୍ଲ କୁମାର ଦାସ । କାର୍ଯ୍ୟକ୍ରମରେ ନାରାୟଣ ମହାପାତ୍ର, କୃଷ୍ଣ ଚନ୍ଦ୍ର ମହାପାତ୍ର, ଶାନ୍ତିଲତା ସାମଲ, ଅନୁରାଧା ମହାରଣା, ଝୁନୁ ଲତା ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ନାରଣ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିବାବେଳେ ମନୋଜ ସେନାପତି, ସରୋଜ ସେନାପତି, ଇତିଶ୍ରୀ ସେନାପତି, ଲବଙ୍ଗଲତା ସେନାପତି, ମନସ୍ୱିନୀ ଦାସ, ସୁଜାତା ଦାସ, ଚାରୁଲତା ପ୍ରଧାନ, ନିଶାଙ୍କ ସେନାପତି, ପ୍ରତିକ କୁମାର ନାୟକ, ଜୟଶ୍ରୀ ନାୟକ, ସ୍ପନ୍ଦନ, ବେଦାନ୍ତ, ଅନ୍ୱେଷା ସେନାପତି,ନତାସା ସେନାପତି, ସୁଲଭ ନାୟକ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ମଧୁମିତା ସେନାପତି, ସଂଘମିତ୍ରା ସେନାପତି ପ୍ରମୁଖ ପରିଚାଳନା କରିଥିଲେ ଓ ଶ୍ୟାମ ସୁନ୍ଦର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ସରକାର ସମ୍ବେଦନଶୂନ୍ୟ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ନାରୀ ନିର୍ଯ୍ୟାତନା କ୍ରମାଗତ ଘଟିଚାଲିଥିବାବେଳେ ସରକାରଙ୍କ କଡା ପଦକ୍ଷେପ ଅଭାବରୁ ଅପରାଧୀମାନେ ଅଧିକ ଅପରାଧ ଘଟାଉଛନ୍ତି । ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ପରି ସ୍ପର୍ଶକାତର ପ୍ରସଙ୍ଗରେ ସରକାରଙ୍କ ଅପାରଗତା ଅପରାଧୀଙ୍କୁ ଅଧିକ ଅପରାଧ କରିବାକୁ ସାହସ ଯୋଗାଉଛି । ତେଣୁ କ୍ଷମତାରେ ରହିବାର ଅଧିକାର ସରକାର ହରାଇ ସାରିଛନ୍ତି ବୋଲି ରବିବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି । ପିସିସି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ମହିଳା ସୁରକ୍ଷାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତ । ଏବେ ରାଜ୍ୟରେ ଯେଉଁଭଳି ଗୋଟିଏ ପରେ ଗୋଟିଏ ନାରୀ ଅତ୍ୟାଚାର ଘଟଣା ଘଟୁଛି, ଏହା ତାହାର ଜ୍ୱଳନ୍ତ ଉଦାହରଣ ।ଏହି ବିଭତ୍ସ ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିଅନ୍ତୁ ଏବଂ ଏହି ଅଂଚଳର ଜନପ୍ରତିନିଧି ଖୋଦ ଉପମୁଖ୍ୟମନ୍ତ୍ରୀ ତେଣୁ ତାଙ୍କର କର୍ତ୍ତବ୍ୟ ସେ ଘଟଣାକୁ ନିଜ ମୁଣ୍ଡକୁ ନେଇ ଉତ୍ତରଦାୟୀ ହୁଅନ୍ତୁ ।

ବଲଙ୍ଗୀରେ ଘଟିଥିବା ନାବାଳିକା ନାବାଳିକା ପ୍ରତି ଅତ୍ୟାଚାର ଅତ୍ୟନ୍ତ ଦୁଃଖଦାୟକ । ଉକ୍ତ ନାବାଳିକାକୁ ସବୁଠୁ ଉନ୍ନତ ମାନର ଚିକିତ୍ସା ଯୋଗାଇ ଯେମିତି ସୁସ୍ଥ ହେବ ସେଥିପ୍ରତି ସରକାର ଯତ୍ନବାନ ହୁଅନ୍ତୁ । ଘଟଣା ର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୁଦ୍ଧରେ ଅତ୍ୟନ୍ତ କଡା ଦଣ୍ଡ ବିଧାନ ପାଇଁ ସରକାର ପଦକ୍ଷେପ ନିଅନ୍ତୁ । ପୀଡିତାଙ୍କ ପରିବାର କୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ଦିଅନ୍ତୁ ବୋଲି ଦାବି କରିଛନ୍ତି । ଏମ୍ସ ପରିସରରେ ୧୬୩ ଧାରା ଲାଗୁ ହେବା ପ୍ରସଙ୍ଗରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଏମ୍ସ ହେଉଛି ରାଜ୍ୟର ଏକ ଉନ୍ନତ ମାନର ଚିକିତ୍ସାଳୟ । ସେଠାକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଆସିଥାନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ରାଜ୍ୟରେ ନାରୀ ନିର୍ଯ୍ୟାତନା ବଢ଼ି ଚାଲିଥିବାବେଳେ ଏଥିପ୍ରତି ସରକାରଙ୍କ ସମ୍ବେଦନଶୂନ୍ୟତା ଦିନକୁ ଦିନ ପରିସ୍ଥିତିକୁ ଅଧିକ ଗମ୍ଭୀର କରୁଛି । ବାଲେଶ୍ୱର ଛାତ୍ରୀ ଆତ୍ମାହୁତୀ ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜେ ମହିଳା ହୋଇ ମଧ ବାଲେଶ୍ୱର ଗଲେନାହିଁ ।

ବାଲେଶ୍ୱର ଘଟଣାର ନ୍ୟାୟିକ ତଦନ୍ତ ଦାବିରେ ରାଜ୍ୟବ୍ୟାପୀ କଂଗ୍ରେସର ଆନ୍ଦୋଳନ ଜାରି ରହିବ । ଆସନ୍ତା ୨୪ ତାରିଖ ଦିବଙ୍ଗତ ଛାତ୍ରୀଙ୍କ ଏକାଦଶାହ ଅବସରରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯିବ । ଏହା ସହିତ ନିମାପଡା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରାଯିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜେନା ଏବଂ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

# ସୁନୀଲ ଭାରତୀ ମିତଲଙ୍କୁ ବିଜିନେସ୍ ଆଡମିନିଷ୍ଟ୍ରେସନ୍‌ରେ ଡକ୍ଟରେଟ (ଅନରିସ କୌସା) ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଭାରତୀ ଏଂଟରପ୍ରାଇଜେସ୍ କମ୍ପାନିର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସୁନୀଲ ଭାରତୀ ମିତଲଙ୍କୁ ବ୍ରିଟେନ୍‌ର ବାଥ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜନେସ୍ ଆଡମିନିଷ୍ଟ୍ରେସନ (ବ୍ୟବସାୟ ପରିଚାଳନା)ରେ ଅନରାରି ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଐତିହାସିକ ବାଥ୍ ଆବେରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମ ଡିଗ୍ରୀ ସମାରୋହରେ ଶ୍ରୀ ମିତଲଙ୍କୁ ବିଶ୍ୱ ବ୍ୟବସାୟ, ଉଦ୍ୟମିତା ଏବଂ ବଦାନ୍ୟତା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ମିତଲ ହେଉଛନ୍ତି ଭାରତୀୟ ଟେଲିକମ୍ ବିପ୍ଳବର ଅଗ୍ରଦୂତ ଏବଂ ବିଶ୍ୱର ଅଗ୍ରଣୀ ଟେଲିକମ୍ କମ୍ପାନିଗୁଡ଼ିକ ମଧ୍ୟରୁ ଅନ୍ୟତମ ଭାରତୀ ଏୟାରଟେଲ୍ ମାଧ୍ୟମରେ ବିଶ୍ୱ ଟେଲିକମ୍ କ୍ଷେତ୍ରକୁ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଟେଲିକମ୍ ଏବଂ ଡିଜିଟାଲ୍ ଭିତିଭୂମିରୁ ଆରମ୍ଭ କରି ଆର୍ଥିକ ସେବା ଏବଂ ମହାକାଶ ଯୋଗାଯୋଗ ପର୍ଯ୍ୟନ୍ତ ବିଭିନ୍ନ ଉଦ୍ୟୋଗରେ ତାଙ୍କର ନେତୃତ୍ୱ ଏବଂ ଶିକ୍ଷାରେ ସମତା ନିଶ୍ଚିତ କରିବା ପାଇଁ ତାଙ୍କର ଅବିଚଳିତ ପ୍ରତିବଦ୍ଧତା, ତାଙ୍କ ଲକ୍ଷ୍ୟ, ନବସୃଜନ



ଏବଂ ବିଶ୍ୱସ୍ତରୀୟ ମହତ୍ୱାକାଂକ୍ଷାକୁ ସ୍ପଷ୍ଟ କରୁଛି । ଏହି ଉପଲକ୍ଷେ ବାଥ୍ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସଭାପତି ପ୍ରଫେସର୍ ଫିଲ୍ ଟେଲର୍ କହିଛନ୍ତି ଯେ, "ଉଦ୍ୟୋଗ, ନେତୃତ୍ୱ ଏବଂ ସମାଜ ସେବାରେ ଶ୍ରୀ ସୁନୀଲ ଭାରତୀ ମିତଲଙ୍କ ବିଶାଳ ସାଧନାକୁ ସମ୍ମାନିତ କରିଥିବାରୁ ଆମେ ବହୁତ ଗର୍ବିତ । ଡକ୍ଟରେଟ୍ ଡିଗ୍ରି ହାସଲ କରିଥିବା ଭାରତୀ ଏଂଟରପ୍ରାଇଜେସ୍ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀ ସୁନୀଲ ମିତଲ କହିଛନ୍ତି ଯେ, "ବୌଦ୍ଧିକ କଠୋରତା, ଉଦ୍ୟୋଗିକ ଭାବନା ଏବଂ ଶ୍ରେଣୀ ବାହାରେ ବିଶ୍ୱ ସହିତ ଯୋଗାଯୋଗ ପାଇଁ ପ୍ରସିଦ୍ଧ ବାଥ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଏହି ସମ୍ମାନ ପାଇବା ମୋ ପାଇଁ ଏକ ଗର୍ବର ବିଷୟ ।

# ଡ୍ରିମ୍ସ ସ୍କୁଲ ଅଫ ନର୍ସିଂରେ ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ



କଟକ, (ସ୍ୱପ୍ର): ନର୍ସିଂ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ ସହ ଦେଶର ବିଭିନ୍ନ ନର୍ସିଂ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷା ଭାବରେ କାର୍ଯ୍ୟକରିଥିବା ଡ. ପ୍ରଥିମା ପ୍ରକାସମ୍ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ନୂତନ ଅଧ୍ୟକ୍ଷା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭେଲୋର ନର୍ସିଂ କଲେଜରୁ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ସହ ଏହି ବିଷୟରେ ସେ ପିଏଚ୍‌ଡି ମଧ ହାସଲ କରିଛନ୍ତି । ଉଭୟ ଶିକ୍ଷାଦାନ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ୨୨ବର୍ଷର ଅଭିଜ୍ଞତା ଥିବା ଡ. ପ୍ରଥିମାଙ୍କର ଅନେକ ଗବେଷଣାଧର୍ମୀ ନିବନ୍ଧ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଡ. ପ୍ରଥିମାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ମାର୍ଗଦର୍ଶନରେ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂ ଗୁଣାତ୍ମକ ଶିକ୍ଷା ଦାନ ଓ ଗବେଣୋ କ୍ଷେତ୍ରରେ ଅଧିକ ଉତ୍କର୍ଷ ହାସଲ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ବଲଙ୍ଗୀରେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା


# ପୀଡ଼ିତାଙ୍କ ଆରୋଗ୍ୟ କାମନା କରି ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିଜେଡିର ସମୂହ ଦୀପଦାନ




ଭୁବନେଶ୍ୱର, (ସବ୍ୟୁ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦିଲ୍ଲୀ ଏମ୍ସରେ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ବଲଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ସମୂହ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ଗୌତମ ହରିଚନ୍ଦନ, ସନ୍ତୋଷ ବେଜ୍, ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ କିରଣ, ଶ୍ରୀମତୀ ମହାମାୟା ସ୍ୱାଇଁ, ମାନସୀ ସୁନ୍ଦରାୟ, ଛବି ଦାସ, ଭାରତୀ ସିଂ, ଶ୍ରୀମତୀ ସମିତା ମହାନ୍ତି, ଶ୍ରୀମତୀ ପୁଷ୍ପା ରାଉତ, ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ, କେ ଶାନ୍ତି, ଅଶ୍ୱୀନ ସୁନ୍ଦରାୟ, ଦାଶରଥୀ ଗରାବଡୁ, ଦେବାଶିଷ ମହାପାତ୍ର, ରାଜେଶ ପାତ୍ର, ଗୋପାଳ ମାକଡାମ ଓ ଛବି ସ୍ୱାଇଁ ପ୍ରମୁଖ ରହିଥିଲେ ।

# ପିଏନ୍ କଲେଜ୍ ରେ ବିଦ୍ୟାରମ୍ଭ ଦିବସ ଓ ବନମହୋତ୍ସବ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ପିଏନ୍ କଲେଜ ରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ଅବସରରେ ୬୬ତମ ବିଦ୍ୟାରମ୍ଭ ଦିବସ ପାଳନ କରାଯାଇଛି । କଲେଜ ର ପ୍ରତିଷ୍ଠାତା ତଥା ଭାରତବର୍ଷ ର ପ୍ରଖ୍ୟାତ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ । ଯାହାକି ଆଜିପର୍ଯ୍ୟନ୍ତ କଲେଜ ପକ୍ଷରୁ ପାଳନ କରାଯାଉଛି । ଏହିକ୍ରମରେ ଆଜି ପରିଚାଳନା ସମିତି ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୂଳପତି ତଥା କଲେଜ ର ପୂର୍ବତନ ଅଧ୍ୟକ୍ଷ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର, +୨ ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ, ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ପ୍ରିୟବ୍ରତ ମହାନ୍ତି, ପାଠ୍ୟକ୍ରମ ଅଧ୍ୟକ୍ଷ ପ୍ରଦିପ୍ତ କୁମାର ମହାପାତ୍ର, ଧନ୍ଦମୂଳକ ଅଧ୍ୟକ୍ଷ ଗଦାଧର ସାହୁ, ପ୍ରାଧ୍ୟାପକ ସୁବୋଧ ଜଗଦ୍ଦେବ, ଅଲିଭା ବେଉରା, ଡ. ନନ୍ଦିତା ଛୋଟରାୟ ପ୍ରମୁଖ ଯୋଗଦେଇ ବିଦ୍ୟାରମ୍ଭ ଉତ୍ସବରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




କରିଥିଲେ । ଏହି ଅବସରରେ ନୂତନ ଛାତ୍ରଛାତ୍ରୀଙ୍କ ସମେତ ଅତିଥିମାନେ କଲେଜ ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇ ବନମହୋତ୍ସବ ପାଳନ କରିଥିଲେ । ସେହିପରି ମହାବିଦ୍ୟାଳୟ ର ବାର୍ଷିକ କ୍ୟାଲେଣ୍ଡର ଓ ତ୍ରୟୋମାସିକ ସମ୍ବାଦପତ୍ରିକା ଫ୍ରଂଟଫୁଟ ର ଉନ୍ମୋଚନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ପାଇଁ କ୍ୟାଲେଣ୍ଡର ସମ୍ପାଦକ ଡ. ସୌମେନ୍ଦ୍ର କୁମାର ମିଶ୍ର, ଡ. ବ୍ରଜକିଶୋର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଅଧ୍ୟକ୍ଷା ଡ. ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ସୁଧାଂଶୁବାଳା ରାଉତ ଧନ୍ୟବାଦ ଦେଇଥିଲେ । ଡ. ଦାମୋଦର ମିଶ୍ର ଓ ଡ. ପୁଷ୍ପିତା ପ୍ରିୟମ୍ବଦା ତ୍ରୀପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ବେଦାନ୍ତ ସମର୍ଥନରେ, କଳାହାଣ୍ଡିର ଯୁବ ଧନୁର୍ଦ୍ଧରମାନେ ଜାତୀୟ ସ୍ତରରେ ଗୌରବ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର କଳାହାଣ୍ଡି ଜିଲ୍ଲା ଯେଉଁଠାରେ ପିଢ଼ି ପରେ ପିଢ଼ି ଅଭାବ ଏବଂ ଅସୁବିଧାର କାହାଣୀ ପ୍ରତିଧ୍ୱନିତ ହୋଇଥାଏ ସେଠାରେ ଏବେ କ୍ରୀଡା ମାଧ୍ୟମରେ ଏକ ନୀରବ ବିପ୍ଳବ ଘଟୁଛି । ଅତିତରେ ଲାଞ୍ଜିଗଡ଼ ଏକଦା କୁପୋଷଣ ଏବଂ ଦାରିଦ୍ର୍ୟର ସମାର୍ଥକ ଅଂଚଳ ଥିଲା ସେଠାରେ ବେଦାନ୍ତ ଆଲୁମିନିୟମ୍ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଏବଂ ଏହି ପରିବର୍ତ୍ତନର କେନ୍ଦ୍ରରେ ଧନୁର୍ଦ୍ଧର କ୍ରିଡାବିତମାନେ ରହିଛନ୍ତି । ଲାଞ୍ଜିଗଡ଼ରେ ବେଦାନ୍ତର ଆଲୁମିନା ରିଫାଇନାରୀ ଦୀର୍ଘ ଦିନ ଧରି ଏହି ଅଂଚଳରେ ଶିଳ୍ପ ପ୍ରଗତିର ମୂଳଦୁଆ ହୋଇଛି । କିନ୍ତୁ ଏହାର ସବୁଠାରୁ ଅର୍ଥପୂର୍ଣ୍ଣ ଅବଦାନ ମଧ୍ୟରୁ ଗୋଟିଏ ହୋଇପାରେ କାରଖାନା ମହଲାରୁ ଦୂରରେ, ଅସ୍ଥାୟୀ କ୍ଷେତ୍ରରେ ଆକାର ନେବା । ୨୦୧୮ ମସିହାରୁ, କମ୍ପାନୀ ବେଦାନ୍ତ ଧନୁର୍ଦ୍ଧର ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଧନୁର୍ଦ୍ଧରମାନଙ୍କୁ ପ୍ରୋତ୍ସାହିତ କରିଆସୁଛି, ଏହା କେବଳ ଏକ କ୍ରୀଡା ଶିଖାଇବା ପାଇଁ ନୁହେଁ, ବରଂ ଗ୍ରାମୀଣ ଯୁବପିଢ଼ିଙ୍କ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି ।

ଦଶନ୍ଧି ଧରି, କଳାହାଣ୍ଡି ଭିତିଭୂମିର ଅଭାବ, ସୁଯୋଗର ସୀମିତ ପ୍ରବେଶ ଏବଂ ପଛରେ ପଡ଼ିଯିବାର ଧାରଣା ସହିତ ସଂଘର୍ଷ କରିଆସୁଛି । କିନ୍ତୁ ବର୍ତ୍ତମାନ, ବେଦାନ୍ତର ଦୃଷ୍ଟିକୋଣ ଏହି ଅଂଚଳକୁ ପ୍ରତିଭାର କେନ୍ଦ୍ର ଭାବରେ ପୁନଃକଳ୍ପନା କରିବାରେ ସାହାଯ୍ୟ କରୁଛି । ବେଦାନ୍ତର ଲକ୍ଷ୍ୟ ସ୍ପଷ୍ଟ: ଏକ ସ୍ଥାୟୀ ଇକୋସିଷ୍ଟମ ନିର୍ମାଣ କରିବା ଯେଉଁଠାରେ କ୍ରୀଡା ମନୋରଞ୍ଜନ ଅପେକ୍ଷା ଅଧିକ ହେବ । ଏହା ଆତ୍ମବିଶ୍ୱାସ, ସାମାଜିକ ଗତିଶୀଳତା ଏବଂ ସଶକ୍ତିକରଣର ଏକ ପଥ । ଆଦିବାସୀ ସମ୍ପ୍ରଦାୟର ୩୦୦ ରୁ ଅଧିକ ପିଲା, ବର୍ତ୍ତମାନ ଏହି ଆନ୍ଦୋଳନର ଅଂଶ ଅଟନ୍ତି । କେତେକ ନଅ ବର୍ଷ ବୟସର, ସଂରଚିତ ତାଲିମ, ଗୁଣାତ୍ମକ ଉପକରଣ, ପୁଷ୍ଟିକର ସହାୟତା ଏବଂ ଜାତୀୟ ସ୍ତରୀୟ ଖେଳାଳିଙ୍କ ଦ୍ୱାରା ପ୍ରଶିକ୍ଷଣର ଦୁନିଆରେ ପାଦ ଦେଉଛନ୍ତି । ଏହି କାର୍ଯ୍ୟକ୍ରମ କେବଳ ପ୍ରତିଯୋଗିତା ଉପରେ ଧ୍ୟାନ ଦିଏ ନାହିଁ ବରଂ ଚରିତ୍ର ଗଠନ କରେ । ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ସେମାନଙ୍କ ଗ୍ରାମ ବାହାରକୁ ଯାତ୍ରା କରିବା ଏବଂ ଗର୍ବର ସହିତ ସେମାନଙ୍କ ଜନ୍ମଭୂମିର ପରିଚୟ ବହନ କରିବାକୁ ଉତ୍ସାହିତ କରାଯାଏ ।

"ଏହା କେବଳ ପଦକ ବିଷୟରେ ନୁହେଁ," ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କୁହନ୍ତି । "ଆମେ ଭବିଷ୍ୟତ ନିର୍ମାଣ କରୁଛୁ । ଏହି ପିଲାମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ, ଏହା ପ୍ରଥମ ଥର ପାଇଁ ସେମାନେ ଦାରିଦ୍ର୍ୟର ସୀମା ବାହାରକୁ ଜୀବନ କଳ୍ପନା କରିଛନ୍ତି ।" ଉଦାହରଣ ସ୍ୱରୂପ, ଜୁଲି ମାଝୀଙ୍କୁ ନିଅନ୍ତୁ, ଜଣେ ୧୭ ବର୍ଷୀୟ ଯୁବତୀ ଯିଏ ଏକ ଶାନ୍ତ ଆଦିବାସୀ ଗ୍ରାମାଂଚଳରେ ବଢ଼ିଥିଲେ । ସେ ଥରେ ବିଶ୍ୱାସ କରୁଥିଲେ ଯେ ସେ ଦୂର ଯାତ୍ରା କରିବା ପାଇଁ ସାପ୍ତାହିକ ବଜାରକୁ ଯାଆନ୍ତି । କିନ୍ତୁ ଆଜି, ସେ ଚାରୋଟି ଜାତୀୟ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିଛନ୍ତି ଏବଂ ଅନେକ ରାଜ୍ୟସ୍ତରୀୟ ପଦକ ଜିତିଛନ୍ତି । ୨୦୨୫ ରେ, ସେ ୧୭ ବର୍ଷରୁ କମ୍ ବର୍ଗରେ ଜନଜାତୀୟ ଖେଳ ମହୋତ୍ସବ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିଲେ, ଯାହା କେବଳ ତାଙ୍କ ପାଇଁ ନୁହେଁ, ବରଂ ସମଗ୍ର ସମ୍ପ୍ରଦାୟ ପାଇଁ ଏକ ବିଜୟ ମୁହୂର୍ତ୍ତ ହୋଇଥିଲା । "ମୁଁ କେବେ ଭାବି ନଥିଲି ଯେ ମୁଁ ମୋ ଜିଲ୍ଲା ବାହାରକୁ ମଧ ଯାତ୍ରା କରିବି," ବୋଲି ଜୁଲି କୁହନ୍ତି । "ଏବେ ମୁଁ ଭାରତର ଶ୍ରେଷ୍ଠ ଖେଳାଳିଙ୍କ ସହିତ ଠିଆ ହେବାର ସ୍ୱପ୍ନ ଦେଖୁଛି ।"

ସେ ଏକା ନୁହଁନ୍ତି । କେବଳ ୨୦୨୪ ରେ, ବେଦାନ୍ତ-ସମର୍ଥିତ ଆଥଲେଟମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୩୭ ପଦକ ଜିତିଥିଲେ, ଓଡ଼ିଶା ରାଜ୍ୟ ତୀରନ୍ଦାଜୀ ଚାମ୍ପିଅନସିପରେ ପାଂଚଟି ଏବଂ ଡିଏଭି ଜାତୀୟ ଚାମ୍ପିଅନସିପରେ ସାତଟି ପଦକ ଜିତିଥିଲେ । ସେମାନଙ୍କ ମଧ୍ୟରୁ, ସଞ୍ଜୟ ମାଝୀ ଏନଟିପିସି ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପରେ ଏକ କାଂସ୍ୟ ପଦକ ସହିତ ଓଡ଼ିଶା ପାଇଁ ୨୧ ବର୍ଷର ପଦକ ମରୁଡ଼ି ଶେଷ କରିଥିଲେ, ଏହା ଏକ ସଫଳତା ଯାହା ରାଜ୍ୟ ଗର୍ବକୁ ପୁନର୍ଜୀବିତ କରିଥିଲା ଏବଂ ଦେଶର କିଛି ଦୂରବର୍ତ୍ତୀ କୋଣରେ ଲୁଚି ରହିଥିବା ପ୍ରତିଭାର ମାନକୁ ରେଖାଙ୍କିତ କରିଥିଲା ।

# ଦିଲ୍ଲୀ ଗସ୍ତରେ ଆସୁଛନ୍ତି ଭ୍ଲାଦିମୀର ପୁଟିନ



ନୂଆଦିଲ୍ଲୀ: ରଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ବଢୁଥିବା ବୈଶ୍ୱିକ ଉତ୍ତେଜନାରେ ଓ ଆମେରିକା-ନାଟୋର କଡ଼ା ବିରୋଧ ସତ୍ତ୍ୱେ ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଚଳତବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କର ଏହି ଗସ୍ତ ଭାରତ-ରଷିଆ ବାର୍ଷିକ ଶିଖର ସମ୍ମିଳନୀକୁ ନେଇ ହେବ, ଯାହା ୨୦୨୧ ପରେ ପ୍ରଥମ ଥର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ପୁଟିନଙ୍କ ଏହି ଯାତ୍ରା ଏପରି ସମୟରେ ହେବ ଯେତେବେଳେ ଆମେରିକା ଓ ନାଟୋ ରଷିଆ ଉପରେ କଟକଣା ବଢାଉଛନ୍ତି ଏବଂ ଭାରତ-ରଷିଆ ଉର୍ଜା ସହଯୋଗର ପୁନର୍ବିଚାର ଲାଗି ଚାପ ପକାଉଛନ୍ତି।

ସୂତ୍ର ଅନୁସାରେ ଏହି ସମ୍ମିଳନୀ କାଳରେ ପ୍ରତିରକ୍ଷା ଉଦ୍ୟୋଗରେ ସହଯୋଗ, ଶକ୍ତି କ୍ଷେତ୍ରରେ ଭାଗିଦାରୀ, ପରମାଣୁ ଶକ୍ତି ସହଯୋଗ, ଆର୍କଟିକ୍ କ୍ଷେତ୍ରରେ ଭାରତର ଭୂମିକା ସମ୍ପ୍ରସାରଣ ଓ ହାଇ-ଟେକ୍ କ୍ଷେତ୍ରରେ ଯୁଗ୍ମ ରୋଡମ୍ୟାପ୍ ଭଳି କାମ ଉପରେ ଚର୍ଚ୍ଚା ହେବ। ନିକଟରେ ପୁଟିନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅନୁରୋଧରେ ଭାରତକୁ ରଷିଆ ସାର ରପ୍ତାନୀ ବଢାଇଛି, ଯାହାଦ୍ୱାରା ଭାରତର ଖାଦ୍ୟ ସୁରକ୍ଷାକୁ ବଳ ମିଳିବ। ଏହା ପୂର୍ବରୁ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଥିଲେ ଯେ ଭାରତ-ରଷିଆ ଶିଖର ସମ୍ମିଳନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ରଷିଆ ବିରୋଧରେ ପାଶ୍ଚାତ୍ୟ କଟକଣା ସତ୍ତ୍ୱେ ରଷିଆ ସହିତ ତୈଳ କ୍ରୟ ଓ ପ୍ରତିରକ୍ଷା ଭାଗିଦାରୀ କାୟମ ରଖିଛି ଭାରତ । ଆମେରିକା ଚାହୁଁଛି ରଷିଆଠୁ ଭାରତ ଦୂରତା ଅବଲମ୍ବନ କରୁ। ଖାସ କରି ଉଚ୍ଚ ଟେକନିକ୍ ଓ ସାମରିକ ମାମଲାରେ କୌଣସି ବାଣିଜ୍ୟ ନ କରୁ। ସେହିପରି ନାଟୋ ଦେଶମାନେ ଏଥିରୁ ଚିନ୍ତିତ ଯେ ଭାରତର ଏହି ରଣନୀତି ଜି-୭ ଓ ପାଶ୍ଚାତ୍ୟ ଜଗତର ରଣନୀତିକୁ ଦୁର୍ବଳ କରିପାରେ। ତେବେ ଭାରତ ସ୍ପଷ୍ଟରୂପେ କହିଛି ଯେ ଭାରତ ନିଜର ବୈଦେଶିକ ନୀତି ନିଜ ଅନୁସାରେ ପ୍ରସ୍ତୁତ କରେ। ଏଥିରେ ରଷିଆ ଏକ ପୁରୁଣା ଓ ନିର୍ଭରଯୋଗ୍ୟ ସହଯୋଗୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ମଧ୍ୟରେ ଶେଷଥର ପାଇଁ ଅପରେଶନ ସିନ୍ଦୂର ପୂର୍ବରୁ କଥାବାର୍ତ୍ତା ହୋଇଥିଲା। ଆତଙ୍କବାଦ ବିରୋଧରେ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ରଷିଆ ସମର୍ଥନ କରିଥିଲା।ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ରଷୀୟ ନିର୍ମିତ ପ୍ରତିରକ୍ଷା ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ରଷୀୟ ଏସ୍-୪୦୦ ମିଜାଇଲ ପ୍ରତିରକ୍ଷା ପ୍ରଣାଳୀ ଓ ଭରତ-ରଷିଆ ଯୁଗ୍ମ ବ୍ରହ୍ମୋସ ପ୍ରକଳ୍ପ ପାକିସ୍ତାନକୁ ଧୂଳି ଚଟାଇଥିଲା। ଏହି ପ୍ରଣାଳୀଗୁଡିକ ପାକିସ୍ତାନର ଚୀନ୍ ନିର୍ମିତ ସାମରିକ କ୍ଷମତାକୁ ଅନେକାଂଶରେ ନିଷ୍କ୍ରିୟ କରିଦେଇଥିଲା।

ଏଥିରେ ଯଦି ପ୍ରଧାନମନ୍ତ୍ରୀ ମୋଦି ଚୀନ୍ ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ) ସମ୍ମିଳନୀରେ ଯୋଗ ଦିଅନ୍ତି ସେଠାରେ ମଧ୍ଯ ତାଙ୍କର ପୁଟିନଙ୍କ ସହ ଅଲଗା ସାକ୍ଷାତ ଆଲୋଚନା ହୋଇପାରେ।

# କୈଳାସ ପର୍ବତରେ ହେଉଥିବା ପରିବର୍ତ୍ତନ ବଡ଼ଚିନ୍ତାର କାରଣ

ନୂଆଦିଲ୍ଲୀ: ପାଞ୍ଚ ବର୍ଷର ବ୍ୟବଧାନ ପରେ ସିକ୍କିମର ନାଥୁଲା ଗିରିପଥ ଦେଇ କୈଳାସ ମାନସରୋବର ଯାତ୍ରା ପୁଣି ଥରେ ଆରମ୍ଭ ହୋଇଛି ।

୨୦୨୦ରେ ଭାରତ ଓ ଚୀନ ମଧ୍ୟରେ ହୋଇଥିବା ଗଲଓ୍ୱାନ ସଂଘର୍ଷ ପରେ କୈଳାସ ମାନସରୋବର ଯାତ୍ରାକୁ ବନ୍ଦ କରି ଦିଆଯାଇଥିଲା । ଉଭୟ ଦେଶ ମଧ୍ୟରେ ସଂପର୍କରେ ଉନ୍ନତି ଆସିବା ପରେ ଗତ ଜାନୁଆରି ମାସରେ ପୁଣି କୈଳାସ ମାନସରୋବର ଯାତ୍ରା ଆରମ୍ଭ କରିବାକୁ ଭାରତ ଓ ଚୀନ ରାଜି ହୋଇଥିଲେ। ଗତଶୁକ୍ରବାର କୈଳାସ ମାନସରୋବର ଯାତ୍ରାରୁ ଫେରିଥିବା ପ୍ରଥମ ଦଳ ସୂଚନା ଦେଇ କହିଛନ୍ତି, 'ଚଳିତବର୍ଷ କୈଳାସ ପର୍ବତର ଦକ୍ଷିଣ ଭାଗରେ ତୁଷାରପାତ ହୋଇନାହିଁ। ଏହି ସୂଚନା ନିଶ୍ଚିତ ଭାବେ ବଡ଼ ଚିନ୍ତାର କାରଣ ପାଲଟିଛି।ଯାତ୍ରା ଦଳର ଏଲଓ ଏବଂ ଆଇଟିବିପିର ଏଡିଜି ସଞ୍ଜୟ ଗୁଞ୍ଜ୍ୟାଲ ମଧ ପାଞ୍ଚ ବର୍ଷ ମଧ୍ୟରେ କୈଳାସ ମାନସରୋବରର ହୋଇଥିବା ପରିବର୍ତ୍ତନକୁ ନେଇ ଚିନ୍ତା ପ୍ରକାଶ କରି କହିଛନ୍ତି, 'ମୁଁ ୨୦୧୬ ମସିହାରେ ମଧ କୈଳାସ ମାନସରୋବର ପରିଦର୍ଶନ କରିଥିଲି। ସେତେବେଳେ ଦକ୍ଷିଣ ଅଞ୍ଚଳରେ ଅଧିକ ତୁଷାରପାତ ଦେଖାଯାଇଥିଲା, କିନ୍ତୁ ଏଥର



ତୁଷାରପାତ ବହୁତ କମ୍ ରହିଛି।ଦ ଇତିମଧ୍ୟରେ ପିଥୋରାଗଡ଼ରୁ ପାଞ୍ଚ ବର୍ଷ ପରେ ଆରମ୍ଭ ହୋଇଥିବା କୈଳାସ ମାନସରୋବର ଯାତ୍ରାର ପ୍ରଥମ ୪୫ ଜଣିଆ ଦଳ ଭାରତକୁ ଫେରି ଆସିଛି। ଜୟପୁରର ବାସିନ୍ଦା ରାଜେଶ ନାଗପାଲ କହିଛନ୍ତି,' ଯେ କୈଳାସ ପର୍ବତର ଦକ୍ଷିଣ ଭାଗରେ ତୁଷାରପାତ ହୋଇନାହିଁ। ବାକି ଅଂଶରେ ମଧ ତୁଷାରପାତ ହ୍ରାସ ପାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, କୈଳାସ ପର୍ବତର ଉଚ୍ଚତା ୨୧୭୭୮ ଫୁଟ ଏବଂ ସାଧାରଣତଃ ଏଠାରେ ସାରା ବର୍ଷ ତୁଷାରପାତ ଜାରି ରହିଥାଏ। ଶିଖରର ଦକ୍ଷିଣ ଅଂଶରୁ ତୁଷାରପାତ ହେବା ସ୍ୱାଭାବିକ ନୁହେଁ। କୈଳାସ ପର୍ବତରେ ସ୍ଥାୟୀ ତୁଷାରପାତ ରେଖା ପ୍ରାୟ ୧୮,୦୦୦ ଫୁଟ ଉପରେ ବୋଲି ବିବେଚନା କରାଯାଏ। ଏହି ଉଚ୍ଚତା ଉପରେ ଥିବା ସମଗ୍ର ଶିଖର ଗ୍ରୀଷ୍ମ ଋତୁରେ ମଧ ତୁଷାରରେ ଆଚ୍ଛାଦିତ ରହିଥାଏ। ଶୀତଦିନେ, ତୁଷାରପାତର ଘନତା ପ୍ରାୟ ୧୫,୦୦୦ ଫୁଟ ପର୍ଯ୍ୟନ୍ତ ବ୍ୟାପିଥାଏ।

# ହେଲିକ୍ୟାପ୍ଟର ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ

ଉତ୍ତରାଖଣ୍ଡ:ମେ ୮ ତାରିଖରେ ଉତ୍ତରାଖଣ୍ଡର ଉତ୍ତରକାଶୀର ଗଙ୍ଗନାନୀ ନିକଟରେ ଏରୋଟ୍ରାନ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡର ବେଲ୍ ୪୦୭ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ୫ ଜଣ ମହିଳାଙ୍କ ସମେତ ୬ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏବେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ ଏହି ହେଲିକପ୍ଟର ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ କରିଛି।ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋର ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ଯେ ହେଲିକପ୍ଟରର ରୋଟର ବ୍ଲେଡ୍ ଓଭରହେଡ୍ କେବୁଲରେ ବାଜିଥିଲା, ଯାହା ପରେ ହେଲିକପ୍ଟରଟି ପାହାଡ଼ ତଳକୁ ଖସି ପଡ଼ିଥିଲା। ୨୫୦ ଫୁଟ ଗଭୀର ଖାଇରେ ଗଛରେ ପିଟି ହେବା ପରେ ଏହା ବନ୍ଦ ହୋଇଗଲା। ଏହି ଦୁର୍ଘଟଣାର ମୂଳ କାରଣ ଖୋଜିବା ପାଇଁ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ସୂଚନାଥାଉକି, ରିପୋର୍ଟରେ ଦାବି କରାଯାଇଛି ଯେ ପାଇଲଟ୍ ଉତ୍ତରକାଶୀ-ଗଙ୍ଗୋତ୍ରୀ ଜାତୀୟ ରାଜପଥରେ ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ। ଅବତରଣ ସମୟରେ, ମୁଖ୍ୟ ରୋଟରଟି ରାସ୍ତା ଉପରେ ଥିବା ଏକ ଓଭରହେଡ୍ ଫାଇବର କେବୁଲକୁ ବାଜିଥିଲା , ଯାହା ଫଳରେ ଦୁର୍ଘଟଣା ଘଟିଥିଲା।ଦୁର୍ଘଟଣା ପରେ, ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ ପ୍ରାଧିକରଣ ପକ୍ଷରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହା ବିଷୟରେ ଅବଗତ କରାଯାଇଥିଲା। ଏହା ପରେ ଡିଜିସିଏ ଏବଂ ବେସାମରିକ ବିମାନ ଚଳାଚଳ ଦଳ ମଧ୍ୟ ଏହି ଦୁର୍ଘଟଣାର ତଦନ୍ତ କରୁଛନ୍ତି।

# କୈଳାଶ ମାନସରୋବର ଯାତ୍ରା କାଳରେ ମିନାକ୍ଷୀ ଆହତ

ନୂଆଦିଲ୍ଲୀ ୨୦।୭: ବିଜେପି ନେତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମିନାକ୍ଷୀ ଲେଖି କୈଳାଶ ମାନସରୋବର ଯାତ୍ରା କାଳରେ ଆହତ ହୋଇଛନ୍ତି। ତୀବ୍ବତର ଦାରାଚୀନ କ୍ଷେତ୍ରରେ ଯାତ୍ରା କରିବା ସମୟରେ ସେ ଖଚରରୁ ପଡି ଯାଇଛନ୍ତି, ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ପ୍ରାରମ୍ଭିକ ଯାଞ୍ଚରୁ ତାଙ୍କ ଅଣ୍ଟାରେ ଆଘାତ ଲାଗିଥିବାର ଜଣାପଡିଛି। ଘଟଣା ପରେ ମିନାକ୍ଷୀ ଲେଖି ଯାତ୍ରା ଅଧାରେ ଛାଡି ଭାରତ ଫେରିଛନ୍ତି। ରବିବାର ସକାଳେ ସେ ଲିପୁଲେଖ ପାର କରିଥିବା ବେଳେ ଗୁଞ୍ଜି ପହଞ୍ଚିଛନ୍ତି।

ଉଚ୍ଚ ହିମାଳୟ କ୍ଷେତ୍ରରେ ପାଗ ଖରାପ ଥିବାରୁ ହେଲିକପ୍ଟର ଯୋଗେ ତାଙ୍କ ଉଦ୍ଧାର ସମ୍ଭବ ହୋଇ



ପାରିନଥିଲା। ଏଣୁ ସଡ଼କ ମାର୍ଗରେ ତାଙ୍କୁ ଧାରଚୂଳା ଅଣାଯାଉଛି। ଲିପୁଲେଖ ପାସ୍ ଦେଇ କୈଳାଶ ମାନସରୋବର ଯାତ୍ରାରେ ବାହାରିଥିବା ୪୮ ତୀର୍ଥ ଯାତ୍ରୀଙ୍କ ଦ୍ୱିତୀୟ ଦଳ ଜୁଲାଇ ୧୪ ତାରିଖ ଦିନ ତୀବ୍ବତକୁ ପ୍ରବେଶ କରିଥିଲା। ଏହି ଦଳରେ ଥିବା ୧୪ ମହିଳା ଯାତ୍ରୀଙ୍କ ମଧ୍ୟରେ ମିନାକ୍ଷୀ ଲେଖି ଜଣେ ଥିଲେ। ଏହା ପୂର୍ବରୁ ୪୫ ତୀର୍ଥ ଯାତ୍ରୀଙ୍କ ପ୍ରଥମ ଦଳ ଜୁଲାଇ ୧୦ ତାରିଖ ଦିନ ସମୁଦ୍ର ପତ୍ତନରୁ ୧୭,୫୦୦ ଫୁଟ ଉଚ୍ଚରେ ଥିବା ଲିପୁଲେଖ ପାସ୍ କୁ ପାର କରି ତୀବ୍ବତ ପହଞ୍ଚିଥିଲେ। ତୀବ୍ବତରେ ଅବସ୍ଥାନ କାଳରେ ତୀର୍ଥ ଯାତ୍ରୀ ତକଲାକୋଟ, ଦାରଚିନ, ଡେରାଫୁକ, ଜୁଙ୍ଗହୁଇ ପୁ ଓ କୁଗୁରେ ବିଶ୍ରାମ ନେଇ ଆଗକୁ ବଢିବେ ଓ କୈଳାଶ ପର୍ବତ ଓ ମାନସରୋବର ପରିକ୍ରମା କରିବେ। କୈଳାଶ ମାନସରୋବର ଯାତ୍ରାକୁ ଦ୍ୱିତୀୟ ବାର ଆରମ୍ଭ କରିବା ପାଇଁ ନିକଟରେ ଭାରତ ଓ ଚୀନ୍ ମଧ୍ୟରେ ସହମତି ହୋଇଥିଲା।

ଏନେଇ ବିଦେଶ ମନ୍ତ୍ରୀ ଏସ.ଜୟଶଙ୍କର ମଧ୍ୟ ବୟାନ ଦେଇଥିଲେ ଓ କହିଥିଲେ ଆମେ ଆମର କୂଟନୈତିକ ସମ୍ପର୍କ ସ୍ଥାପନାର ୭୫ତମ ବାର୍ଷିକ ପାଳନ କରୁଛୁ। କୈଳାଶ ମାନସରୋବର ଯାତ୍ରା ପୁଣି ଆରମ୍ଭ ହେବା ଭାରତୀୟଙ୍କୁ ବେଶ୍ ଉତ୍ସାହିତ କରିଛି। ଏହି ସମ୍ପର୍କକୁ ଶରଳ କରିବା ପାଇଁ ଲଗାତାର କାମ କରାଯାଉଛି, ଯେଉଁଥିରେ ଉଭୟ ଦେଶଙ୍କ ଲାଭ ହେବ।

# ଗୋଟିଏ ଘଣ୍ଟା ମଧ୍ୟରେ ୫ଥର ଥରିଲା ଋଷ

ନୂଆଦିଲ୍ଲୀ:ଋଷର ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଞ୍ଚଳରେ ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ପାଞ୍ଚଟି ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପ ପରେ ସୁନାମି ଚେତାବନୀ ମଧ ଜାରି କରାଯାଇଛି। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ କହିଛି ଯେ ରବିବାର, ଜୁଲାଇ ୨୦ତାରିଖରେ ଋଷର ପୂର୍ବଉପକୂଳରେ ଅନେକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା, ଯାହା ଫଳରେ ସୁନାମି ସତର୍କତା ଜାରି କରାଯାଇଥିଲା। ପୂର୍ବରୁ ରିକ୍ଟର ସ୍କେଲରେ ୫.୦ ଏବଂ ୬.୭ ତୀବ୍ରତାର ଭୂମିକମ୍ପ ଆସିଥିଲା, ଯାହା ପରେ କୌଣସି ସୁନାମି ସତର୍କତା ନଥିଲା। କିନ୍ତୁ ୭.୪ ତୀବ୍ରତାର ଭୂମିକମ୍ପ ହେବା ପରେ, ବିପଜ୍ଜନକ ସୁନାମି ତରଙ୍ଗ ସମ୍ଭବଦ୍ଧ ବୋଲି ଚେତାବନୀ ଦେଇଛି ।

ଭୂମିକମ୍ପ ଯୋଗୁଁ କୌଣସି କ୍ଷତି ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ଆସିନାହିଁ। ଋଷର ସବୁଠାରୁ ବଡ଼ ଭୂମିକମ୍ପର କେନ୍ଦ୍ରସ୍ଥଳ ପେଟ୍ରୋପାଭଲୋଭସ୍କ-କାମଚାଟସ୍କି ସହରଠାରୁ ୧୪୪ କିଲୋମିଟର ପୂର୍ବରେ ୨୦ କିଲୋମିଟର ଗଭୀରରେ ଥିଲା। ଏହି ସହରର ଜନସଂଖ୍ୟା ୧,୮୦,୦୦୦। ଏହାର କିଛି ମିନିଟ୍ ପୂର୍ବରୁ, ନିକଟସ୍ଥ ଅଞ୍ଚଳରେ ୬.୭ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହା ବ୍ୟତୀତ ଆଉ ତିନୋଟି ଭୂମିକମ୍ପ ଅନୁଭୂତ ହୋଇଛି। ତେବେ ପେଟ୍ରୋପାଭଲୋଭସ୍କ-କାମଚାଟସ୍କି ସହର ନିକଟବର୍ତ୍ତୀ ପ୍ରଶାନ୍ତ ମହାସାଗରରେ ଭୂମିକମ୍ପର କେନ୍ଦ୍ରସ୍ଥଳର ୩୦୦ କିଲୋମିଟର (୧୮୬ ମାଇଲ) ପରିଧି ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସୁନାମି ଚେତାବନୀ ଲାଗୁ କରାଯାଇଛି। Uଗଏଂଗ କହିଛି ଯେ ଋଷ ଉପକୂଳରେ ୩୦ସେଣ୍ଟିମିଟରରୁ ଗୋଟିଏ ମିଟର (୩.୩ ଫୁଟ ପର୍ଯ୍ୟନ୍ତ) ଉଚ୍ଚର ଲହଡ଼ି ଆସିପାରେ ।

# କୁକୁର କାମୁଡ଼ା ମାମଲା: ୬ ମାସରେ ୧୯ ଜଣଙ୍କର ପ୍ରାଣହାନୀ

ବେଙ୍ଗାଲୁରୁ: ଗତ ୬ ମାସରେ କୁକୁର କାମୁଡାର ମାମଲା ଆଶ୍ଚର୍ଯ୍ୟଜନକ ଭାବେ ରିପୋର୍ଟ ହୋଇଛି । ରବିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଗତ ୬ ମାସରେ କର୍ଣ୍ଣାଟକରେ ୨.୩ ଲକ୍ଷରୁ ଅଧିକ କୁକୁର କାମୁଡ଼ା ମାମଲା ଏବଂ ୧୯ ଜଣ ରେବିଜ୍ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ଏକ ତୀବ୍ର ବୃଦ୍ଧି । ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ରାଜ୍ୟରେ ମୋଟ ୩.୬ ଲକ୍ଷ କୁକୁର କାମୁଡ଼ା ମାମଲା ଏବଂ ୪୨ ଜଣ ରେବିଜ୍ ମୃତ୍ୟୁ ରେକର୍ଡ କରାଯାଇଛି ।ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ପିଟିଆଇ ସହିତ ସେୟାର କରାଯାଇଥିବା ତଥ୍ୟ ଅନୁଯାୟୀ, କର୍ଣ୍ଣାଟକରେ ଚଳିତ ବର୍ଷ ଜାନୁଆରୀ ୧ ରୁ ଜୁନ୍ ୩୦ ମଧ୍ୟରେ ୨ ଲକ୍ଷ ୩୧ ହଜାର ୯୧ କୁକୁର କାମୁଡ଼ା ମାମଲା ଏବଂ ୧୯ ଜଣ ରେବିଜ୍ ମୃତ୍ୟୁ ରେକର୍ଡ କରାଯାଇଛି ।ଏହା ତୁଳନାରେ, ଗତ ବର୍ଷ ସମାନ ସମୟ ମଧ୍ୟରେ ୧ ଲକ୍ଷ ୬୯ ହଜାର ୬୭୨ କୁକୁର କାମୁଡ଼ା ମାମଲା ଏବଂ ଏଥିରେ ୧୮ ଜଣ ରେବିଜ୍ ମୃତ୍ୟୁ ଘଟିଥିଲା । ତଥ୍ୟ ବିଶ୍ଳେଷଣରୁ ଜଣାପଡିଛି ଯେ ୨୦୨୩ର ସମାନ ସମୟ ତୁଳନାରେ କୁକୁର କାମୁଡ଼ା ମାମଲାରେ ପ୍ରାୟ ୩୬.୨୦ ପ୍ରତିଶତ ବୃଦ୍ଧି ପାଇଛି ।ବିଜୟପୁରାରେ ସର୍ବାଧିକ ସଂଖ୍ୟକ ମାମଲା ରହିଛି । ତଥ୍ୟ ଅନୁଯାୟୀ, ସମସ୍ତ ସରକାରୀ ଏବଂ ବେସରକାରୀ



ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ସନ୍ଦିଗ୍ଧ, ସମ୍ଭାବ୍ୟ ଏବଂ ନିଶ୍ଚିତ ମାନବ ରେବିଜ୍ ମାମଲା ରିପୋର୍ଟ କରିବା ବାଧ୍ୟତାମୂଳକ ହୋଇଥିବାରୁ, ବିଜୟପୁରାରେ ସର୍ବାଧିକ ସଂଖ୍ୟକ କୁକୁର କାମୁଡ଼ା ମାମଲା (୧୫,୫୨୭) ରିପୋର୍ଟ ହୋଇଛି, ଏହା ପରେ ବିବିଏମପି (ବୃହତ ବେଙ୍ଗାଲୁରୁ ମହାନଗର ପାଲିକେ) ସୀମାରେ ୧୩,୮୩୧, ହସନ (୧୩,୩୮୮), ଦକ୍ଷିଣ କନ୍ନଡ (୧୨,୫୨୪) ଏବଂ ବାଗଲକୋଟ (୧୨,୩୯୨) ରହିଛି ।ବେଙ୍ଗାଲୁରୁ ଗ୍ରାମାଞ୍ଚଳରେ ୪,୪୦୮ କୁକୁର କାମୁଡ଼ା ମାମଲା ରେକର୍ଡ କରାଯାଇଛି, ଯେତେବେଳେ ବେଙ୍ଗାଲୁରୁ ସହରାଞ୍ଚଳରେ ୮,୮୭୮ ମାମଲା ରେକର୍ଡ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିବିଏମପି ସୀମା କିମ୍ବା ବେଙ୍ଗାଲୁରୁ ଗ୍ରାମାଞ୍ଚଳରେ କୌଣସି ରେବିଜ୍ ମୃତ୍ୟୁ ରିପୋର୍ଟ ହୋଇନାହିଁ ।ଏହି ବର୍ଷ ଜାନୁଆରୀରୁ ଜୁନ୍ ମଧ୍ୟରେ ରିପୋର୍ଟ ହୋଇଥିବା ୧୯ଟି ରେବିଜ୍ ମୃତ୍ୟୁ ମଧ୍ୟରୁ, ବେଙ୍ଗାଲୁରୁ ସହରାଞ୍ଚଳରେ ସର୍ବାଧିକ ୯ଟି ମାମଲା ରେକର୍ଡ କରାଯାଇଛି, ଏହା ପରେ ବେଲାଗାଭିରେ ୫ଟି ମାମଲା ରେକର୍ଡ କରାଯାଇଛି ।ବାଗଲକୋଟ, ବଲ୍ଲାରୀ, ଚିକ୍କବଲ୍ଲାପୁରା ଏବଂ ଶିବମୋଗାରେ ପ୍ରତ୍ୟେକରେ ଗୋଟିଏ ମୃତ୍ୟୁ ରେକର୍ଡ କରାଯାଇଛି ।

# ୨୦ ବର୍ଷ ଧରି କୋମାରେ ରହିବା ପରେ ଆଖି ବୁଜିଲେ "ସ୍ଲିପି ପ୍ରିନ୍ସ'

ଦୁବାଇ : ପ୍ରାୟ ୨୦ ବର୍ଷ ଧରି କୋମାରେ ରହିବା ପରେ ଶନିବାର (ଗତକାଲି) ସାଉଦି ଆରବର ପ୍ରିନ୍ସ ଅଲ୍ ଓ୍ୱଲୀଦ ବିନ ଖାଲିଦ ବିନ ତଲାଲ ଅଲ ସଉଦଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୬ ବର୍ଷ ହୋଇଥିଲାଛ ସେ ସାଉଦିର "ସ୍ଲିପିଂ ପ୍ରିନ୍ସ' ଭାବେ ଜଣାଶୁଣା ଥିଲେ।

ପ୍ରିନ୍ସ ଅଲ୍ ୱଲୀଦ ବିନ ଖାଲିଦ ବିନ ତଲାଲ ଅଲ ସଉଦ ଇଂଲଣ୍ଡରେ ଏକ ମିଲିଟାରୀ କଲେଜରେ ପଢୁଥିଲେ। ୨୦୦୫ ମସିହାରେ ଲଣ୍ଡନରେ ଏକ କାର ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା ଓ ଇଣ୍ଟରନାଲ ବ୍ଲିଡିଂ ହୋଇଥିଲା। ସେ କୋମାକୁ ଚାଲି ଯାଇଥିଲେ। ସେତେବେଳେ ତାଙ୍କୁ ୧୬ ବର୍ଷ ହୋଇଥିଲା।

ତାଙ୍କୁ ସୁସ୍ଥ କରିବା ପାଇଁ ଆମେରିକା ଓ ସ୍ପେନରୁ ବହୁ ବଡ଼ ବଡ଼ ଡାକ୍ତର ପ୍ରୟାସ କରିଥିଲେଛ କିନ୍ତୁ ସେ ଆଉ ଭଲ ହୋଇ ନଥିଲେଛ ସେମିତି କୋମାରେ ରହିଥିଲେ।

ଦୁର୍ଘଟଣା ପରେ ତାଙ୍କୁ ଲଣ୍ଡନରୁ ସାଉଦି ଆରବର ରାଜଧାନୀ ରିୟାଧକୁ ସ୍ଥାନାନ୍ତର କରାଯାଇଥିଲାଛ ସେଠାରେ ତାଙ୍କୁ କିଙ୍ଗ୍ ଅବଦୁଲଅଜିଜ ମେଡିକାଲ ସିଟିରେ ଲାଇଫ ସପୋର୍ଟରେ ରଖାଯାଇଥିଲା। ପ୍ରାୟ ଦୁଇ ଦଶନ୍ଧି ଧରି ସେ ସେଠାରେ ଡାକ୍ତରଙ୍କ ନିରୀକ୍ଷଣରେ ରହିଥିଲେ।

ପ୍ରିନ୍ସ ଅଲ୍ ଓ୍ୱଲୀଦ ବିନ ଖାଲିଦ ବିନ ତଲାଲ ଅଲ ସଉଦଙ୍କୁ ଲାଇଫ ସପୋର୍ଟରେ ନ ରଖିବାକୁ ବିଭିନ୍ନ ସମୟରେ ପ୍ରସ୍ତାବ ଆସିଥିଲା। କିନ୍ତୁ ତାଙ୍କ ବାପା ପ୍ରିନ୍ସ ଖାଲିଦ ବିନ ତଲାଲ ଏହାକୁ ଖୋଲାଖୋଲି ବିରୋଧ କରିଥିଲେ। କାରଣ ତାଙ୍କର ଆଶା ଥିଲା ପୁଅ ସୁସ୍ଥ ହୋଇଯିବେ। କିଛି ଚମତ୍କାର ଘଟିବ ବୋଲି ସେ ଆଶା ରଖିଥିଲେ। ପ୍ରିନ୍ସ ଅଲ୍ ୱଲୀଦ ବିନ ଖାଲିଦ ବିନ ତଲାଲ ଅଲ ସଉଦଙ୍କ ଖୁବ୍ କମ୍ ଭିଡିଓ ସୋଶାଲ ମିଡିଆରେ ଦେଖିବାକୁ ମିଳିଥିଲା।

# ରାଜନୀତି ଛାଡ଼ିବେ ନୀତୀଶ କୁମାର ?

ନୂ ଆ ଦି ଲ୍ଲୀ : ବି ହା ର ରାଜନୀତିରେ ନୂଆ ଟ୍ୱିଷ୍ଟ ।ନୀତୀଶଙ୍କ ବଦଳରେ ମୈଦାନକୁ ଆସନ୍ତୁ ତାଙ୍କ ପୁଅ। ଏପରି ଦାବି କରିଛନ୍ତି ଜନତା ଦଳ ୟୁନାଇଟେଡ୍ ବା ନୀତୀଶ କୁମାରଙ୍କ ଜେଡୟୁ। ଆଗାମୀ ନିର୍ବାଚନରେ ନିଶାନ୍ତ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରିବା ପାଇଁ ଅପିଲ୍ କରିଛନ୍ତି ଜେଡୟୁ ସମର୍ଥକ । ସେମାନେ କହିଛନ୍ତି, ବିହାରକୁ ଆଗେଇ ନେବାରେ ନୀତୀଶଙ୍କ ବଡ଼ ଅବଦାନ ରହିଛି । ଏବେ ତାଙ୍କ ପୁଅ ଏହାକୁ ଆଗେଇ ନିଅନ୍ତୁ । କେବଳ ଜେଡୟୁ ସମର୍ଥକ ନୁହଁନ୍ତି, ରାଷ୍ଟ୍ରୀୟ ଲୋକ ସମତା ପାର୍ଟି ମୁଖ୍ୟ ତଥା ବିହାର ରାଜନୀତିର ବରିଷ୍ଠ ନେତା ଉପେନ୍ଦ୍ର ଖୁସଓ୍ୱା ମଧ୍ୟ ସମାନ ଅପିଲ୍ କରିଛନ୍ତି । ପାର୍ଟିର ଦାୟିତ୍ୱ ଏବେ ନିଶାନ୍ତ ନେବା ଜରୁରୀ ବୋଲି ସେ କହିଛନ୍ତି।

୪୪ ପାଦରେ ପାଦ ଦେଇଛନ୍ତି ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର । ଜନ୍ମ ଦିନ ଅବସରରେ ସମର୍ଥକମାନେ ପାର୍ଟି କାର୍ଯ୍ୟାଳୟରେ କେକ୍ କାଟି ଖୁସି ମନାଇଛନ୍ତି । ଏପଟେ ବିହାର ରାଜନୀତିକୁ ନେଇ ବଡ଼ ବୟାନ ଦେଇଛନ୍ତି ନୀତୀଶଙ୍କ ପୁଅ ନିଶାନ୍ତ । କହିଛନ୍ତି, ନୀତୀଶଙ୍କ ନେତୃତ୍ୱରେ ବିହାରର ବିକାଶ ହେଉଛି । ବେରୋଜଗାରୀ କମୁଛି, ଲୋକଙ୍କୁ ସବୁ କ୍ଷେତ୍ରରେ



ନ୍ୟାୟ ମିଳୁଛି । ଏଣୁ ପୁଣି ଥରେ ନୀତୀଶ ହିଁ ବିହାରର ମୁଖ୍ୟମନ୍ତ୍ରୀ ହେବେ ଓ ଏନଡିଏ ଆଉ ଥରେ କ୍ଷମାତକୁ ଫେରିବ । ସେ ରାଜନୀତିକୁ ଆସିବେ ନା ନାହିଁ ସେ ନେଇ ମୁହଁ ଖୋଲି ନାହାନ୍ତି। ବିହାର ରାଜନୀତିରେ ଏବେ ୟଙ୍ଗ ବ୍ରିଗେଡଙ୍କ ଭିଡ଼ । ତେଜସ୍ୱୀ ଯାଦବ ଆରଜେଡି ମଙ୍ଗ ଧରିଥିବାବେଳେ ତେଜ ପ୍ରତାପ ମଧ୍ୟ ରାଜନୀତିରେ ଆକଟିଭ୍ ଅଛନ୍ତି । ସେହିଭଳି ଚିରାଗ ପାଶଓ୍ୱାନଙ୍କ ବେଶ୍ ଦବଦବା ରହିଛି । ଆଉ ଏବେ ଆଉ ଜଣେ ଯୁବ ନେତାଙ୍କୁ ନେଇ ବିହାର ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି।

# ମୋର ଏଏଆଇବି ଉପରେ ଭରସା ଅଛି: ବିମାନ ଚଳାଚଳ ମନ୍ତ୍ରୀ

ନୂଆଦିଲ୍ଲୀ : ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରାପୁ ରବିବାର କହିଛନ୍ତି ଯେ , ସରକାର କୌଣସ ନିଷ୍କର୍ଷ ବାହାର କରିବା ପୂର୍ବରୁ ଅହମ୍ମଦାବାଦରେ ଏୟାର ଇଣ୍ଡିଆ ଦୁର୍ଘଟଣାର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରିବେ। ସେ ପାଶ୍ଚାତ୍ ମିଡ଼ିଆକୁ ନିନ୍ଦା କରି କହିଛନ୍ତି ଯେ, ସେମାନେ ଅନୁମାନରୁ ନିବୃତ୍ତ ରୁହନ୍ତୁ ଏବଂ ଭାରତରେ ବ୍ଲାକ୍ ବକ୍ସ ଡାଟାକୁ ସଫଳତାପୂର୍ବକ ଡିକୋଡ୍ କରିବା ପାଇଁ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି)ର ପ୍ରଂଶସା କରନ୍ତୁ। ସେ କହିଛନ୍ତି , ଏଏଆଇବି ସବୁ, ବିଶେଷ ରୂପେ ପାଶ୍ଚାତ ମିଡ଼ିଆ ହାଉସ୍ ପାଇଁ ଏକ ଅପିଲ କରିଛନ୍ତି , ଯାହା କି ସେ ଯେଉଁ ପ୍ରକାରର ଲେଖାକୁ ପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି, ଏଥିରେ ନିହିତ ସ୍ୱାର୍ଥ ହୋଇପାରେ। ମୁଁ ଏଏଆଇବିକୁ ଭରସା କରୁଛି। ମୋର ବିଶ୍ୱାସ ଯେ ସେ କାମ କରୁଛନ୍ତି।

ସେ ବ୍ଲାକ୍ ବକ୍ସର ଡାଟା ପ୍ରାପ୍ତ କରିବା ପାଇଁ ବିଦେଶ ବିଦେଶ ପଠାଯିବା ବଦଳରେ ଦେଶରେ ହିଁ ଏହାର ଫଳାଫଳ ହାସଲ କରିବାକୁ ଏକ ବଡ଼ ଉପଲବ୍ଧି କହିଛନ୍ତି। ସେ କହିଛନ୍ତି , ଏହା ଆମ ପାଇଁ ଏକ ବହୁତ ବଡ଼ ସଫଳତା ଥିଲା। କାରଣ ଗତ ଘଟଣାରେ ପ୍ରତିଥର ବିମାନ ଦୁର୍ଘଟଣା ପରେ ବ୍ଲାକ୍ ବକ୍ସକୁ ବିଦେଶ ପଠାଯାଉ ଥିଲା, କିନ୍ତୁ ଏହା ପ୍ରଥମ ଥର ,ଯାହାକୁ ଏଏଆଇବି ସଫଳତାପୂର୍ବକ ସବୁକିଛି ଡିକୋଡ୍ କରି ଦେଇଛି। ଡାଟା ଏଠାରେ ଅଛି। ପ୍ରାରମ୍ଭିକ ରିପୋର୍ଟ ମଧ ଦେଖା ଯାଇଛି। ଯାଞ୍ଚ ପୂରା ହେବା ଯାଏ ସାବଧାନତା ଅବଲମ୍ବନ କରିବା ପାଇଁ ଦର୍ଶାଇ ମନ୍ତ୍ରୀ କହିଛନ୍ତି ଯେ, ଏହି ସ୍ତରରେ ନିଷ୍କର୍ଷ ବାହାର କରିବା ଅନୁଚିତ ହେବ।



ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି, ଚୂଡାନ୍ତ ରିପୋର୍ଟ ଆସିବା ଯାଏ କିଛି ବି ଟିପ୍ପଣୀ କରିବା, ମୋତେ ଲାଗୁନି ଯେ, ଏହା କାହାରି ପକ୍ଷରୁ ଭଲ ଅଭ୍ୟାସ। ଆମେ ବହୁତ ସତର୍କ ରହିବା ସହ ରିପୋର୍ଟକୁ ଭଲଭାବେ ଅଧ୍ୟୟନ କରୁଛୁ, ଏବଂ ସୁରକ୍ଷା ସନ୍ଦର୍ଭରେ ଯାହା କିଛି ବି ଆବଶ୍ୟକ, ଆମେ ଏହାକୁ କରିବାକୁ ପ୍ରସ୍ତୁତ। ସେ ଧୈର୍ଯ୍ୟର ଆବଶ୍ୟକତାକୁ ଦୋହରାଇ ଓ ବିମାନ ସୁରକ୍ଷା ପ୍ରତି ସରକାରଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲେ। ସେ କହିଛନ୍ତି , ଘଟଣା ଓ ଯାଞ୍ଚ ବିଷୟରେ , ଆମେ କିଛି ବି କହିବା ପୂର୍ବରୁ ଚୂଡ଼ାନ୍ତ ରିପୋର୍ଟର ଅପେକ୍ଷା କରିବାକୁ ହେବ।

କହି ରଖୁଛୁ କି, ଏଏଆଇବି ନିକଟରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଏକ ପ୍ରାରମ୍ଭିକ ରିପୋର୍ଟ ଜାରି କରିଥିଲା ,ଯେଉଁଥିରେ କୁହାଯାଇଥିଲା ଯେ, ଟେକଅଫ୍ କରିବା ପରେ ବିମାନର ଇନ୍ଧନ ସହ ଜଡ଼ିତ ବଟନ ରନୱେରୁ କଟଅଫ୍ ହୋଇଯାଇ ଥିଲା। ଏହି କାରଣରୁ ବିମାନର ଇଞ୍ଜିନ ଯାଏ ଇନ୍ଧନ ପହଞ୍ଚିବା ବନ୍ଦ ହୋଇଗଲା। ହେଲେ , ଯେମିତି ପାଇଲଟ ଏହାକୁ ଦେଖିଲେ ତୁରନ୍ତ ପୁନର୍ବାର ଇନ୍ଧନ ଚାଲୁ କରିଥିଲେ , କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା। ଏହି ସମୟରେ , ଜଣେ ପାଇଲଟ ଅନ୍ୟ ଜଣଙ୍କୁ ପ୍ରଶ୍ନ କରିଥିଲେ ଯେ, ସେ କଣ ଇନ୍ଧନର ବଟନ ବନ୍ଦ କରିଛନ୍ତି, ଯାହାକୁ ଦ୍ୱିତୀୟ ପାଇଲଟ ମନା କରିଥିଲେ। ହେଲେ ଏହାପରେ ଆମେରିକୀୟ ମିଡ଼ିଆ ହାଉସ୍ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲ ସମେତ ଅନ୍ୟ ଏକ ରିପୋର୍ଟରେ ଗୁରୁତର ଅଭିଯୋଗ ଲଗାଇ ଥିଲେ। ସେ ଦାବି କରିଥିଲେ ଯେ,ଫ୍ଲାଇଟ୍ର କ୍ୟାପଟେନ ସୁମିତ ସଭରୱାଲ ଇନ୍ଧନର ସ୍ୱିଚକୁ କଟଅଫ୍ କରିଥିଲେ। ଏହି ଦାବିକୁ ଏଏଆଇବି ଖାରଜ କରି ଦେଇ ଥିଲେ।

# ୨୦୩୧ ପର୍ଯ୍ୟନ୍ତ ଇଂଲଣ୍ଡରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ

ଲଣ୍ଡନ, ୨୦।୭ (ଏଜେନ୍ସି) : ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲୁଟିସି)ର ଏକ ଚକ୍ର (ସାଇକେଲ) ଦୁଇ ବର୍ଷର ହୋଇଥାଏ ଏବଂ ଏହି ସମୟ ମଧ୍ୟରେ ଟେଷ୍ଟ ଖେଳୁଥିବା ଦେଶଗୁଡ଼ିକ ନିଜ ନିଜ ମଧ୍ୟରେ ଟେଷ୍ଟ ସିରିଜ ଖେଳନ୍ତି ଏବଂ ତାପରେ ଦୁଇ ବର୍ଷ ଶେଷରେ, ଡବ୍ଲୁଟିସି ପଏଣ୍ଟ ଟେବୁଲରେ ଶୀର୍ଷ-୨ରେ ଥିବା ଦଳଗୁଡ଼ିକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଏ। ଏପର୍ଯ୍ୟନ୍ତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ତିନୋଟି ଫାଇନାଲ ଅନୁଷ୍ଠିତ ହୋଇସାରିଛି ଏବଂ ତିନୋଟିଯାକ ଫାଇନାଲ ଇଂଲଣ୍ଡରେ ଖେଳାଯାଇଛି। ବର୍ତ୍ତମାନ ଡବ୍ଲୁଟିସିର ଚତୁର୍ଥ ଚକ୍ର ଖେଳାଯାଉଛି, ଯାହାର ଫାଇନାଲ ୨୦୨୭ରେ ହେବଛ ତେବେ ଏ ସଂପର୍କରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏକ ବଡ଼ ଘୋଷଣା କରିଛି।

ଆଇସିସି ନିଶ୍ଚିତ କରିଛି ଯେ ପରବର୍ତ୍ତୀ ତିନୋଟି ଡବ୍ଲୁଟିସି ଫାଇନାଲ ଇଂଲଣ୍ଡ ମାଟିରେ ଅନୁଷ୍ଠିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ୨୦୨୭ର ଫାଇନାଲ ଭାରତରେ ଅନୁଷ୍ଠିତ ହୋଇପାରିବ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା, କିନ୍ତୁ ଏହି ଘୋଷଣା ସହ ଏସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

ଆଇସିସି ଏହାର ପ୍ରେସ୍ ରିଲିଜରେ ସୂଚନା ଦେଇଛି ଯେ କେବଳ ୨୦୨୭ ନୁହେଁ ପରବର୍ତ୍ତୀ ଦୁଇଟି ଡବ୍ଲୁଟିସି ଫାଇନାଲ (୨୦୨୯ ଏବଂ ୨୦୩୧) ଆୟୋଜନ କରିବାର ଅଧିକାର ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡକୁ ଦିଆଯାଇଛି। ଏପରି ପରିସ୍ଥିତିରେ, ଆଇସିସି ନିଶ୍ଚିତ କରିଛି ଯେ ପରବର୍ତ୍ତୀ ତିନୋଟି ଡବ୍ଲୁଟିସି ଫାଇନାଲ ଇଂଲଣ୍ଡ ମାଟିରେ ଅନୁଷ୍ଠିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ୨୦୨୭ର ଫାଇନାଲ ଭାରତରେ ଅନୁଷ୍ଠିତ ହୋଇପାରିବ ବୋଲି ପୂର୍ବରୁ ବହୁତ ଆଲୋଚନା ହେଉଥିଲା, କିନ୍ତୁ ଏହି ଘୋଷଣା ସହ ଏସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ଆହତ ଆକାଶ ଦୀପଙ୍କ ପାଇଁ ଚିନ୍ତା ବଢ଼ିଲା




ମାଞ୍ଚେଷ୍ଟର, ୨୦।୭ (ଏଜେନ୍ସି) : ଚତୁର୍ଥ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳ ପାଇଁ ଖେଳାଳିଙ୍କ ଆହତ ସମସ୍ୟା ଗମ୍ଭୀର ହୋଇଛି। ରିଷଭ ପନ୍ତ, ଅର୍ଶଦୀପଙ୍କ ପରେ ଏବେ ମ୍ୟାଚ ୱିନର ବୋଲର ଆକାଶ ଦୀପ ଆହତ ହେବା ଭାରତୀୟ ଦଳର ଚିନ୍ତାକୁ ଦୁଇଗୁଣିତ କରିଛି। ଅର୍ଶଦୀପଙ୍କ ପରେ ଆକାଶ ଦୀପ ମଧ୍ୟ ମାଞ୍ଚେଷ୍ଟର ଟେଷ୍ଟରୁ ବାଦ ପଡିବାକୁ ଯାଉଛନ୍ତି। ଭାରତୀୟ ଦଳ ଲର୍ଡ୍ସ ଟେଷ୍ଟରେ ୨୨ ରନରେ ହାରିବା ପରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨-୧ରେ ପଛୁଆ ରହିଛି। ଶୃଙ୍ଖଳାକୁ ବରାବର କରିବା ପାଇଁ ଟିମ୍ ଇଣ୍ଡିଆ ମାଞ୍ଚେଷ୍ଟର ଟେଷ୍ଟ ଜିତିବା ଜରୁରୀ ହୋଇପଡିଛି। ତେବେ ଏହି ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ଆହତ ସମସ୍ୟା ଭ୍ରମଣକାରୀ ଦଳର ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ ପାଇଁ ବାଧ କରିଛି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ମ୍ୟାଚ ଖେଳିଥିବା ଆକାଶ ଦୀପ ଗ୍ରୋଇନ ଇଞ୍ଜୁରୀର ସମ୍ମୁଖୀନ ହୋଇଛନ୍ତି। ଲର୍ଡ୍ସ ଟେଷ୍ଟ ସମୟରେ ଆକାଶ ଦୀପଙ୍କ ପିଠିରେ ସମସ୍ୟା ଦେଖାଦେଇଥିଲା। ସେ ମ୍ୟାଚର ଚତୁର୍ଥ ଦିନ ଯନ୍ତ୍ରଣା ଅନୁଭବ କରିଥିଲେ । ତୃତୀୟ ଟେଷ୍ଟରେ ଆକାଶ ଦୀପ ମାତ୍ର ଗୋଟିଏ ୱିକେଟ୍ ହାସଲ କରିଥିଲେ । ଦ୍ୱିତୀୟ ଟେଷ୍ଟରେ ୧୦ ୱିକେଟ୍ ନେଇ ଦଳ ବିଜୟୀରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଜୁଲାଇ ୨୩ରୁ ଭାରତ-ଇଂଲଣ୍ଡ ମାଞ୍ଚେଷ୍ଟର ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ଏହି ମ୍ୟାଚ ପାଇଁ ଆକାଶ ଦୀପ ସମ୍ପୂର୍ଣ୍ଣ ପ୍ରସ୍ତୁତ ନାହାଁନ୍ତି। ଏହା ପୂର୍ବରୁ ଅଭ୍ୟାସ ସେସନ୍‌ରେ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ବାମ ହାତରେ ଆଘାତ ଲାଗିଥିଲା। ଏହି ଦୁଇ ବୋଲରଙ୍କ ବ୍ୟତୀତ ୱିକେଟ୍ କିପର ବ୍ୟାଟର ରିଷଭ ପନ୍ତ ମଧ୍ୟ ଆହତ ଅଛନ୍ତି। ୱିକେଟ୍ କିପର ଭାବେ ଖେଳିବା ନେଇ ସନ୍ଦେହ ରହିଛି। ଆକାଶ ଦୀପ ଓ ଅର୍ଶଦୀପ ଆହତ ହେବା ପରେ ଯଶପ୍ରୀତ ବୁମରାଙ୍କ ଖେଳିବା ନିଶ୍ଚିତ । କାରଣ ଦଳ ପାଖରେ ଅଧିକ ବିକଳ୍ପ ନାହିଁ। ପ୍ରସିଦ୍ଧ କ୍ରୀଷ୍ଣା ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଏହି କାରଣରୁ ତାଙ୍କୁ ତୃତୀୟ ଟେଷ୍ଟରୁ ବାଦ ଦିଆଯାଇଥିଲା। ଦଳର ଆହତ ବୋଲରଙ୍କ ସଂଖ୍ୟା ବଢିବା କାରଣରୁ ଆକାଶ ଦୀପ ଓ ଅର୍ଶଦୀପ ସିଂଙ୍କ କଭର ଖେଳାଳି ଭାବେ ଦ୍ରୁତ ବୋଲର ଅଂଶୁଲ କମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି।

## ମାଞ୍ଚେଷ୍ଟରରେ ପ୍ରଥମ ଥର ଖେଳିବେ ୧୦ ଭାରତୀୟ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି) : ଭାରତ - ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ଶୃଙ୍ଖଳାର ଚତୁର୍ଥ ମ୍ୟାଚ ୨୩ ତାରିଖରୁ ମାଞ୍ଚେଷ୍ଟରରେ ଆରମ୍ଭ ହେବ। ୧-୨ରେ ପଛୁଆ ଥିବା ଭାରତ ଏହି ମ୍ୟାଚ ଜିତିବା ଲକ୍ଷ୍ୟରେ ରହିଛି। ତେବେ ସବୁଠୁ ମଜାଦାର କଥା ହେଉଛି। ଓଲ୍ଡ ଟ୍ରାଫୋର୍ଡରେ ଭାରତର ୧୦ ଜଣ ଖେଳାଳି ଡେବ୍ୟୁ କରିବାକୁ ଯାଉଛନ୍ତି। ଦଳର ସଦସ୍ୟ ରବିନ୍ଦ୍ର ଜାଡେଜା ପୂର୍ବରୁ ଏଠାରେ ମ୍ୟାଚ ଖେଳିଛନ୍ତି। ତାଙ୍କୁ ବାଦ ଦେଲେ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁଣ ନାଏର, ଶୁଭମନ୍ ଗିଲ୍ , ରିଷଭ ପନ୍ତ, ନୀତିଶ କୁମାର ରେଡ୍ଡି, ୱାଶିଂଟନ୍ ସୁନ୍ଦର, ଯଶପ୍ରୀତ ବୁମରା, ଆକାଶ ଦୀପ ଓ ମହମ୍ମଦ ସିରାଜ ଏଠାରେ ପ୍ରଥମ ଥର ମ୍ୟାଚ ଖେଳିବେ।

ଓଲ୍ଡ ଟ୍ରାଫୋର୍ଡରେ ଭାରତ ଗୋଟିଏ ବି ମ୍ୟାଚ ଜିତିନାହିଁ। ୧୯୩୬ରେ ଭାରତ ପ୍ରଥମ ଥର ପାଇଁ ଟେଷ୍ଟ ମ୍ୟାଚ ଖେଳିଥିଲା।ଏଠାରେ ଭାରତ ଖେଳିଥିବା ୯ ଟି ମ୍ୟାଚ ମଧ୍ୟରୁ ୪ ଟି ହାରିଥିବା ବେଳେ ୫ ଟି ମ୍ୟାଚ ଡ୍ର ରହିଛି। ୨୦୧୪ରେ ଟିମ୍ ଇଣ୍ଡିଆ ଶେଷ ଥର ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିଥିଲା। ଇଂଲଣ୍ଡ ଏହି ମ୍ୟାଚକୁ ଇନିଂସ ଓ ୫୪ ରନ୍ ବ୍ୟବଧାନରେ ଜିତିଥିଲା।

# ଶ୍ରୀଲଙ୍କାକୁ ଝଟକା ଦେଇପାରେ ବିସିସିଆଇ




ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳ ଆସନ୍ତା ମାସରେ ବାଂଲାଦେଶ ଗସ୍ତକୁ ରାଜନୈତିକ ଅସ୍ଥିରତା କାରଣରୁ ରଦ୍ଦ କରିଛି। ଏହି ଗସ୍ତରେ ଭାରତ ୩ ଟି ଦିନିକିଆ ଓ ୩ ଟି ଟି-୨୦ ମ୍ୟାଚ ଖେଳିଥାଆନ୍ତା। ଗସ୍ତ ବାତିଲ ହେବା ପରେ ଶ୍ରୀଲଙ୍କା ବୋର୍ଡ ଏଭଳି ଏକ ଶୃଙ୍ଖଳା ଆୟୋଜନ କରିବା ପ୍ରସ୍ତାବ ଦେଇଥିଲା। କେତେକ ମିଡିଆ ରିପୋର୍ଟ ଅନୁସାରେ ବିସିସିଆଇ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛି। ଏଥିଯୋଗୁଁ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ଏହି ଶୃଙ୍ଖଳା ନହେଲେ ରୋହିତ ଓ ବିରାଟଙ୍କୁ ପଡିଆରେ ଦେଖିବା ସମ୍ଭବ ହେବ ନାହିଁ। ଉଭୟ ଟେଷ୍ଟ ଏବଂ ଟି-୨୦ ଅବସର ଘୋଷଣା କରିସାରିଛନ୍ତି ରୋହିତ ଓ ବିରାଟ କୋହଲି। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଶ୍ରୀଲଙ୍କା ବୋର୍ଡ କହିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଏ ପ୍ରସ୍ତାବରେ ଆଗ୍ରହ ଦେଖାଇଛି । ତେବେ କୌଣସି ନିଷ୍ପତ୍ତି ହୋଇନାହିଁ। ଯଦି ଉଭୟ ଶୃଙ୍ଖଳା ବାତିଲ ହୋଇଯାଏ ତେବେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଅଷ୍ଟ୍ରେଲିଆ ଓ ଦ. ଆଫ୍ରିକା ଶୃଙ୍ଖଳା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ୨୦୨୫ ମାର୍ଚ୍ଚ ୯ରେ ଉଭୟ ଚାମ୍ପିଅନ୍ ଟ୍ରଫି ଫାଇନାଲ ଖେଳିଥିଲେ।

# ରାଜ୍ୟ ସ୍କୁଲ ଓପନ ଚେସ୍

## ଉଦୟକାନ୍ତ ବିଜେତା




ଭୁବନେଶ୍ୱର, ୨୦।୭(ସବ୍ୟୁ) : ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସାନ୍ତନୁ ଇଏମ୍ ସ୍କୁଲର ଛାତ୍ର ଉଦୟକାନ୍ତ ନାୟକ ଚାମ୍ପିଅନ ହୋଇଛନ୍ତି। ଚନ୍ଦ୍ରଶେଖର ଡିଏଭି ସ୍କୁଲର ସାତ୍ତ୍ୱିକ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଲୟଲା ସ୍କୁଲର ମନୀଷା ମିଶ୍ର ତୃତୀୟ ଓ ଶୁଭମ୍ ପ୍ରତିକ ମିଶ୍ର ଚତୁର୍ଥ ଏବଂ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଆଦ୍ୟଅଦ୍‌ଭିତ୍ ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ତଥା ୭ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟାଇମ୍ସ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖା ମୁଖ୍ୟ ସୁଦେଷ୍ଣା ନନ୍ଦ ଓ ବିଶ୍ୱଜିତ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୋଟ ୨୯ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଉଦୟକାନ୍ତଙ୍କୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ମିଳିଛି। ଦ୍ୱିତୀୟ ସ୍ଥାନ ୭ ହଜାର, ତୃତୀୟ ସ୍ଥାନ ୫ ହଜାର, ଚତୁର୍ଥ ସ୍ଥାନ ୪ ହଜାର ଓ ପଞ୍ଚମ ସ୍ଥାନ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।

# ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଶାଖାରେ ବେଲ୍ଟ ପରୀକ୍ଷା



ଭୁବନେଶ୍ୱର, ୨୦।୭ (ଏଜେନ୍ସି) : ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଶାଖା ଭୁବନେଶ୍ୱରରେ ସୁକୋକାଇ କରାଟେର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବେଲ୍ଟରେ ମୋଟ ୩୮୬ ଉତ୍ତୀର୍ଣ୍ଣ ହୋଇଛନ୍ତି। ୟେଲୋ ବେଲ୍ଟରେ ୮୫ ଜଣ, ଅରେଞ୍ଜ୍ ବେଲ୍ଟରେ ୭୩ ଜଣ, ଗ୍ରୀନ୍ ବେଲ୍ଟରେ ୭୪ ଜଣ, ବ୍ଲୁ ବେଲ୍ଟରେ ୭୯ ଜଣ ଏବଂ ବ୍ରାଉନ୍ ବେଲ୍ଟରେ ୭୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ୟୁନିୟନ୍ ଇଣ୍ଡିଆର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକଙ୍କ ଏହି ଅନୁଷ୍ଠାନରେ ସେନସେଇ ଖାରବେଳ ମଲ୍ଲିକ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, ଅନୁପମା ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାରଣା, କ୍ରୀଷ୍ଣା ଶିକାରୀ, ମହେଶ ଡୋରା, କୃଷ୍ଣ ନାୟକ, ଭବବାନ ରେଡ୍ଡି, ସୁସମିନୀ ପାଲଟାସିଂ, ନ୍ୟାସା କୁମାରୀ, ରାହୁଲ ପ୍ରଧାନ, ଆଶିଷ ରାଉତ, ଗୋପାଳ ରାଓ, ମୋନାଲିସା ସାହୁ, ବ୍ରତତି ବିଶ୍ୱପ୍ରଭା ପତି, ରଜନୀ ବିଶି ଓ ସନ୍ଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରିଥିଲେ।

## ଜାତୀୟ ତାଇକୋଣ୍ଡୋ ଅନୁଗୁଳକୁ ୧୯ ପଦକ

ଅନୁଗୁଳ, ୨୦।୭ (ସବ୍ୟୁ) : ଚଳିତ ମାସ ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ପଞ୍ଚମ ଓପନ ଜାତୀୟ କରାଟେ ପ୍ରତିଯୋଗିତା କୋଲକାତାର ଶିବପୁର ଘାଟଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଅନୁଗୁଳ ଜିଲ୍ଲାରୁ ମୋଟ ୧୭ ଜଣ ଖେଳାଳି ଅଂଶ ଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ସହ ୧୯ ପଦକ ହାସଲ କରିଛନ୍ତି। ଅନୁଗୁଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ତାଇକୋଣ୍ଡୋ ସଂଘ ଅନୁଗୁଳର ସମ୍ପାଦକ ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ, ଜାତୀୟ ଖେଳାଳି ଶ୍ରୀୟାଶ୍ରୀ ପ୍ରଧାନ, ସ୍ୱାତିସ୍ୱାଗତିକା ଦାସ, ରଶ୍ମିତା ଶର୍ମା ଖେଳାଳିଙ୍କୁ ନେଇ କୋଲକାତା ଯାତ୍ରା କରିଥିଲେ। ଏହି ପଦକ ସଫଳତା ପାଇଁ ଅନୁଗୁଳ ଜିଲ୍ଲା ତାଇକୋଣ୍ଡୋ ସଂଘର ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାସ, ଉପଦେଷ୍ଟା ଓ ଆଇନଜୀବି ପ୍ରଦୀପ କୁମାର ବେବର୍ତ୍ତା ଖେଳାଳିଙ୍କୁ ଧନ୍ୟବାଦ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଏ ସମସ୍ତ ଖେଳାଳି ବାସନ୍ତୀ ଦୁର୍ଗା ଖେଳ ପଡିଆରେ ଦୁଷ୍ୟନ୍ତ କୁମାର ନାଥଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ : ବିଶ୍ୱଭାରତୀକୁ ହରାଇଲା ଗ୍ରୀନ୍ସ

ଭୁବନେଶ୍ୱର, ୨୦।୭ (ସବ୍ୟୁ) : ନୀଳାଦ୍ରି ବିହାର ସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଆୟୋଜିତ ଏକ ବନ୍ଧୁତାପୂର୍ଣ୍ଣ ୧୩ ବର୍ଷରୁ କମ୍ କ୍ରିକେଟ୍ ମ୍ୟାଚ୍‌ରେ ବିଶ୍ୱଭାରତୀ କ୍ରିକେଟ୍ ଏକାଡ଼େମିକୁ ୫ ୱିକେଟରେ ପରାସ୍ତ କରିଛି। ଗ୍ରୀନ୍ସ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଟିମ୍ ଗ୍ରୀନ୍ସ ୩୦ ଓଭର ମ୍ୟାଚ୍‌ରେ ବିବିସିଏର ମୃତ୍ୟୁଞ୍ଜୟ ୫୫ ରନ୍ (୫ ଚୌକା, ୧ ଛକା), ସନ୍ଦୀପ ୪୮ (୭ ଚୌକା, ୧ ଛକା)ଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱ ୨୬ ଓଭରରେ ୧୭୫ ରନ୍‌ରେ ଅଲ ଆଉଟ୍ ହୋଇଯାଇଥିଲା ଦଳ। ବିପକ୍ଷ ଦଳର ଆରବ ଗୁପ୍ତ ୩ଟି, ରଜତ ରାଉତ ୩ଟି, ସୂର୍ଯ୍ୟାଂଶୁ ରାଉତ ୨ଟି ଏବଂ ସଚିନ ରାଉତରାୟ ଗୋଟିଏ ୱିକେଟ୍ ହାସଲ କରିଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ କ୍ଲବର ଓପନର ସାଇ ସ୍ୱୟମ୍ ସାହୁ ୪୨ଟି ବଲ୍‌ରେ (୧୦ ଚୌକା, ଗୋଟିଏ ଛକା) ୫୦ ରନ୍ ଏବଂ ଅଧିନାୟକ ସରୋଜ ରଣା ଅପରାଜିତ ୫୨ ବଲରେ (୬ ଚୌକା) ସହାୟତାରେ ୩୮ ରନ କରିବା ଫଳରେ ୨୮ ଓଭରରେ ୫ ୱିକେଟ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲେ। ଧୂଆଁଧାର ୫୦ ରନ୍ ସଂଗ୍ରହ କରିଥିବା ସାଇ ସ୍ୱୟମ୍ ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

# ସାହାଣୀ କପ ଫୁଟବଲ

## ଅନୁଗୋଳ ଓ ଆରଏସପି ବିଜୟୀ



କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ରବିବାର ଦିନ ୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ଅନୁଗୋଳ ଜିଲ୍ଲା ଯାଜପୁର ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଆଜି ଅନୁଷ୍ଠିତ ଦ୍ୱିତୀୟ ଖେଳ ମଧ ସଂଘର୍ଷପୂର୍ଣ୍ଣ ତଥା ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝ ଏହି ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଘରୋଇ କେନ୍ଦୁଝର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ୩ଟି ମ୍ୟାଚରୁ ସମୁଦାୟ ୯ପଏଣ୍ଟ ହାସଲ କରି ପ୍ରଥମ ଦଳ ଭାବେ ଗ୍ରୁପ 'ବି ' ରୁ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି।

ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଗୋପାଳକ୍ରିଷ୍ଣା ପରିଡା ଏବଂ ଚତୁର୍ଭୁଜ ହୋତାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ପଣ୍ଡା ଏବଂ ବୀରେନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଅନୁଷ୍ଠିତ ପ୍ରଥମ ଖେଳରେ ଶୁଭମ ପାତ୍ର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ରତ୍ନାକର ସୋରେନ ସହାୟତା କରିଥିଲେ ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟର୍ଝର ଝ ସେହିପରି ଦ୍ୱିତୀୟ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ଉତ୍କଳମଣି ବେହେରା ସହାୟତା କରିଥିଲେ ଚତୁର୍ଥ ରେଫରୀ ଥିଲେ ଆଶୀର୍ବାଦ କାନୁନଗୋ ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ ।




# ୧୨ ବର୍ଷ ପରେ ଆରମ୍ଭ ହୋଇପାରେ ଚାମ୍ପିଅନ ଲିଗ୍ ଟି-୨୦

ନୂଆଦିଲ୍ଲୀ, ୨୦।୭(ଏଜେନ୍ସି) : ସମୟକ୍ରମେ ଟି-୨୦ କ୍ରିକେଟ୍ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ରିପୋର୍ଟ ମୁତାବକ ୧୨ ବର୍ଷ ପରେ ଚାମ୍ପିଅନ ଲିଗ୍ ପୁନର୍ବାର ଟି -୨୦ ଫର୍ମାଟରେ ଆରମ୍ଭ ହେବାକୁ ଯାଉଛି। ସିଙ୍ଗାପୁରରେ ଆଇସିସି ବୈଠକରେ ଏ ନେଇ ଆଲୋଚନା ହୋଇଛି। ଅଧିକାଂଶ କ୍ରିକେଟ୍ ଖେଳୁଥିବା ଦେଶରେ ଟି -୨୦ ଲିଗ୍ ଖେଳାଯାଉଛି। ଏହାକୁ ନେଇ ଚାମ୍ପିଅନ୍ ଲିଗ୍‌ର ପରକଳ୍ପନା କରାଯାଇଥିଲା। ଏହା ମଧ୍ୟ ସଫଳ ହେବା ସହ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲା। ୨୦୧୪ରେ ହଠାତ୍ ଏହି ଲିଗ୍ ବନ୍ଦ କରିଦିଆଯାଇଥିଲା। ଶେଷ ଥର ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗସ ଟାଇଟଲ ହାସଲ କରିଥିଲା।

ପୁନର୍ବାର ଏହି ଟ୍ରଫିର ରୂପରେଖ ପ୍ରସ୍ତୁତ କରିବା ପରେ ଆସନ୍ତା ବର୍ଷ ସେପ୍ଟେମ୍ବରରୁ ଏହା ଆରମ୍ଭ ହୋଇପାରେ । ୨୦୦୮ରେ ଏହି ଲିଗ୍ ଆରମ୍ଭ ହୋଇଥିଲା। ଏବେ ଆଇସିସି ସଦସ୍ୟ ଏହି ଲିଗ ଆରମ୍ଭ କରିବା ନେଇ ଆଗ୍ରହ ପ୍ରକାଶ କରିଥିବା ସିଡନୀ ମର୍ଣ୍ଣ ହେରାଲ୍ଡରେ ଖବର ପ୍ରକାଶ ପାଇଛି। ଏହି ଲିଗ କେତେକ ଷ୍ଟାର ଖେଳାଳିଙ୍କୁ ଅଡୁଆରେ ପକାଇଥାଏ। ସେମାନେ ଦୁଇ ଚାରୋଟି ଲିଗରେ ଖେଳୁଥିବାରୁ ଚାମ୍ପିଅନ ଲିଗରେ କାହା ପକ୍ଷରେ ଖେଳିବେ ତାହା ଏକ ସମସ୍ୟା ରହିବ।

# ଭାରତ -ପାକିସ୍ତାନ ଡବ୍ଲ୍ୟୁସିଏଲ ମ୍ୟାଚ ବାତିଲ




ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି) : ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ ମ୍ୟାଚ ବାତିଲ ହୋଇଛି। ଭାରତୀୟ ଖେଳାଳି ସେମାନଙ୍କ ନାମ ପ୍ରତ୍ୟାହାର କରିବା ପରେ ଆୟୋଜକ ଏହି ନିଷ୍ପତ୍ତି ନେଇଛନ୍ତି। ଡବ୍ଲ୍ୟୁସିଏଲ୍ ମଧ୍ୟ ଏହି ସମ୍ପର୍କରେ ସ୍ପଷ୍ଟିକରଣ ଦେଇଛି। ଭାରତୀୟ ପ୍ରଶଂସକ ଏହି ମ୍ୟାଚ ଆୟୋଜନକୁ ନେଇ କ୍ରୋଧିତ ଥିଲେ। ଶିଖର ଧାୱନ, ସୁରେଶ ରାଇନା ଏବଂ ହରଭଜନ ସିଂଙ୍କ ଭଳି ଖେଳାଳିମାନେ ଏହି ମ୍ୟାଚ ବର୍ଜନ କରିଥିବା ରିପୋର୍ଟ ଆସିଥିଲା। ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ସୁରେଶ ରାଇନା ଓ ଧାୱନ ଓ ହରଭଜନ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବା କାରଣରୁ ଆୟୋଜକଙ୍କୁ ବାଧ ହୋଇ ଏହି ମ୍ୟାଚକୁ ବାତିଲ କରିବାକୁ ପଡିଲା। ଟୁର୍ଣ୍ଣାମେଣ୍ଟରେ ଯୁବରାଜ ସିଂହଙ୍କ ନେତୃତ୍ୱାଧିନ ଦଳର ପ୍ରଥମ ମ୍ୟାଚ ଥିଲା। ଭାରତୀୟ ଦଳରେ ଶିଖର ଧାୱନ, ସୁରେଶ ରାଇନା, ରବିନ ଉତ୍‌ଥପା ଓ ଅମ୍ବାତି ରାଇଡୁଙ୍କ ଭଳି ବ୍ୟାଟର ଥିଲେ। ଡବ୍ଲ୍ୟୁସିଏଲ୍ ଏକ ବିବୃତିରେ କହିଛି ଯେ, ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଭଲି ବଲ ମ୍ୟାଚ ପରେ ଭାରତ -ପାକିସ୍ତାନ ମ୍ୟାଚ ସ୍ଥିର କରାଯାଇଥିଲା। ତଥାପି ମ୍ୟାଚ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଡବ୍ଲ୍ୟୁସିଏଲ୍ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଭାରତର ସମସ୍ତ ଖେଳାଳି ପାକିସ୍ତାନ ସହିତ ମ୍ୟାଚ ନଖେଳିବା ସପକ୍ଷରେ ଥିଲେ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି